ବଲିଉଡ୍‌ରେ ନୂଆ ରାବଣ

▸ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

◆VOLUME- 44 ◆ISSUE-88 ◆MONDAY ◆21 SEPTEMBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୮୮ ◆ସୋମବାର ◆୨୧ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ବିପଦରେ ସୁପର ପାୱାର

ଖର୍ଚ୍ଚ ହେଲାଣି ୪୫.୧ ବିଲିୟନ ଡଲାର; ତଥାପି ସରୁନି ଯୁଦ୍ଧ

ଚିନ୍ତାରେ ଆମେରିକା

ୱାଶିଂଟନ, ୨୦।୯ (ଏଜେନ୍ସି): ଦୀର୍ଘ ସାତ ମାସ ହେଲା ଯୁଦ୍ଧ ଚାଲିଛି। ବିଜୟ ମିଳିବାର ତ ସୂଚନା ମିଳୁନାହିଁ, କିନ୍ତୁ ଯୁଦ୍ଧ ଖର୍ଚ୍ଚ ଯେଉଁ ହିସାବରେ ବଢ଼ି ଚାଲିଛି, ତାହା ଆମେରିକା ଅର୍ଥନୀତିକୁ ଦୋହଲାଇବାକୁ ବସିଲାଣି। ଚଳିତ ବର୍ଷ ଫେବୃଆରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ଇରାନ ଯୁଦ୍ଧରେ ଆମେରିକା ପ୍ରଶାସନ ଏଯାଏଁ ପ୍ରାୟ ୪୫.୧ ବିଲିୟନ ଡଲାର ବ୍ୟୟ କରିସାରିଲାଣି। ଯୁଦ୍ଧ ଜାରି ରହିଲେ, ଏହି ପରିମାଣ ଆହୁରି ବୃଦ୍ଧି ପାଇବ। ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍‌ର ଆକଳନରୁ ଜଣାପଡ଼ିଛି ଯେ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଯୁଦ୍ଧ ସମ୍ପର୍କିତ ଖର୍ଚ୍ଚ ୪୩.୬ ବିଲିୟନ ଡଲାର ରହିଥିବା ବେଳେ ଅତିରିକ୍ତ ଇନ୍ଧନ ବାବଦରେ ଆଉ ୧.୫ ବିଲିୟନ ଡଲାର ବ୍ୟୟ ହୋଇଛି। ଏହି ଦୁଇଟି ରାଶିକୁ ମିଶାଇ ମୋଟ ଖର୍ଚ୍ଚ ୪୫.୧ ବିଲିୟନ ଡଲାରରେ ପହଞ୍ଚିଛି। ଏହି ନୂଆ ଆକଳନ ଆମେରିକାର କଂଗ୍ରେସନାଲ ବଜେଟ୍ ଅଫିସ୍ (ସିବିଓ)ର ପୂର୍ବ ଆକଳନଠାରୁ ଅଧିକ। ସିବିଓର ଆକଳନରେ ସାମରିକ ଅଭିଯାନ, ଯୁଦ୍ଧ ସାମଗ୍ରୀ ଓ ଯନ୍ତ୍ରପାତିର ପୁନଃଭରଣ, ଯୁଦ୍ଧରେ ନଷ୍ଟ ହୋଇଥିବା ଉପକରଣର ବଦଳ, ବିମାନ ଉଡ଼ାଣ ଏବଂ ଅଧିକ ଇନ୍ଧନ ବ୍ୟୟ ଆଦି ସାମିଲ ରହିଛି। ଯୁଦ୍ଧର ତୀବ୍ରତା ଅନୁଯାୟୀ ଆଗକୁ ଖର୍ଚ୍ଚ ଆହୁରି ବଢ଼ିପାରେ। ମେ' ଓ ଜୁନ୍ ମାସରେ ଯୁଦ୍ଧର ଯେଉଁ ତୀବ୍ରତା ଥିଲା, ତାହା ଜାରି ରହିଲେ ଆଉ ଏକ ମାସରେ ପ୍ରାୟ ୨ ବିଲିୟନ ଡଲାର ବ୍ୟୟ ହୋଇପାରେ। ଜୁଲାଇ ମାସର ତୀବ୍ରତାକୁ ଯୁଦ୍ଧ ଫେରିଲେ ମାସିକ ଖର୍ଚ୍ଚ ୩ ବିଲିୟନ ଡଲାର ଛୁଇଁପାରେ। ହିଂସା ବଢ଼ିଲେ ଏହି ଖର୍ଚ୍ଚ ଆହୁରି ଅଧିକ ହେବ ବୋଲି ସିବିଓ ଆକଳନ କରିଛି। ପେଣ୍ଟାଗନ୍‌ର ୪୫.୧ ବିଲିୟନ ଡଲାର ଆକଳନରେ କ୍ଷତିଗ୍ରସ୍ତ ସାମରିକ ଘାଟି ଓ କୋଠାବାଡ଼ିର ମରାମତି ଖର୍ଚ୍ଚ ସାମିଲ ନାହିଁ। ତେଣୁ ଯୁଦ୍ଧର ପ୍ରକୃତ ଆର୍ଥିକ ବୋଝ ଏହି ଆକଳନଠାରୁ ଅଧିକ ହୋଇପାରେ ବୋଲି କୁହାଯାଉଛି।

ଟ୍ରମ୍ପଙ୍କୁ ଧମକାଇଲା ଇରାନ

- ୭ ସର୍ତ୍ତ ମାନ; ନଚେତ୍ 'ନିର୍ଣ୍ଣାୟକ ଯୁଦ୍ଧ' ପାଇଁ ପ୍ରସ୍ତୁତ ହୁଅ
- ଆମେରିକାର ଉପସାଗରୀୟ ଦୂତାବାସ ପକ୍ଷରୁ ଆଲର୍ଟ ଜାରି

ତେହରାନ,୨୦।୯(ଏଜେନ୍ସି): ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଆମେରିକା ସହ ଆଲୋଚନା ଆରମ୍ଭ କରିବା ଲାଗି ଇରାନ ୭ଟି ସର୍ତ୍ତ ରଖିଥିବା ଜଣାପଡ଼ିଛି। କାତାର ମଧ୍ୟସ୍ଥତାରେ ଏହି ସର୍ତ୍ତଗୁଡ଼ିକ ଆମେରିକା ନିକଟରେ ପହଞ୍ଚାଯାଇଥିବା ଇରାନର ସୁପ୍ରିମ୍ ନ୍ୟାସନାଲ ସିକ୍ୟୁରିଟି କାଉନସିଲ୍‌ର ସଚିବ ମୋହସେନ ରେଜାଇ କହିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉତ୍ତରକୁ ତେହରାନ ଅପେକ୍ଷା କରିଥିବା ସେ କହିଛନ୍ତି। ରେଜାଇଙ୍କ ଅନୁସାରେ, ଇରାନର ପ୍ରମୁଖ ସର୍ତ୍ତ ମଧ୍ୟରେ ସବୁ ମୋର୍ଚ୍ଚାରେ ଯୁଦ୍ଧ ବନ୍ଦ, ବିଦେଶରେ ଅଟକି ରହିଥିବା ଇରାନୀ ପାଣ୍ଠି ମୁକ୍ତ କରିବା ଏବଂ ନୌସେନା ଅବରୋଧ ଶେଷ କରିବା ଅନ୍ତର୍ଭୁକ୍ତ। ସେ କହିଛନ୍ତି, ଆଲୋଚନା ଆରମ୍ଭ ପାଇଁ ଇରାନର ସର୍ତ୍ତ ନେଇ ତେହରାନର ଆଭିମୁଖ୍ୟ ସ୍ପଷ୍ଟ। ଆମେରିକା ଏହି ସର୍ତ୍ତ ଗ୍ରହଣ ନକଲେ ସେମାନେ ନିର୍ଣ୍ଣାୟକ ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହନ୍ତୁ। ସେ କହିଛନ୍ତି ଯେ ଆମେରିକାର ଯେକୌଣସି ଆକ୍ରମଣର କଡ଼ା ଜବାବ ଦେବାଲାଗି ତାଙ୍କର ସେନା ପ୍ରସ୍ତୁତ ରହିଛି। ଆମେରିକା ପୁଣି ଆକ୍ରମଣ କଲେ ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ଘାଟି ସହ ଆମେରିକୀୟ ବାଣିଜ୍ୟିକ ସ୍ୱାର୍ଥ ଓ କମ୍ପାନୀଗୁଡ଼ିକ ମଧ୍ୟ ଇରାନୀ ସେନାର ଟାର୍ଗେଟରେ ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହାସହ ଇରାନ ଚେତାବନୀ ଦେଇଛି ଯେ କୌଣସି ଦେଶ ଆମେରିକାକୁ ନିଜ ଘାଟି ବ୍ୟବହାର କରିବାକୁ ଦେଲେ ସେମାନଙ୍କୁ ଏହି ଆକ୍ରମଣରେ ସାମିଲ ବୋଲି ଧରାଯିବ ଏବଂ ସେମାନଙ୍କ ଉପରେ ପାଲଟା ଆକ୍ରମଣ କରାଯିବ।

ପରିସ୍ଥିତିର ଭୟାଭୟତା ଦୃଷ୍ଟିରୁ ଆମେରିକାର ବୈଦେଶିକ ବିଭାଗ ଜରୁରୀ ସୂଚନା ଜାରି କରିଛି। ଏହି ଯୁଦ୍ଧ ଅନ୍ୟ ଦେଶକୁ ବ୍ୟାପିବାର ସମ୍ଭାବନା ଥିବା କହି ଆମେରିକା ନିଜ ଦେଶ ନାଗରିକ ମାନଙ୍କୁ ତୁରନ୍ତ ମଧ୍ୟପ୍ରାଚ୍ୟ ଦେଶ ଗୁଡ଼ିକୁ ଛାଡ଼ିବାକୁ କହିଛି। ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶ ଯେପରିକି ଇସ୍ରାଏଲ୍, ସାଉଦି ଆରବ, ଇରାକ୍, କୁଏତ, ଲେବାନନ୍, ଜୋର୍ଡାନ, ବାହାରିନ୍, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ କାତାରରେ ଥିବା ଆମେରିକୀୟ ଦୂତାବାସଗୁଡ଼ିକ ମାଧ୍ୟମରେ ଜରୁରୀ ସୁରକ୍ଷା ଆଲର୍ଟ ଜାରି କରାଯାଇଛି। ଏହି ଦୂତାବାସଗୁଡ଼ିକ ନିଜ ନାଗରିକମାନଙ୍କୁ ସମ୍ଭାବ୍ୟ ବିମାନ ଯାତ୍ରା ବାତିଲ, ଆକାଶମାର୍ଗ ବନ୍ଦ ଏବଂ ଯାତ୍ରା ପ୍ରତିବନ୍ଧକ ସମ୍ପର୍କରେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଆବଶ୍ୟକ ସ୍ଥଳେ ଅଞ୍ଚଳ ଛାଡ଼ିବାକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି।

ଅନ୍ୟପକ୍ଷରେ, ସାଉଦି ଆରବ ଏବଂ ଇରାନ-ସମର୍ଥିତ ହୁତି ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ତୀବ୍ର ହେବାରେ ଲାଗିଛି। ହୁତି ବିଦ୍ରୋହୀମାନେ ଲୋହିତ ସାଗର ଉପକୂଳ ଏବଂ ବାବ୍-ଏଲ-ମାନ୍ଦେବ ପ୍ରଣାଳୀର କେତେକ ଗୁରୁତ୍ୱପୂର୍ଣ୍ଣ ଦ୍ୱୀପକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି।

ରୁଷ୍ ଉପରେ ଏକ ହଜାର ଡ୍ରୋନ୍ ଆକ୍ରମଣ

ୟୁକ୍ରେନର ସବୁଠାରୁ ବଡ଼ ଆକ୍ରମଣ
ଟାର୍ଗେଟରେ ତୈଳ ବିଶୋଧନାଗାର

ମସ୍କୋ,୨୦।୯(ଏଜେନ୍ସି): ରୁଷ୍‌ର ସଂସଦୀୟ ନିର୍ବାଚନର ଶେଷ ଦିନ ରବିବାର ମସ୍କୋ ସମେତ ବିଭିନ୍ନ ଅଞ୍ଚଳରେ ଶତାଧିକ ଡ୍ରୋନ୍ ଆକ୍ରମଣ ହୋଇଛି। ଆକ୍ରମଣରେ ଅନ୍ତତଃ ୩ ଜଣଙ୍କ ମୃତ୍ୟୁ ହୋଇଥିବା ରୁଷ୍ ଅଧିକାରୀମାନେ କହିଛନ୍ତି। ମସ୍କୋର ଏକ ବଡ଼ ତୈଳ ବିଶୋଧନାଗାର ଏହି ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି। ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍‌ଙ୍କ ଅନୁଯାୟୀ, ଶନିବାରଠାରୁ ରୁଷୀୟ ବାୟୁ ପ୍ରତିରକ୍ଷା ବାହିନୀ ୧,୬୦୦ରୁ ଅଧିକ ଡ୍ରୋନ୍ ଧ୍ୱଂସ କରିଛି। ଏଥିରୁ ପ୍ରାୟ ୪୫୦ଟି ମସ୍କୋ ଅଭିମୁଖେ ଆସୁଥିଲା। ଏକ ଡ୍ରୋନ୍ ୨୧ ମହଲା ବିଶିଷ୍ଟ ଆବାସିକ କୋଠାରେ ଆଘାତ କରିବାରୁ ଅଗ୍ନିକାଣ୍ଡ ଘଟିଥିଲା। ପ୍ରାୟ ୪୦୦ ଜଣଙ୍କୁ, ସେମାନଙ୍କ ମଧ୍ୟରେ ୭୦ ଶିଶୁଙ୍କୁ, ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ୨୦୨୨ ଫେବ୍ରୁଆରୀରେ ୟୁକ୍ରେନ ବିରୋଧରେ ପୂର୍ଣ୍ଣାଙ୍ଗ ଯୁଦ୍ଧ ଆରମ୍ଭ ପରେ ଏହା ରୁଷ ଉପରେ ୟୁକ୍ରେନର ଏହା ହେଉଛି ସବୁଠାରୁ ବଡ଼ ଧରଣର ଆକ୍ରମଣ। ୟୁକ୍ରେନ ରାଷ୍ଟ୍ରପତି ଏହାର ଭିଡିଓ ଜାରି କରି କହିଛନ୍ତି ଯେ ଯୁଦ୍ଧରେ ମାତିଥିବା ରୁଷର ଅର୍ଥନୀତିକୁ ଦୁର୍ବଳ କରିବା ହେଉଛି ଏହି ଆକ୍ରମଣର ଉଦ୍ଦେଶ୍ୟ। ଅନ୍ୟପକ୍ଷେରେ ରୁଷିଆରେ ନିର୍ବାଚନ ଚାଲିଥିବା ବେଳେ ୟୁକ୍ରେନ ଏଭଳି ଆକ୍ରମଣ କରିଛି। ନିର୍ବାଚନକୁ ଭଣ୍ଡୁର କରିବା ଲାଗି ୟୁକ୍ରେନ ଉଦ୍ୟମ କରିଛି, କିନ୍ତୁ ଏହା ସଫଳ ହୋଇନାହିଁ। ଏହି ଷଡ଼ଯନ୍ତ୍ରକୁ ବିଫଳ କରି ଦିଆଯାଇଛି ବୋଲି ରୁଷ୍ ଅଧିକାରୀମାନେ କହିଛନ୍ତି।

ପୁଲିସ ଅଧିକାରୀ ହତ୍ୟା ମାମଲା

ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ

ଚଣ୍ଡୀଗଡ଼,୨୦।୯(ଏଜେନ୍ସି): ପଞ୍ଜାବ ପୁଲିସର ସହକାରୀ ଉପନିରୀକ୍ଷକ ହରଜିତ ସିଂହଙ୍କ ହତ୍ୟା ମାମଲାରେ ଅଭିଯୁକ୍ତ ଦୀପକ ସିଂହ ଏନକାଉଣ୍ଟରରେ ନିହତ ହୋଇଛି। ଏହି ମାମଲାରେ ତାର ପାକିସ୍ତାନର ଜଣେ ଆତଙ୍କବାଦୀ ସହ ସମ୍ପର୍କ ଥିବା ନେଇ ତଦନ୍ତ ଚାଲିଛି। ପୁଲିସ ଅନୁସାରେ, ଅମୃତସରର ମୁଲଚକ ଅଞ୍ଚଳର ଦୀପକ ଓ ଅନ୍ୟ ଜଣେ ବ୍ୟକ୍ତି ଶୁକ୍ରବାର ରାତିରେ ବାଇକରେ ଆସି ଡ୍ୟୁଟିରେ ଥିବା ଏଏସଆଇ ହରଜିତ ସିଂହଙ୍କୁ ଗୁଳି କରିଥିଲେ। ଘଟଣାସ୍ଥଳରେ ତାଙ୍କ ସହଯୋଗୀ ମଧ୍ୟ ଥିଲେ। ସିସିଟିଭି ଫୁଟେଜ୍, ପ୍ରଯୁକ୍ତିଗତ ତଥ୍ୟ ବିଶ୍ଳେଷଣ ଓ ଗୁପ୍ତ ସୂଚନା ଆଧାରରେ ପୁଲିସ ଦୀପକଙ୍କୁ ଚିହ୍ନଟ କରିଥିଲା। ରାତି ପ୍ରାୟ ୯ଟା ୪୫ରେ ଏକ ଚେକ୍‌ପୋଷ୍ଟରେ ଦୁଇ ସନ୍ଦିଗ୍ଧଙ୍କୁ ଅଟକାଇବା ବେଳେ ସେମାନେ ପୁଲିସ ଉପରେ ଚାରି ରାଉଣ୍ଡ ଗୁଳି ଚଳାଇଥିବା ପୁଲିସ କହିଛି। ପାଲଟା ଗୁଳିରେ ୧୯ ବର୍ଷୀୟ ଦୀପକ ଆହତ ହୋଇଥିଲା। ଡାକ୍ତରଖାନାରେ ତାକୁ ମୃତ ଘୋଷଣା କରାଯାଇଥିଲା। ଘଟଣାସ୍ଥଳରୁ ପିସ୍ତଲ, ଦୁଇ ମାଗାଜିନ୍, ୮ଟି ଜୀବନ୍ତ ଗୁଳି, ମୋବାଇଲ୍ ଫୋନ୍ ଓ ଏକ ସ୍କୁଟର ଜବତ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ତଲାସୀ ଜାରି ରହିଛି। ତଦନ୍ତରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ ପାଇଁ ଟଙ୍କା ଦେବାକୁ ପ୍ରସ୍ତାବ ଦେଇଥିବା ତଥ୍ୟ ମିଳିଥିବା ପୁଲିସ କହିଛି।

ଗୁରୁଗ୍ରାମ ପିଜିରେ ସେକ୍ସ ରାକେଟ୍

ଗୁରୁଗ୍ରାମ,୨୦।୯(ଏଜେନ୍ସି): ହରିୟାଣାର ଗୁରୁଗ୍ରାମ ସେକ୍ଟର-୩୮ର ଏକ ପିଜିରେ ଚାଲିଥିବା ଦେହ ବ୍ୟବସାୟ ରାକେଟ୍‌ର ପୁଲିସ ପର୍ଦ୍ଦାଫାସ କରିଛି। ଗୁରୁଗ୍ରାମ ପୁଲିସ ଓ ହରିୟାଣା ରାଜ୍ୟ ମହିଳା ଆୟୋଗର ମିଳିତ ଚଢ଼ଉରେ ୧୩ ଜଣ ପୁରୁଷ ଓ ୮ ଜଣ ମହିଳାଙ୍କୁ ଅଟକ ରଖାଯାଇଛି। ଅଟକଙ୍କ ମଧ୍ୟରେ କିଛି ବିଦେଶୀ ନାଗରିକ ମଧ୍ୟ ଥିବା ଅଧିକାରୀମାନେ କହିଛନ୍ତି। ଶନିବାର ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯିବା ପରେ ତାଙ୍କଠାରୁ ମିଳିଥିବା ସୂଚନା ଆଧାରରେ ସେକ୍ଟର-୩୮ ସ୍ଥିତ ପିଜିରେ ଚଢ଼ଉ କରାଯାଇଥିଲା। ଏହି ମାମଲାରେ ଝର୍ସା ଗାଁର ସାହିଲ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରାଯାଇଛି। ସାହିଲ ହିଁ ରାକେଟ୍‌ର ମୁଖ୍ୟ ପରିଚାଳକ ବୋଲି ପୁଲିସ କହିଛି। ତଦନ୍ତ ଅନୁଯାୟୀ, ସାହିଲ ହ୍ୱାଟ୍ସଆପ୍ ଓ କିଛି ୱେବସାଇଟ୍ ମାଧ୍ୟମରେ ଏହି କାରବାର ଚଳାଉଥିବା ଅଭିଯୋଗ ହୋଇଛି। ଏଥିରେ ପ୍ରାୟ ୧୦ରୁ ୧୨ ଜଣ ସହଯୋଗୀ ସାମିଲ ଥିବା ପୁଲିସ କହିଛି। ଉଦ୍ଧାର ନାବାଳିକାଙ୍କୁ ଝର୍ସାସ୍ଥିତ ଏକ ସ୍ଥାନରେ ଜୋରଜବରଦସ୍ତି ରଖାଯାଇଥିବା ଅଭିଯୋଗ ମଧ୍ୟ ରହିଛି।

ପାୟଲ ମେହଟାଙ୍କ ପରଲୋକ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ବରିଷ୍ଠ ସାମ୍ବାଦିକ ପାୟଲ ମେହଟାଙ୍କର ଆଜି ଭୋରରେ ପରଲୋକ ହୋଇଯାଇଛି। ତାଙ୍କୁ

୪୬ ବର୍ଷ ହୋଇଥିଲା। ସିଏନଏନ୍-ନ୍ୟୁଜ ୧୮ରେ ଆସିଷ୍ଟାଣ୍ଟ ଏଡିଟର ଭାବେ କାର୍ଯ୍ୟରତ ଶ୍ରୀମତୀ ମେହଟା ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ମୁମ୍ବାଇ ଯାଇଥିଲେ। ଗତକାଲି ରାତି ୨ଟାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହସପିଟାଲ ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋର ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥସିଂହ, କଂଗ୍ରେସଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଶୋକ ପ୍ରକାଶ କରିଛନ୍ତି।

ନିର୍ବାଚନ ପୂର୍ବରୁ 'ଆରେଷ୍ଟ' ରାଜନୀତି

କଂଗ୍ରେସ ପ୍ରାର୍ଥୀଙ୍କ ପରେ ଗିରଫ ହେଲେ ସ୍ୱାଧୀନ ପ୍ରାର୍ଥୀ

କୋଲକାତା,୨୦।୯(ଏଜେନ୍ସି): ପଶ୍ଚିମବଙ୍ଗରେ ବିଧାନସଭାର ଦୁଇଟି ଆସନରେ ଉପନିର୍ବାଚନ ହେବାକୁ ଯାଉଥିବା ବେଳେ ରାଜ୍ୟ ସରକାର ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। ନନ୍ଦୀଗ୍ରାମରେ ସରକାରୀ ଚାପରେ ମମତାଙ୍କ ପ୍ରାର୍ଥୀ ଓହରିଯିବା ପରେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ ମମତା। ମମତାଙ୍କ ସମର୍ଥନ ଘୋଷଣା ପରେ ପୁଲିସ କଂଗ୍ରେସ ପ୍ରାର୍ଥୀଙ୍କୁ ଗିରଫ କରିଥିଲା। ଏହାର ଦୁଇ ଦିନ ପରେ ଆଜି ରେଜିନଗର ଆସନର ସ୍ୱାଧୀନ ପ୍ରାର୍ଥୀ ସୈଫୁଲ ଇସଲାମଙ୍କୁ ପୁଲିସ ଗିରଫ କରିଛି। ୨୦୨୧ ବିଧାନସଭା ନିର୍ବାଚନ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣାରେ ରୁଜୁ ହୋଇଥିବା ଏକ ପୁରୁଣା ମାମଲାରେ ସେ ଗିରଫ ହୋଇଛନ୍ତି।

ହୁମାୟୁନ କବିରଙ୍କୁ ନୋଟିସ

ବେରହାମପୁର ପୁଲିସର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୨୧ ନିର୍ବାଚନ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ସେହି ମାମଲାରେ ସୈଫୁଲଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ, ଦୁଇ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସୃଷ୍ଟି ପାଇଁ ଷଡ଼ଯନ୍ତ୍ର ଅଭିଯୋଗରେ ପୁଲିସ ଏଜେୟୁପି ମୁଖ୍ୟ ହୁମାୟୁନ କବୀରଙ୍କୁ ନୋଟିସ୍ ଜାରି କରିଛି। ସେପ୍ଟେମ୍ବର ୨୧ରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ତାଙ୍କୁ କୁହାଯାଇଛି। ଏହା ସହ ଦଳର ରାଜ୍ୟ ସମ୍ପାଦକ ଆଶିକ ଇକବାଲଙ୍କୁ ନକଲି ନୋଟ୍ ଓ ବେଆଇନ ଅସ୍ତ୍ରଶସ୍ତ୍ର ସହ ଗିରଫ କରାଯାଇଥିବା ପୁଲିସ କହିଛି।

ସୂଚନାଯୋଗ୍ୟ, ଅକ୍ଟୋବର ୬ରେ ନନ୍ଦୀଗ୍ରାମ ଓ ରେଜିନଗର ଆସନରେ ଉପନିର୍ବାଚନ ହେବ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ନନ୍ଦୀଗ୍ରାମ ସହ ଭବାନୀପୁର ଆସନରେ ବିଜୟୀ ହୋଇ ନନ୍ଦୀଗ୍ରାମ ଆସନ ଛାଡ଼ିଥିବାରୁ ସେଠାରେ ଉପନିର୍ବାଚନ ହେଉଛି।

ଆବୁଧାବି ବିମାନ ବାତିଲ; ଦିଲ୍ଲୀ ବିମାନବନ୍ଦରରେ ୨୦୦ ଯାତ୍ରୀ ଅଟକ

ନୂଆଦିଲ୍ଲୀ,୨୦।୯(ଏଜେନ୍ସି): ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଦିଲ୍ଲୀରୁ ଆବୁଧାବି ଯିବାକୁ ଥିବା ଇତିହାଦ୍ ଏୟାରୱେଜ୍‌ର ଏକ ବିମାନ ବାତିଲ ହୋଇଛି। ଫଳରେ ପ୍ରାୟ ୨୦୦ ଯାତ୍ରୀ ଦିଲ୍ଲୀ ବିମାନବନ୍ଦରରେ ଅଟକି ରହିଥିବା ଜଣାପଡ଼ିଛି। ଇତିହାଦ୍ ଇୱାଇ୨୧୭ ବିମାନଟି ଶନିବାର ରାତି ୯ଟା ୧୫ରେ ଦିଲ୍ଲୀରୁ ଆବୁଧାବି ଅଭିମୁଖେ ଉଡ଼ାଣ ଭରିବାର ଥିଲା। ଯାତ୍ରୀମାନେ ବିମାନରେ ବସିବା ପରେ କର୍ମଚାରୀମାନେ ବିମାନରେ ଯାନ୍ତ୍ରିକ ସମସ୍ୟା ଥିବା ସୂଚନା ଦେଇଥିଲେ। ଓ ୨୦୦ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। କିଛି ଘଣ୍ଟା ଅପେକ୍ଷା ପରେ ବିମାନଟି ବାତିଲ କରାଯାଇଥିବା ଘୋଷଣା ହୋଇଥିଲା। ଏଥିରେ ଯାତ୍ରୀମାନେ ବିକଳ୍ପ ଯାତ୍ରା ବ୍ୟବସ୍ଥା ଖୋଜିବାକୁ ବାଧ୍ୟ ହୋଇଥିଲେ। ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟ୍‌ରାଡାର୨୪ର ତଥ୍ୟ ଅନୁସାରେ, ଏହି ଉଡ଼ାଣ ପାଇଁ ବୋଇଂ ୭୮୭-୯ ବିମାନ ବ୍ୟବହାର ହେବାର ଥିଲା। ତେବେ ଯାନ୍ତ୍ରିକ ତ୍ରୁଟିର ପ୍ରକୃତ କାରଣ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

ନେପାଳ ବନ୍ୟା; ୪ ସପ୍ତାହ ପରେ ବି ୬ ହଜାରଙ୍କ ପତ୍ତା ମିଳୁନି

କାଠମାଣ୍ଡୁ,୨୦।୯(ଏଜେନ୍ସି): ନେପାଳ-ତିବ୍ବତ ସୀମା ନିକଟରେ ଗତ ଅଗଷ୍ଟ ୨୬ରେ ହୋଇଥିବା ଭୟଙ୍କର ଆକସ୍ମିକ ବନ୍ୟା ନେପାଳରେ ବ୍ୟାପକ ସଂହାର କରିଛି। ନେପାଳ ପୁଲିସ ଅନୁଯାୟୀ, ଏହି

ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟା ୧,୪୫୧ରେ ପହଞ୍ଚିଥିବା ବେଳେ ପ୍ରାୟ ୬,୦୦୦ ଲୋକ ଏବେ ବି ନିଖୋଜ ଅଛନ୍ତି। ପୁଣି ଚୀନ୍ ପାର୍ଶ୍ୱରେ ୪୩ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୫୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଏହି ଜଳ ପ୍ରଳୟରେ ଭୋଟେକୋଶୀ ନଦୀର ପ୍ରଖର ଜଳସ୍ରୋତ ଘରଦ୍ୱାର, ଯାନବାହନ, ରାସ୍ତାଘାଟ, ପୋଲ ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ଭସାଇ ନେଇଛି। ନଦୀପଥ, ଆବର୍ଜନା କ୍ଷେତ୍ର ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପ ଅଞ୍ଚଳରେ ଉଦ୍ଧାର ଓ ସନ୍ଧାନ କାର୍ଯ୍ୟ ଜାରି ରହିଛି। ରସୁୱାର ଅପର ତ୍ରିଶୂଳୀ-୧ ଜଳବିଦ୍ୟୁତ୍ ପ୍ରକଳ୍ପର ଏକ ସୁଡ଼ଙ୍ଗରୁ ୧୬ଟି ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ଗୁଡ଼ିକ ମାଟି ଓ ଜାଲି ଭିତରେ ଫସି ରହିଥିଲା। ସେଗୁଡ଼ିକୁ ଚିହ୍ନଟ କରିବା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। କାରଣ ପାଣି ଓ କାଦୁଅ ଯୋଗୁଁ ତଥା ଏତେ ଦିନ ବିତି ଯାଇଥିବାରୁ ମୃତଦେହ ଗୁଡ଼ିକ ଅତି ବିକୃତ ଅବସ୍ଥାରେ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୧୦ଟି ମୃତଦେହ ଚିହ୍ନଟ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରାୟ ୧,୩୦୦ ମୃତଦେହର ଡିଏନ୍‌ଏ ନମୁନା ସଂଗ୍ରହ କରାଯାଇଛି। ପରେ ଅଚିହ୍ନା ଶବ ଗୁଡ଼ିକୁ ଅସ୍ଥାୟୀ ଭାବେ ସମାଧି ଦିଆଯାଇଛି। ତ୍ରିଶୂଳୀ କରିଡରରେ ଅନେକ ଝୁଲାପୋଲ ନଷ୍ଟ ହୋଇଛି। ତେଣୁ ସ୍ଥାନୀୟ ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବାଧାପ୍ରାପ୍ତ ହୋଇଛି। ସରକାର ୧୨ଟି ଝୁଲାପୋଲର ମରାମତି ଆରମ୍ଭ କରିଛନ୍ତି। ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ୩୩ଟି ପୋଲର ପାଇଁ ଟେଣ୍ଡର ଆହ୍ୱାନ କରିଛନ୍ତି।

ଫ୍ଲାଏଓଭରରୁ ଓଲଟିଲା ଦ୍ରୁତଗାମୀ ବିଏମ୍‌ଡବ୍ଲ୍ୟୁ କାର୍; ୩ ମୃତ

ମୁମ୍ବଇ,୨୦।୯(ଏଜେନ୍ସି): ମୁମ୍ବଇର କୋଷ୍ଟାଲ ରୋଡ୍‌ରେ ରବିବାର ରାତି।।ରେ ଏକ ଦ୍ରୁତଗାମୀ ବିଏମ୍‌ଡବ୍ଲ୍ୟୁ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁସାରେ, ଭୋର ପ୍ରାୟ ୫ଟା ୨୦ ମିନିଟ୍‌ରେ କାର୍‌ଟି ମେରାଇନ୍ ଡ୍ରାଇଭ୍‌ରୁ ହାଜି ଅଲୀ ଅଭିମୁଖେ ଯାଉଥିଲା। ଲାଲା ଲଜପତରାୟ କଲେଜ ସମ୍ମୁଖରେ ଲୋଟସ୍ ଜେଟି ନିକଟରେ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବା ପରେ କାରଟି ଫ୍ଲାଇଓଭରରୁ ତଳକୁ ଦ୍ରୁତ ବେଗରେ ଖସିପଡ଼ିଥିଲା। ଦୁର୍ଘଟଣା ପରେ କାର୍‌ରେ ଥିବା ସମସ୍ତ ୪ ଜଣଙ୍କୁ ତୁରନ୍ତ ନିକଟସ୍ଥ ନାୟର ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ୩ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ମୃତକଙ୍କ ମଧ୍ୟରୁ ୨୧ ବର୍ଷୀୟ ଶନାୟ ଗଜ୍ଜଲ ଏବଂ ୧୭ ବର୍ଷୀୟ ଧୃର୍ଯ୍ୟ ସେଠ୍‌ଙ୍କ ପରିଚୟ ମିଳିଛି। ପ୍ରାୟ ୨୫ ବର୍ଷ ବୟସର ଅନ୍ୟ ଜଣେ ଯୁବକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅନ୍ୟ ଜଣେ ପ୍ରାୟ ୨୦ ବର୍ଷୀୟ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ହସ୍ପିଟାଲର ଟ୍ରମା ୱାର୍ଡରେ ଚିକିତ୍ସା କରାଯାଉଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ମୁମ୍ବଇର କୋଷ୍ଟାଲ ରୋଡ୍ ପ୍ରାୟ ୧୦.୫୮ କିଲୋମିଟର ଲମ୍ବା ଏକ ଦ୍ରୁତଗାମୀ ସଡ଼କ। ଏହା ଦକ୍ଷିଣ ମୁମ୍ବାଇର ମେରାଇନ୍ ଡ୍ରାଇଭ୍‌କୁ ବାନ୍ଦ୍ରା-ୱର୍ଲି ସି ଲିଙ୍କ୍‌ର ୱର୍ଲି ପ୍ରାନ୍ତ ସହ ସଂଯୋଗ କରେ।

ଡିଭାଇଡର୍‌ରେ ପିଟିହେଲା କାର୍; ଜିଅନ୍ତା ଜଳିଗଲେ ନ୍ୟୁରୋ ସର୍ଜନ

ହାଇଦରାବାଦ, ୨୦।୯ (ଏଜେନ୍ସି): ତେଲଙ୍ଗାନାର ସୂର୍ଯ୍ୟାପେଟ ଜିଲ୍ଲାରେ ରବିବାର ସଡ଼କ ଦୁର୍ଘଟଣାରେ ଖମ୍ମାମର ଜଣେ ନ୍ୟୁରୋସର୍ଜନ ଜୀବନ୍ତ ଦଗ୍ଧ ହୋଇଛନ୍ତି। ପିଲ୍ଲାଲାମାରି ନିକଟରେ ଜାତୀୟ ରାଜପଥ-୩୬୫ ବିବିରେ ତାଙ୍କ କାର୍ ଡିଭାଇଡରରେ ପିଟି ହେବା ପରେ ହଠାତ୍ ନିଆଁ ଲାଗିଯାଇଥିଲା। ମୃତ ଡାକ୍ତର କେ.ଜଗଦୀଶ ବାବୁ ବୋଲି ପୁଲିସ ଚିହ୍ନଟ କରିଛି। ସେ ଖମ୍ମାମର ଏକ ଘରୋଇ ମେଡିକାଲ କଲେଜର ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ଥିବା ସହ ନ୍ୟୁରୋସର୍ଜନ ଭାବେ କାର୍ଯ୍ୟ କରୁଥିଲେ। ପୁଲିସ କହିବା ଅନୁଯାୟୀ, ସକାଳ ପ୍ରାୟ ୭.୧୫ରେ ଜଗଦୀଶ ବାବୁ ଖମ୍ମାମରୁ ହାଇଦ୍ରାବାଦ ଯାଉଥିଲେ। ହାଇଦ୍ରାବାଦରେ ତାଙ୍କ ପରିବାର ରହୁଥିବା ଜଣାପଡ଼ିଛି। ପିଲ୍ଲାଲାମାରି ନିକଟରେ କାର୍‌ଟି ଡିଭାଇଡରରେ ପିଟି ହେବା ପରେ ନିଆଁ ଲାଗିଥିଲା। ନିଦ୍ରାଭାବ ଯୋଗୁଁ ଡାକ୍ତର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥାଇପାରନ୍ତି ବୋଲି ପ୍ରାଥମିକ ଭାବେ ପୁଲିସ ସନ୍ଦେହ କରୁଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ନେଇ ତଦନ୍ତ ଜାରି ରହିଛି। ଦୁର୍ଘଟଣା ପରେ କିଛି ମିନିଟ୍ ମଧ୍ୟରେ ନିଆଁ ସମଗ୍ର କାର୍‌କୁ ଗ୍ରାସିଯାଇଥିଲା। ଫଳରେ ଭିତରେ ଫସି ରହିଥିବା ଡାକ୍ତରଙ୍କୁ ବାହାର କରାଯାଇପାରିନଥିଲା। ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯିବା ସହ ତାଙ୍କ ଶରୀର ମଧ୍ୟ ଗୁରୁତର ଭାବେ ଦଗ୍ଧ ହୋଇଥିଲା। ଘଟଣାସ୍ଥଳରେ ପହଞ୍ଚି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଶରୀର ଅତ୍ୟଧିକ ଦଗ୍ଧ ହୋଇଥିବାରୁ ପ୍ରାଥମିକ ଭାବେ ମୃତକଙ୍କ ପରିଚୟ ଜାଣିବାରେ ସମସ୍ୟା ହୋଇଥିଲା। ପରେ

ତାଙ୍କୁ ଡାଜଗଦୀଶ ବାବୁ ବୋଲି ଚିହ୍ନଟ କରାଯାଇଥିଲା। ସୂର୍ଯ୍ୟାପେଟର କିଛି ଡାକ୍ତର ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ମୃତଦେହକୁ ସୂର୍ଯ୍ୟାପେଟ ସରକାରୀ ସାଧାରଣ ହସ୍ପିଟାଲକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା। ପୁଲିସ ପରିବାରବର୍ଗଙ୍କୁ ଘଟଣା ସମ୍ପର୍କରେ ଜଣାଇଛି।

ଉତ୍ତରାଖଣ୍ଡରେ ଦ୍ରୁତ ତରଳୁଛି ହିମଖଣ୍ଡ

ଡେରାଡୁନ,୨୦।୯(ଏଜେନ୍ସି): ଉତ୍ତରାଖଣ୍ଡର କେନ୍ଦ୍ରୀୟ ହିମାଳୟ ଅଞ୍ଚଳରେ ହିମଖଣ୍ଡଗୁଡ଼ିକ ଦ୍ରୁତ ଗତିରେ ତରଳୁଛି। ଏକ ନୂଆ ଅଧ୍ୟୟନ ଅନୁସାରେ, ଏଠାରେ ହିମଖଣ୍ଡଗୁଡ଼ିକ ବର୍ଷକୁ ହାରାହାରି ୨୩.୨୩ ମିଟର କ୍ଷୟ ହେବାରେ ଲାଗିଛି। କେତେକ ହିମବାହରେ ଏହି ହାର ୮୮ ମିଟର ପର୍ଯ୍ୟନ୍ତ ରହିଛି। ତାପମାତ୍ରା ବୃଦ୍ଧି ସହ ହିମଖଣ୍ଡର ଗଠନ ଓ ଭୂପୃଷ୍ଠର ପ୍ରକୃତି ଏହାର ପ୍ରମୁଖ କାରଣ ବୋଲି ଅଧ୍ୟୟନରେ କୁହାଯାଇଛି। ୧୯୯୦ରୁ ୨୦୨୪ ପର୍ଯ୍ୟନ୍ତ ତଥ୍ୟ ଓ ଉପଗ୍ରହ ଚିତ୍ର ବିଶ୍ଳେଷଣ କରି ଏହି ଅଧ୍ୟୟନ କରାଯାଇଛି। ଅଧ୍ୟୟନ ଅନୁସାରେ,



ତୁଷାର ଗଚ୍ଛିତ ଓ ବରଫ ତରଳିବା ମଧ୍ୟର ସୀମାରେଖା ଅର୍ଥାତ୍ 'ଇକ୍ୱିଲିବ୍ରିୟମ୍ ଲାଇନ୍ ଅଲ୍ଟିଚ୍ୟୁଡ୍' କେତେକ ଅଞ୍ଚଳରେ ୨୦୦୦ ପରଠାରୁ ପ୍ରାୟ ୫୦୦ ମିଟର ଉପରକୁ ଉଠିଛି। ସ୍ୱଚ୍ଛ ବରଫ ଥିବା ହିମଖଣ୍ଡ ଅଧିକ ଦ୍ରୁତ ତରଳୁଥିବା ବେଳେ, ମୋଟା ଆବର୍ଜନା ସ୍ତରରେ ଢାଙ୍କିଥିବା ହିମଖଣ୍ଡରେ ତରଳିବା ହାର ତୁଳନାତ୍ମକ ଭାବେ କମ୍ ରହୁଛି। ଟେହରି ଗଢ଼ୱାଲର ଖାତଲିଙ୍ଗ ହିମଖଣ୍ଡ ବର୍ଷକୁ ପ୍ରାୟ ୮୮ ମିଟର ପଛକୁ ହଟୁଥିବା ଅଧ୍ୟୟନରେ ଉଲ୍ଲେଖ ରହିଛି। ଦକ୍ଷିଣମୁଖୀ ହିମଖଣ୍ଡ ସୂର୍ଯ୍ୟକିରଣର ଅଧିକ ପ୍ରଭାବ ଯୋଗୁଁ ଉତ୍ତରମୁଖୀ ହିମଖଣ୍ଡ ତୁଳନାରେ ଅଧିକ ସଙ୍କୁଚିତ ହେଉଛି। ହିମବାହର ଏହି ପରିବର୍ତ୍ତନ ଗଙ୍ଗା ଅବବାହିକାର ଜଳ ସୁରକ୍ଷା, ଭୂପୃଷ୍ଠୀୟ ବିପଦ ଓ ଭବିଷ୍ୟତ ଜଳ ଉପଲବ୍ଧତା ଉପରେ ପ୍ରଭାବ ପକାଇପାରେ। ଗବେଷକମାନେ ଉପଗ୍ରହ ରାଡାର, ଡ୍ରୋନ ଓ କ୍ଷେତ୍ରସ୍ତରୀୟ ସର୍ବେକ୍ଷଣ ମାଧ୍ୟମରେ ନିୟମିତ ନିରୀକ୍ଷଣର ଆବଶ୍ୟକତା ଦର୍ଶାଇଛନ୍ତି।

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-88 ◆MONDAY ◆21 SEPTEMBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୮୮ ◆ସୋମବାର ◆୨୧ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ଆରମ୍ଭ ହେଲା ଏଆଇ ଯୁଦ୍ଧ

■ ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଟେକ୍ ଦୁନିଆରେ ଏକ ଆଶ୍ଚର୍ଯ୍ୟଚକିତ ମାମଲା ସାମ୍ନାକୁ ଆସିଛି। ମାମଲା ଚାଟ୍‌ଜିପିଟି ନିର୍ମାତା ଓପନ୍ ଏଆଇ ଓ ଆନ୍ଥ୍ରୋପିକକୁ ନେଇ। ଏଥିରେ ଗୁଗୁଲର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମଡେଲ୍ ଜେମିନି କୌଣସି ମାନବ ସହାୟତା ବିନା ସାଇବର ସୁରକ୍ଷା ପରୀକ୍ଷା ସମୟରେ ତିନୋଟି କମ୍ପାନୀର କମ୍ପ୍ୟୁଟିଂ ସିଷ୍ଟମ ଏବଂ ୱେବସାଇଟ୍ ହ୍ୟାକ୍ କରିଛି।ସାଇବରଗବେଷକ ଓପନ ଏଆଇକୁ ହ୍ୟାକ୍ କରିବା ପାଇଁ ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଆନ୍ଥ୍ରୋପିକର ସଫ୍ଟୱେର ଉପଯୋଗ କରିଛନ୍ତି। ହ୍ୟାକିଂ ପରେ ଚାଟ୍ ଜିପିଟି ନିର୍ମାତା ଓପନ୍ ଏଆଇର ନିରାପତ୍ତା ପ୍ରଣାଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଇବର ସିକ୍ୟୁରିଟି ଗବେଷକମାନଙ୍କର ଏକ ଛୋଟ ସମୂହ ଓପନ୍ ଏଆଇର ଚାଟ୍ ବଟ୍ ଚାଟ୍ ଜିପିଟିର ଏକ ଆକାଉଣ୍ଟ ହ୍ୟାକ୍ କଲେ। ଏହା ଚାଟ୍ ଜିପିଟିର ଜଣେ କର୍ମଚାରୀଙ୍କର ଥିଲା। ହ୍ୟାକ୍ ପରେ ଆକାଉଣ୍ଟର ମେସେଜ୍ ପଢ଼ି ହେଉଛି। ହ୍ୟାକିଂ ପାଇଁ ଗବେଷକଙ୍କୁ ଆନ୍ଥ୍ରୋପିକର ଏକ ସ୍ୱତନ୍ତ୍ର ଟୁଲର ଉପଯୋଗ କରିବାକୁ ଦିଆଗଲା,ଯାହାକୁ ଖାସ୍ କରି ସାଇବର ସୁରକ୍ଷା ଅଧିକାରୀଙ୍କ ପାଇଁ ପ୍ରସ୍ତୁତ ▶ପୃଷ୍ଠା-୭

ଚାଟ୍ ଜିପିଟିକୁ ହ୍ୟାକ୍ କଲା ଆନ୍ଥ୍ରୋପିକ୍

ଏଆଇର ତ୍ରୁଟି

ଚୀନ୍ ଜାହାଜକୁ ଆକ୍ରମଣ କରିଥା'ନ୍ତା ଆମେରିକା

■ ୱାଶିଂଟନ୍, ୨୦।୯ (ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପରେ ଅତ୍ୟଧିକ ନିର୍ଭରଶୀଳତା କେତେ ବିପଜ୍ଜନକ ହୋଇପାରେ, ତାହାର ଏକ ଭୟଙ୍କର ଉଦାହରଣ ସାମ୍ନାକୁ ଆସିଛି। ଏଆଇ ଆଧାରିତ ଚାଟ୍ ବଟ୍‌ର ଭୁଲ ତଥ୍ୟ ଆମେରିକା-ଚୀନ ମଧ୍ୟରେ ଏକ ଭୟଙ୍କର ସାମରିକ ସଂଘର୍ଷ ପାଇଁ ବାଟ ଖୋଲି ଦେଇଥିଲେ ହେଁ କିଛି ଅଧିକାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏହା ଅଳ୍ପକେ ଟଳି ଯାଇଛି।

ଶେଷ ମୁହୂର୍ତ୍ତରେ ଟଳିଗଲା ବିପତ୍ତି

ସିଏନ୍‌ଏନ୍ ରିପୋର୍ଟ ଅନୁସାରେ ଇରାନ୍ ଯୁଦ୍ଧ ସମୟରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଥିବା ଚୀନ୍‌ର ଏକ ଜାହାଜ ପରମାଣୁ ଅସ୍ତ୍ରରେ ବ୍ୟବହୃତ ଉପକରଣ ନେଇ ଯାଉଥିବା ସଂକ୍ରାନ୍ତରେ ଆମେରିକୀୟ ସେନାକୁ ଏକ ଗୁଇନ୍ଦା ରିପୋର୍ଟ ମିଳିଥିଲା। ଏହି ତଥ୍ୟକୁ ସତ ବୋଲି ବିଶ୍ୱାସ କରି ଆମେରିକୀୟ ସେନା ଜାହାଜକୁ ଅଟକାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲା। ଆମେରିକାର ସଶସ୍ତ୍ର ସେନା ଜାହାଜରେ ଚଢ଼ିବା ଆରମ୍ଭ କରିଥିଲେ, ସାମରିକ ବିମାନଗୁଡ଼ିକୁ ମଧ୍ୟ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚୀନ ଜାହାଜ ଉପରେ ଆକ୍ରମଣ ସହ ଏହାକୁ କବ୍‌ଜା କରିବାକୁ ଆମେରିକା ପ୍ରସ୍ତୁତ ହୋଇ ଯାଇଥିଲା। ମାତ୍ର ଏହି ସମୟରେ ଜଣେ ଉଚ୍ଚ ଅଧିକାରୀ ଗୁଇନ୍ଦା ତଥ୍ୟର ପୁନଃ ଯାଞ୍ଚ କରିବା ବେଳେ ଭିନ୍ନ ଚିତ୍ର ସମ୍ମୁଖକୁ ଆସିଥିଲା। ▶ପୃଷ୍ଠା-୭

ସଂଶୋଧିତ ଖଣି ଆଇନରେ ରାଜ୍ୟର କ୍ଷତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ପୁଣି ନବୀନଙ୍କ ଚିଠି

ବିଧାନସଭାରେ ଆଣନ୍ତୁ ପ୍ରତ୍ୟାହାର ପ୍ରସ୍ତାବ

■ ଭୁବନେଶ୍ୱର,୨୦।୯(ସମିସ): ସଂଶୋଧିତ ଏମଏମଡିଆର ଆଇନରେ ଓଡ଼ିଶା ବିପୁଳ କ୍ଷତିଗ୍ରସ୍ତ ହେବ। ବକେୟା ଥିବା ଲକ୍ଷାଧିକ କୋଟି ଟଙ୍କା ରାଜ୍ୟ ହରାଇବ, ଏହା ସହ ଖଣି ଅଞ୍ଚଳରେ ରାଜ୍ୟ କ୍ଷମତା ହରାଇବ ଏବଂ ବାର୍ଷିକ ଟିକସ ବାବଦରେ ହଜାର ହଜାର କୋଟି ଟଙ୍କା କ୍ଷତି ସହିବ। ଏହାକୁ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତୀବ୍ର ବିରୋଧ କରିଛନ୍ତି। ବିଜେଡି ପକ୍ଷରୁ ଏଥିଲାଗି ରାଜଭବନ ଘେରାଉ ହୋଇଛି ଓ ଆଗାମୀ ଦିନରେ ଅର୍ଥନୈତିକ ଅବରୋଧ କରାଯିବାକୁ ମଧ୍ୟ ଚେତାବନୀ ଦିଆଯାଇଛି। ଏହି କଳା ଆଇନ ପ୍ରତ୍ୟାହୃତ ନହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ରୋକଠୋକ୍ ଶୁଣାଇ ଦେଇଛି ବିଜେଡି। ଗତମାସରେ ବିରୋଧୀଦଳ ନେତା ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ଏହି ଆଇନକୁ ବିରୋଧ ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼ାକିବାକୁ ଅନୁରୋଧ କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ଓ ସରକାର ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବ ରହିଥିଲେ। ଏହିକ୍ରମରେ ରବିବାର ପୁଣିଥରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଚିଠି ଲେଖିଛନ୍ତି ନବୀନ ପଟ୍ଟନାୟକ। ସଂସଦରେ ରାଜ୍ୟର ଅଧିକାର କ୍ଷୁଣ୍ଣ ପାଇଁ ବିନା ଆଲୋଚନାରେ ଗୃହୀତ ଏମ୍‌ଏମ୍‌ଡ଼ିଆର୍ (ଖଣି ଓ ଖଣିଜ ଦ୍ରବ୍ୟର ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ଆଇନକୁ ପ୍ରତ୍ୟାହାର ▶ପୃଷ୍ଠା-୭

> " ଓଡ଼ିଶାବାସୀଙ୍କ ସ୍ୱାର୍ଥ ବିରୁଦ୍ଧରେ ଯାଇ ସମର୍ଥନ କରିଛନ୍ତି ୨୦ ବିଜେପି ସାଂସଦ

> ରାଜ୍ୟର ଅଧିକାର ଓ ଯୁବ ବର୍ଗଙ୍କ ଭବିଷ୍ୟତ ପାଇଁ କାମ କରନ୍ତୁ ସରକାର

ଦିନକ ପରେ ମୌସୁମୀ ଅଧିବେଶନ

ବିଭିନ୍ନ ପ୍ରସଙ୍ଗରେ ପ୍ରବଳ ବିରୋଧର ସମ୍ମୁଖୀନ ହୋଇପାରନ୍ତି ରାଜ୍ୟ ସରକାର

■ ଭୁବନେଶ୍ୱର, ୨୦।୯ (ସମିସ): ଆଉ ଦିନକ ପରେ ସପ୍ତଦଶ ବିଧାନସଭାର ସପ୍ତମ ଅର୍ଥାତ ମୌସୁମୀ ଅଧିବେଶନ ଆରମ୍ଭ ହେବ। ଅଧିବେଶନର ଅବଧି ସଂକ୍ଷିପ୍ତ ଅର୍ଥାତ୍ ମାତ୍ର ୯ ଦିନର ହୋଇଥିଲେ ମଧ୍ୟ ପ୍ରମୁଖ ଦୁଇଟି ପ୍ରସଙ୍ଗକୁ ନେଇ ଗୃହ ହୁଲୁସ୍ଥୁଲ ହେବ ବୋଲି ଆପାତତଃ ସ୍ପଷ୍ଟ ହୋଇଗଲାଣି। ଏମଏମଡିଆର ସଂଶୋଧନ ଆଇନ ଏବଂ ପୁସ୍ତକ ମୁଦ୍ରଣ ତ୍ରୁଟି ସହ ସଂଶୋଧିତ ବହି ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ବିରୋଧୀଙ୍କ ଅସନ୍ତୋଷର ଅବପାତ କେଉଁ ରୂପ ଧାରଣ କରିବ, ତାହା ଆକଳନ କରିବା ରାଜନୈତିକ ବିଶେଷଜ୍ଞଙ୍କ ପାଇଁ କଷ୍ଟକର ହୋଇଛି। ତେବେ ୯ ଦିନ ମଧ୍ୟରେ ଉପରୋକ୍ତ ଦୁଇ ପ୍ରସଙ୍ଗକୁ ନେଇ ବିଜେଡି, ଇଣ୍ଡିଆ ବ୍ଲକ ଓ ନବ ନିର୍ମାଣ ଛାତ୍ର ସଂଗଠନ ପକ୍ଷରୁ ବିଧାନସଭା ଘେରଉ କାର୍ଯ୍ୟକ୍ରମ ରହିଥିବାରୁ ଗୃହ ଭିତରେ ଓ ବାହାରେ ସରକାର ପ୍ରଚଣ୍ଡ ବିରୋଧର ସମ୍ମୁଖୀନ ହେବା ଆଶଙ୍କା ରହିଛି।

ଏମଏମଡିଆର ସଂଶୋଧନ ଓ ପୁସ୍ତକ ମୁଦ୍ରଣ ତ୍ରୁଟି ହେବ ପ୍ରମୁଖ ପ୍ରସଙ୍ଗ

ଗୃହ ଭିତରେ ଓ ବାହାରେ ସରକାରଙ୍କୁ ଘେରିବାକୁ ବିରୋଧୀ ସଜବାଜ

ଆଜି ବସିବ ବିଜେଡି, କଂଗ୍ରେସ ଓ ବିଜେପି ବିଧାୟକ ଦଳ ବୈଠକ

ଏମଏମଡିଆର ସଂଶୋଧିତ ଆଇନ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ପୂର୍ବରୁ ଘୋଷଣା କରି ସାରିଛି। ଏପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ଆଇନର ପ୍ରତ୍ୟାହାର ପାଇଁ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବାକୁ ଦାବି କରି କରିଛନ୍ତି। ତେଣୁ ଆସନ୍ତା ଅଧିବେଶନରେ ଏମଏମଡିଆର ସଂଶୋଧନ ଆଇନ ଓ ରାଜ୍ୟ ସ୍ୱାର୍ଥକୁ ବିଜେଡି ଓ ଅନ୍ୟ ବିରୋଧୀ ପ୍ରମୁଖ ପ୍ରସଙ୍ଗ ଭାବରେ ଗ୍ରହଣ କରିଛନ୍ତି। ଏହା ରାଜ୍ୟ ସ୍ୱାର୍ଥ ସହ ଜଡ଼ିତ ଥିବାରୁ ବିଧାନସଭାରେ ଏମ୍‌ଏମ୍‌ଡ଼ିଆର୍ ସଂଶୋଧନକୁ ବିରୋଧୀ ଜୋରଦାର ବିରୋଧ କରିବେ ବୋଲି ଇଙ୍ଗିତ ମିଳିଛି। ଏହାସହ ପୁସ୍ତକ ମୁଦ୍ରଣ ତ୍ରୁଟି ଏବଂ ଏଯାବତ୍ ସମସ୍ତ ପିଲାଙ୍କୁ ସଂଶୋଧିତ ପୁସ୍ତକ ▶ପୃଷ୍ଠା-୭

ଦିଲ୍ଲୀରେ ଏସ୍‌ଆଇଆର୍ ନାଟକ

ହାଇପ୍ରୋଫାଇଲ୍ ନେତା, ଅଫିସରଙ୍କୁ ନୋଟିସ

■ ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଦିଲ୍ଲୀରେ ବର୍ତ୍ତମାନ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମ ଚାଲିଛି। ଏହି ପ୍ରକ୍ରିୟାରେ ନିର୍ବାଚନ କମିସନ ଅନେକ ହାଇ-ପ୍ରୋଫାଇଲ୍ ନେତା, ଅଫିସର ଓ ସେମାନଙ୍କ ପରିବାରବର୍ଗଙ୍କୁ ନୋଟିସ୍ ପଠାଇଛନ୍ତି। କିଛି ତଥ୍ୟରେ ବିସଙ୍ଗତିକୁ ନେଇ ଏଭଳି ନୋଟିସ ପଠାଇଥିବା କୁହାଯାଉଛି। ନୋଟିସ ପାଇଥିବା ତାଲିକାରେ ଅଛନ୍ତି ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ନିର୍ବାଚନ କମିସନର ଏସଏସ୍ ସାନ୍ଧୁ, ନିତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ, ସେବି ଅଧ୍ୟକ୍ଷ ତୁହିନକାନ୍ତ ପାଣ୍ଡେ, ପୂର୍ବତନ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୂଦ, ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ରଞ୍ଜନ ଦେଶାଇ ଏବଂ ବୈଦେଶିକ ସଚିବ ବିକ୍ରମ ମିସ୍ରି। ଏହାସହିତ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା ଅଜୟ କୁମାର ସୂଦ, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପିଏସ୍ ଶ୍ରୀବାସ୍ତବ, ମତ୍ସ୍ୟ ବିଭାଗ ସଚିବ ଅଭିଲାଷ ଲିଖି, ସାର ସଚିବ ରଜତ କୁମାର ମିଶ୍ର ଏବଂ ଭୂମି ସମ୍ବଳ ସଚିବ ନରେନ୍ଦ୍ର ଭୂଷଣ, ବ୍ୟୟ ବିଭାଗ ସଚିବ ଭୁଆଲନାମ ଏବଂ ▶ପୃଷ୍ଠା-୭

ତାଲିକାରେ ଆଡ଼ଭାନୀ, ନିର୍ବାଚନ କମିସନର, ବୈଦେଶିକ ମନ୍ତ୍ରୀ, ସିବିଆଇ ନିର୍ଦ୍ଦେଶକ

ଓଡ଼ିଶା ଟି-୨୦ ଲିଗ୍ ଉଦ୍‌ଘାଟିତ

କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିର ଦ୍ୱିତୀୟ ସଂସ୍କରଣ ଆଜିଠାରୁ ଆରମ୍ଭ ହୋଇଛି। ସେପ୍ଟେମ୍ବର ୨୯ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ତଥା ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସୁରେଶ ରାଇନା, ଦେବାଶିଷ ମହାନ୍ତିଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି।

୨ କଏଦୀ ଫେରାର୍ ମାମଲା

ଚୌଦ୍ୱାର ଜେଲ୍ ଅଧୀକ୍ଷକ ଗିରଫ

■ଭୁବନେଶ୍ୱର, ୨୦।୯ (ସମିସ): ଚୌଦ୍ୱାର ମଣ୍ଡଳ କାରାଗାରର ଅଧୀକ୍ଷକ ସୁଜିତ କୁମାର ରାଉଳଙ୍କୁ ପୁଲିସ ଗିରଫ କରିଛି। ଚୌଦ୍ୱାର ଜେଲ୍‌ରୁ ଦୁଇ ଜଣ ବିଚାରାଧୀନ ହତ୍ୟା ଅଭିଯୁକ୍ତ ଫେରାର ଘଟଣା ପରେ ଜେଲ୍‌ର ସରକାରୀ ରେକର୍ଡରେ ହେରଫେର ଓ ପୂର୍ବତନ ଜେଲରଙ୍କ ଦସ୍ତଖତ ଜାଲି କରିବା ଅଭିଯୋଗରେ ତାଙ୍କ ବିରୋଧରେ ମାମଲା ହୋଇଥିଲା। ଗତବର୍ଷ ଅକ୍ଟୋବର ୨ ତାରିଖରେ ଦୁଇ ବିଚାରାଧୀନ କଏଦୀ ଜେଲ୍‌ରୁ ଫେରାର ହୋଇଥିଲେ। ଦୁର୍ଗାପୂଜା ଅବସରରେ ଜେଲ୍‌ରେ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ସେମାନେ ଜେଲ୍‌ର ଉଚ୍ଚପାଚେରି ଡେଇଁ ଫେରାର ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣା ପରେ ଜେଲ୍ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିଲା ଏବଂ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା।

ପୂର୍ବତନ ଜେଲର ସନ୍ତୋଷିନୀ ଦାସ ରାଉଳଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଅକ୍ଟୋବର ୧, ▶ପୃଷ୍ଠା-୭

ଆଜି ଆସୁଛନ୍ତି 'କକ୍ରୋଚ୍' ନେତା ସୌରଭ

ରାଜଧାନୀରେ ନବନିର୍ମାଣ ଯୁବ ଛାତ୍ର ସଂଗଠନର ସତ୍ୟାଗ୍ରହରେ ଯୋଗଦେବେ

■ ଭୁବନେଶ୍ୱର, ୨୦।୯ (ସମିସ): କକ୍ରୋଚ ଜନତା ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସହ ପ୍ରତିଷ୍ଠାତା ସୌରଭ ଦାସ ଭୁବନେଶ୍ୱର ଗସ୍ତରେ ଆସିବେ। ସେପ୍ଟେମ୍ବର ୨୧ ତଥା ସୋମବାର ଦିନ ସୌରଭ ଭୁବନେଶ୍ୱର ଗସ୍ତରେ ଆସି ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଲୋୟର ପିଏମଜିରେ ଜାରି ରହିଥିବା ଅନଶନ ଓ ସତ୍ୟାଗ୍ରହରେ ଯୋଗଦେବେ। ଦିନ ୧୧ଟା ୩୦ ସମୟରେ ସୌରଭ ଦାସ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ ଓ ଅପରାହ୍ଣ ୨ଟା ୩୦ରେ ଶ୍ରୀ ଦାସ ଅନଶନ ସ୍ଥଳରେ ପହଞ୍ଚିବେ।

ତେବେ ୧୧ ଟା ୩୦ରେ ବିମାନବନ୍ଦରରେ ସେ ପହଞ୍ଚିବା ପରେ କିଛି ସମୟ ପାଇଁ ବିଶ୍ରାମ ନେଇ ସେ ଭୁବନେଶ୍ୱରର କିଛି ସ୍କୁଲକୁ ମଧ୍ୟ ଗସ୍ତ କରିବେ। ଯଦିଓ କେଉଁ ସ୍କୁଲକୁ ଯିବେ ତାହା ନିର୍ଦ୍ଧାରିତ ହୋଇନାହିଁ, ମାତ୍ର କକ୍ରୋଚ ଜନତା ପାର୍ଟି ପକ୍ଷରୁ ଜାରି ରହିଥିବା ସ୍କୁଲ୍ ଠିକ୍ କରୋ ଅଭିଯାନରେ ସେ ଭୁବନେଶ୍ୱରର କିଛି ସରକାରୀ ସ୍କୁଲକୁ ପରିଦର୍ଶନରେ ଯିବାର କାର୍ଯ୍ୟକ୍ରମ ରହିଛି। ସ୍କୁଲ୍ ପରିଦର୍ଶନ ପରେ ସେ ଆନ୍ଦୋଳନସ୍ଥଳକୁ ଯିବେ। ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପଢ଼ା ବହିରେ ମାଳ ମାଳ ତ୍ରୁଟି ପଦାକୁ ଆସିବା ପରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନେଇ ସାରା ଦେଶରେ ସମାଲୋଚନା ହୋଇଥିଲା। ଏହା ପରେ ସରକାର ତ୍ରୁଟିପୂର୍ଣ୍ଣ ପୁସ୍ତକକୁ ପ୍ରତ୍ୟାହାର ନ କରି ସେହି ବହିରେ ପାଠ ପଢ଼ା ଜାରି ରଖିଛନ୍ତି। ଏହାକୁ ନେଇ ବିଭିନ୍ନ ଦଳ ଓ ସଂଗଠନ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇବା ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆସୁଛନ୍ତି। ଏହାସତ୍ତ୍ୱେ ଗଣଶିକ୍ଷାମନ୍ତ୍ରୀଙ୍କ ଆସନ ସୁରକ୍ଷିତ ରହିଛି। ଦେଶରେ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ପାଇଁ ପ୍ରାଥମିକତା ଦେଉଥିବା କକ୍ରୋଚ ▶ପୃଷ୍ଠା-୭

ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ତେଜିଲା

'ସ୍କୁଲ୍ ଠିକ୍ କରୋ ଅଭିଯାନ'ରେ ବୁଲିବେ ସରକାରୀ ସ୍କୁଲ୍

ଓଲଟ ପାଲଟ

କଟକ ନଗର ଧବଳ ଟଗର
ଖ୍ୟାତି ଥିଲା ଦିନେ ନାଆଁ,
ଏବେ ତାହା ନର୍କ କୁଣ୍ଡର ସହର
ପାଲଟି ଯାଇଛି ଗାଆଁ ।
ରାସ୍ତା ଘାଟ କଥା କହିଲେ ନସରେ
ଚାରିଆଡେ ଖାଲ ଖମା,
ଦଶହରା ବେଳେ ପ୍ୟାଚ ପଡଇ
ସ୍ଥାୟୀ କାମ ନାହିଁ ଜମା !!

-ଯାଯାବର

ବଳ ଗୋଟାଉଛି ଲଘୁଚାପ

ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା

■ ଭୁବନେଶ୍ୱର, ୨୦।୯ (ସମିସ): ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଉତ୍ତର ଆଣ୍ଡାମାନ ସାଗର ଉପରେ ଥିବା ଲଘୁଚାପ ବଳ ଗୋଟାଉଛି। ଲଘୁଚାପ ସୃଷ୍ଟି ପରେ ଯେଉଁ ପରିମାଣରେ ବାଦଲ ଏକତ୍ରୀକରଣ ହେବା କଥା ତାହା ହୋଇପାରୁ ନାହିଁ। ଫଳସ୍ୱରୂପ ଲଘୁଚାପ ସୃଷ୍ଟି ହେବାର ୨୪ ଘଣ୍ଟା ପରେ ମଧ୍ୟ ଏହା ସଦୃଶ ଲଘୁଚାପରେ ପରିଣତ ହୋଇପାରୁ ନାହିଁ। ଯଦିଓ ଆଗକୁ ଏହା ଅବପାତ ଓ ଗଭୀର ଅବପାତରେ ପରିଣତ ହେବା ନେଇ ଆକଳନ କରାଯାଇଛି, ମାତ୍ର ପ୍ରାଥମିକ ଅବସ୍ଥାରେ ଲଘୁଚାପର ତୀବ୍ରତାକୁ ଅନୁଶୀଳନ କଲେ ଏହା ବାତ୍ୟା ସମ୍ଭାବନାକୁ ଦୁର୍ବଳ କରୁଛି। ଏହି ଲଘୁଚାପ ୨୧ ସେପ୍ଟେମ୍ବରରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଧୀରେ ଧୀରେ ତୀବ୍ର ହୋଇ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ଅବପାତର ରୂପ ନେବ। ପରେ ୨୨ ସେପ୍ଟେମ୍ବରରେ ଏହା ଅଧିକ ତୀବ୍ର ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଗଭୀର ଅବପତାରରେ ପରିଣତ ହେବ। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି ଜାରି ରଖି ୨୩ ସେପ୍ଟେମ୍ବର ସକାଳ ସମୟରେ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବ। ଏହା ପ୍ରଭାବରେ ରାଜ୍ୟରେ ୨୨ରୁ ୨୫ ମଧ୍ୟରେ ବର୍ଷାର ପ୍ରଭାବ ରହିବ। ବିଶେଷକରି କରି ୨୩ ଓ ୨୪ରେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆକଳନ କରାଯାଉଛି ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଲଘୁଚାପ ୨୨ ସୁଦ୍ଧା ଗଭୀର ଅବପାତରେ ପରିଣତ ହୋଇ ୨୩-୨୪ ସେପ୍ଟେମ୍ବରରେ ଉପକୂଳ ନିକଟତର ହେବ। ତେବେ ଗଭୀର ଅବପାତ ଭାବେ ରହିବାର ସବୁଠୁ ଅଧିକ ସମ୍ଭାବନା ରହିଛି। ଯଦି ଏହା ଆଶାଠାରୁ ଅଧିକ ସମୟ ସମୁଦ୍ର ଉପରେ ରହେ, ତେବେ ଅଳ୍ପ ସମୟ ପାଇଁ ବାତ୍ୟାରେ ପରିଣତ ହୋଇପାରେ। ମାତ୍ର ଏହାଠାରୁ ଅଧିକ ଶକ୍ତିଶାଳୀ ହେବାର ସମ୍ଭାବନା କମ୍ ରହିଛି । ଅବପାତ ସମୟରେ ପବନର ବେଗ ଘଣ୍ଟା ପ୍ରତି ୫୦-୬୦ କିମି, ଝଟକା ପବନ୍ ୬୫-୭୫ କିମି ହୋଇପାରେ। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଯାଇ ଦକ୍ଷିଣ ଓଡ଼ିଶା- ଉତ୍ତର ଆନ୍ଧ୍ରପ୍ରଦେଶ ଅଞ୍ଚଳ, ବିଶେଷକରି ଗଞ୍ଜାମର ଶ୍ରୀକାକୁଳମ ଉପକୂଳ ଓ ନିକଟସ୍ଥ ଅଞ୍ଚଳ ଦିଗକୁ ୨୩-୨୪ ସେପ୍ଟେମ୍ବରରେ ପହଞ୍ଚିପାରେ। ୨୨ରେ ଗଞ୍ଜାମ, ରାୟଗଡ଼ା, କୋରାପୁଟ ଓ ▶ପୃଷ୍ଠା-୭

୨୩ ଓ ୨୪ ତାରିଖରେ ପ୍ରବଳ ବର୍ଷା ଆଶଙ୍କା

ବାଦଲ ଏକତ୍ରୀକରଣ ପ୍ରକ୍ରିୟାରେ ଉପୁଜୁଛି ବାଧା

'ମହାନଦୀ' ସମାଧାନ ଖୁବ୍‌ଶୀଘ୍ର

ସିଡବ୍ଲ୍ୟୁସିର ନିଷ୍ପତ୍ତି ଉଭୟ ରାଜ୍ୟ ମାନିବେ: ସାଏ

■ ଭୁବନେଶ୍ୱର, ୨୦।୯ (ସମିସ): ମହାନଦୀ ଜଳ ବିବାଦର ସମାଧାନ ଖୁବଶୀଘ୍ର ହେବ ବୋଲି କହିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀ ସାଏ ରବିବାର ଗଣମାଧ୍ୟମକୁ ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି। ଶ୍ରୀ ସାଏ କହିଛନ୍ତି ଯେ ପୂର୍ବରୁ ଦିଲ୍ଲୀରେ ଦୁଇ ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ଅଧିକାରୀଙ୍କ ମଧ୍ୟରେ ଏନେଇ ଆଲୋଚନା ହୋଇସାରିଛି। ବିବାଦର ସମାଧାନ ଦିଗରେ ନିଷ୍ପତ୍ତି ପାଇଁ ଉଭୟ ରାଜ୍ୟ ସିଡବ୍ଲ୍ୟୁସିକୁ ସହମତି ଜଣାଇ ସାରିଛନ୍ତି। ଦୁଇରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସିଡବ୍ଲ୍ୟୁସି(କେନ୍ଦ୍ରୀୟ ଜଳ ଆୟୋଗ) ଯାହା ନିଷ୍ପତ୍ତି ନେବ ତାହାକୁ ଉଭୟ ରାଜ୍ୟ ମାନିନେବେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ମହାନଦୀକୁ ନେଇ କୌଣସି ପ୍ରକାର ବିବାଦ ନାହିଁ। ଯେଉଁ ରାଜ୍ୟରେ ବିଜେପି ସରକାର ଆସିଛି, ଜଳ ବିବାଦ ଦୂର ହୋଇଛି। ଓଡ଼ିଶାରେ ବିଜେପି, ଛତିଶଗଡ଼ରେ ବିଜେପି, କେନ୍ଦ୍ରରେ ଏନ୍‌ଡିଏ ସରକାର ଅଛନ୍ତି। ତେଣୁ ବହୁତ ଜଲଦି ବିବାଦର ସମାଧାନ ହେବାକୁ ଯାଉଛି। ଏହି ଅବସରରେ ସେ ▶ପୃଷ୍ଠା-୭

ଆଜି ରହିଛି ବୈଷୟିକ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ନାଲକୋ ବିଶ୍ୱକର୍ମା ପୂଜାର ଚତୁର୍ଥ ଦିନ

ଅନୁକୂଳ ପାଗ ଓ ରବିବାର ଛୁଟି ଥିବାରୁ ଜନସମୁଦ୍ର

ନାଲକୋନଗର, ୨୦।୯ (ସମିସ)

ନାଲକୋନଗର ବିଶ୍ୱକର୍ମା ପୂଜାର ଚତୁର୍ଥ ଦିନରେ ରବିବାର ଛୁଟିଦିନ ଓ ପାଗ ଅନୁକୂଳ ଥିବାରୁ ମଧ୍ୟାହ୍ନରୁ ପୂଜା ମଣ୍ଡପ, ମିନାବଜାର ଓ ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ଗହଳି ଆରମ୍ଭ ହୋଇଥିଲା। ଟ୍ରାଫିକ ନିୟନ୍ତ୍ରଣ ପାଇଁ ଫାଟକ ୧ ଦେଇ ଫେରିବା ବନ୍ଦ କରିଦିଆଯାଇଛି। ଫାଟକ ୨, ୩, ୪ଦେଇ ସମସ୍ତ ବାଇକ୍ ଓ କାର ଚାଳକଙ୍କୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ଦେଖି ଦୁଇ ନମ୍ବର ଫାଟକ ଦେଇ ଫେରିବା ପାଇଁ ଡାଇଭର୍ସ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଦୁଇଟି ପାଟ୍ରୋଲିଂ ଦଳ ରହିଛନ୍ତି। ସନ୍ଧ୍ୟା ହେଉ ହେଉ ପୂଜା ଅଞ୍ଚଳରୁ ଆରମ୍ଭ କରି ଗିରାଙ୍ଗ ଛକ, ସେଣ୍ଟ୍ରାଲ ମାର୍କେଟ ଛକ, ଏଫସିଆଇ ଛକ, ୫୫ନଂ ଜାତୀୟରାଜପଥ ଓ ନାଲକୋ ଟାଉନଶିପ ଛକରେ ଘୂରି ବୁଲୁଥିବା ରୋଡ ରୋମିଓ ଓ ନିଶାସକ୍ତ ଯୁବକଙ୍କୁ ପୁଲିସ କାବୁ କରୁଛି। ପୂଜା ଆରମ୍ଭରୁ ଆଜିପର୍ଯ୍ୟନ୍ତ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ନିଶାସକ୍ତ ଯୁବକଙ୍କ ବିରୋଧରେ 'ଡ୍ରଙ୍କ ଆଣ୍ଡ ଡ୍ରାଇଭ୍' ମାମଲା ରୁଜୁ କରାଯିବା ସହ ଗାଡ଼ି ଜବତ କରିଛି ନାଲକୋ ପୁଲିସ। ଓରମାସ ପକ୍ଷରୁ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବାହାର ଜିଲ୍ଲାର କଳାକାରଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରୁଛି। ଓରମାସ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ପ୍ରଥମ ଦିନ ୨୧ଲକ୍ଷ, ଦ୍ୱିତୀୟ ଦିନ ୫୬ଲକ୍ଷ, ତୃତୀୟ ଦିନ ୭୭ ଲକ୍ଷ ଟଙ୍କା ବିକ୍ରିବଟା ହୋଇଥିବା କୁହାଯାଇଛି।

ସଡ଼କ ସୁରକ୍ଷା ଅଡିଟ୍ ଏବଂ ସଂଶୋଧନାତ୍ମକ ପଦକ୍ଷେପ ପାଇଁ ବୈଠକ

ପାଲଲହଡ଼ା, ୨୦।୯ (ସମିସ): ଜାତୀୟ ରାଜପଥ ନମ୍ବର-୪୯ ଏବଂ ୧୪୯ ର ବ୍ୟାପକ ସଡ଼କ ସୁରକ୍ଷା ଅଡିଟ୍ ଏବଂ ସଂଶୋଧନାତ୍ମକ ପଦକ୍ଷେପ ସମ୍ପର୍କରେ ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ତହସିଲଦାର ଆକାଂକ୍ଷା ମହାପାତ୍ର, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିମୋହନ ମଲ୍ଲିକ ଏବଂ ଜାତୀୟ ରାଜପଥ ପ୍ରାଧିକରଣର ଉପ-ପରିଚାଳକ ଯଶନ୍ତ କୁମାର ଶର୍ମା ଉପସ୍ଥିତ ଥିଲେ।

ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା ରୋକିବା ଏବଂ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସମ୍ବେଦନଶୀଳ ସ୍ଥାନମାନଗୁଡ଼ିକରେ ଷ୍ଟ୍ରିଟ୍ ଲାଇଟ୍ ଏବଂ ହାଇମାଷ୍ଟ ଲାଇଟ୍ ସ୍ଥାପନ, ରମ୍ବଲର ଓ କନଭେକ୍ସ ଦର୍ପଣ ଲଗାଇବା, ବ୍ଲାଇଣ୍ଡ ସ୍ପଟ୍ ଚିହ୍ନଟ, ବିଦ୍ୟାଳୟ, ବଜାର ଓ ଡାକ୍ତରଖାନା ଭଳି ସମ୍ବେଦନଶୀଳ ଅଞ୍ଚଳରେ ସୂଚନା ଫଳକ ଓ ବେଗ ସୀମା ନିର୍ଦ୍ଧାରଣ, ଜାତୀୟ ରାଜପଥରେ ନିୟମିତ ପାଟ୍ରୋଲିଂ, ରାସ୍ତା କଡ଼ରେ ଥିବା ଗଛ ସଫା କରିବା ଏବଂ ରାଜପଥର ଗାତ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହାସହ ଖମାର ଥାନାରେ ଆମ୍ବୁଲାନ୍ସ ଓ କ୍ରେନ୍ ନିୟୋଜନ, ୧୮ ସ୍ଥାନରେ ସିସିଟିଭି କ୍ୟାମେରା ସ୍ଥାପନ, ବେଆଇନ ପାର୍କିଂ ଉପରେ ଜରିମାନା ଲାଗୁ କରିବା ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଚିହ୍ନଟ କରି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

ଶିବିରରୁ ୧୦୬ ୟୁନିଟ୍ ରକ୍ତ ସଂଗୃହୀତ

ଅନୁଗୋଳ, ୨୦।୯ (ସମିସ): ଅନୁଗୋଳ ୱାର୍ଡ ନଂ-୬ ଆମ୍ବେଦକରନଗରରେ ଆଜାଦ୍ ମଜଦୁର ସଂଘ ଏବଂ ଇନ୍ଦିରା କ୍ଲବ୍ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୧୦୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ଅରୁଣାଭ ସିଂହ, ୫ନଂ ୱାର୍ଡ କାଉନସିଲର ରଞ୍ଜିତ୍ ମଣ୍ଡୋଠିଆ, ୧୬ନଂ ୱାର୍ଡ କାଉନସିଲର ସଦାନନ୍ଦ ପଣ୍ଡା, ୧୯ନଂ ୱାର୍ଡ କାଉନସିଲର ବଳରାମ ଜେନା, ଅନୁଗୋଳ ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ, ଉପସଭାପତି ସୁଜିତ ନନ୍ଦ, ବିଶିଷ୍ଟ ସମାଜସେବୀ ପ୍ରଦ୍ୟୁମ୍ନ ନନ୍ଦ, ଦୁର୍ଗାପ୍ରସାଦ ଦାସ, ଡ. ଅସିତ୍ ପ୍ରଧାନ, ଅଭିମନ୍ୟୁ ସାହୁ, ଡ. ଶକ୍ତିପ୍ରସାଦ ସାହୁ, ବାପି ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୬ନଂ ୱାର୍ଡ କାଉନସିଲର ତଥା ଇନ୍ଦିରା କ୍ଲବ୍ ସଭାପତି ସୁଶୀଲ ମୁଖୀ, ସମ୍ପାଦକ କରନ ମୁଖୀ, ଆଜାଦ୍ ମଜଦୁର ସଂଘ ସଭାପତି ଶଙ୍କର ବେହେରା, ସମ୍ପାଦକ ବିନୋଦ ବେହେରାଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲକ ବ୍ୟାଙ୍କ କର୍ମଚାରୀ ଏବଂ ଡାକ୍ତର ରକ୍ତ ସଂଗ୍ରହ କରିଥିଲେ।

● ଘୋଷରରେ ମହିଷାସୁର ରାଜୁତି

ତିନିଦିନ ଧରି ଚାଲିବ ପୌରାଣିକ ନାଟକ

କିଶୋରନଗର, ୨୦।୯ (ସମିସ): ଆସନ୍ତା ଶାରଦୀୟ ଦୁର୍ଗାପୂଜା ଅବସରରେ ଘୋଷର ଗ୍ରାମରେ ଅନୁଷ୍ଠିତ ହେବାକୁ ଯାଉଛି ପୌରାଣିକ କାର୍ଯ୍ୟକ୍ରମ 'ମହିଷାସୁର ଦରବାର'। କାର୍ଯ୍ୟକ୍ରମ ପାଇଁ ଦୁର୍ଗାପୂଜା କମିଟି ତରଫରୁ ମହିଷାସୁର ଭୂମିକାରେ ଅଭିନୟ କରିବାକୁ ଥିବା ପ୍ରଫୁଲ୍ଲ ମେହେରଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଛି। ଦୁର୍ଗାପୂଜା ଅବସରରେ ଆସନ୍ତା ୧୮, ୧୯ ଓ ୨୦ ତାରିଖ ତିନିଦିନ ଧରି ଗ୍ରାମରେ ମହିଷାସୁର ଦରବାର ଆୟୋଜିତ ହେବ। ଏଥିରେ ମହିଷାସୁର ଦରବାରର ବିଭିନ୍ନ ପୌରାଣିକ ଦୃଶ୍ୟରାଜି ନାଟକୀୟ ରୂପରେ ପରିବେଷିତ ହେବ। ସମ୍ବର୍ଦ୍ଧନା ଓ ନିମନ୍ତ୍ରଣ ପର୍ବରେ ଦୁର୍ଗାପୂଜା କମିଟି ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ହିମାଂଶୁ ପ୍ରଧାନ, ସରୋଜ ସାହୁ, ଶିକ୍ଷକ ରଞ୍ଜିତ କୁମାର ସାହୁ, ରୂପେଶ ସାହୁ ଓ ସୁଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଦୁର୍ଗମ ପଥରଗଡ଼ ଗ୍ରାମରେ ମଶାରି ବଣ୍ଟନ

ଅନୁଗୋଳ, ୨୦।୯ (ସମିସ): ରାଜ୍ୟରେ ସାପକାମୁଡ଼ାଜନିତ ମୃତ୍ୟୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଉଭା ହୋଇଛି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକେ ଗୁଣିଆ ଓ ତାନ୍ତ୍ରିକଙ୍କୁ ଭରସା କରି ଅକାରଣରେ ମୃତ୍ୟୁମୁଖରେ ପଡ଼ୁଛନ୍ତି। ବିଶେଷକରି ଦୁର୍ଗମ ଗାଁଗୁଡ଼ିକରେ ଏହି ସମସ୍ୟା ବୃଦ୍ଧି ପାଉଛି। ୨୦୧୬ରୁ ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଅନୁଗୋଳର ପରିବେଶଧର୍ମୀ ଅନୁଷ୍ଠାନ 'ସାଥୀ ପରିବାର' ପକ୍ଷରୁ ଶୂନ ସାପକାମୁଡ଼ା ମୃତ୍ୟୁ ଅଭିଯାନ ମାଧ୍ୟମରେ ବ୍ୟାପକ ସଚେତନତା କରାଯାଉଛି। ଏହି କ୍ରମରେ ଶନିବାର ଅନୁଗୋଳ ଜିଲ୍ଲାର ବାମୁର ବନାଞ୍ଚଳ ଅନ୍ତର୍ଗତ ଦୁର୍ଗମ ପଥରଗଡ଼ ଗ୍ରାମରେ ସାପକାମୁଡ଼ା ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଗରିବ ପରିବାରଗୁଡ଼ିକୁ ୨ଟି ଲେଖାଏଁ ମଶାରି ବଣ୍ଟନ କରାଯାଇଛି। ବାମୁର ବନାଞ୍ଚଳ ଅଧିକାରୀ ସ୍ୱାଧୀନ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାମୁର ବନପାଳ ଦୀପ୍ତିରଞ୍ଜନ ନାୟକ, ସର୍ଗିପାଲି ବନପାଳ ରମାକାନ୍ତ ସାହୁ, ସାଥୀ ପରିବାରର ପରାମର୍ଶଦାତା ସୁଶାନ୍ତ ତ୍ରିପାଠୀ, ସମ୍ପାଦକ ସୁବ୍ରତ କୁମାର ପ୍ରମୁଖ ଯୋଗଦେଇଥିଲେ। ସଠିକ ଉପାୟରେ ମଶାରି ଟାଣି ଶୋଇଲେ ମଶା ଓ ସାପ ସମେତ ଅନ୍ୟ କ୍ଷତିକାରକ କୀଟ ଦାଉରୁ ରକ୍ଷା ପାଇପାରିବେ ବୋଲି ସଚେତନ କରିଥିଲେ। ଅନୁଷ୍ଠାନର ସ୍ୱରୂପଦୀପ ସିହ୍ନା, ସୌମ୍ୟରଞ୍ଜନ ଥମ୍ବ, ନଗେନ୍ ରାଉଳ ଏବଂ ବାମୁର ବନ କର୍ମଚାରୀ ସହଯୋଗ କରିଥିଲେ।

● ଯୁବ ଆଇନଜୀବୀଙ୍କ ପାଇଁ ନୂଆ ଆଇନ ପୁସ୍ତକ

'ଏଫ୍‌ଆଇଆର୍ ଟୁ ଭର୍ଡିକ୍ଟ' ଆମାଜନ୍ କିଣ୍ଡଲରେ ଇ-ବୁକ୍ ଭାବେ ପ୍ରକାଶିତ

ଅନୁଗୋଳ, ୨୦।୯ (ସମିସ): ଆଇନ ପେସାରେ ନୂତନ ଭାବେ ପ୍ରବେଶ କରୁଥିବା ଯୁବ ଆଇନଜୀବୀମାନଙ୍କ ପାଇଁ ଏକ ପ୍ରାୟୋଗିକ ଓ ଉପଯୋଗୀ ଆଇନ ପୁସ୍ତକ 'ଏଫ୍‌ଆଇଆର୍ ଟୁ ଭର୍ଡିକ୍ଟ' ଆମାଜନ୍ କିଣ୍ଡଲରେ ଇ-ବୁକ୍ ଭାବେ ପ୍ରକାଶିତ ହୋଇଛି। ଏହି ପୁସ୍ତକର ଲେଖକ ହେଉଛନ୍ତି ଅନୁଗୋଳର ଆଇନଜୀବୀ ଡ. ପରମାନନ୍ଦ ମିଶ୍ର। ଏକ ଆପରାଧିକ ମାମଲାର ଆରମ୍ଭ ଏଫ୍‌ଆଇଆର୍‌ରୁ ଆରମ୍ଭ କରି ତଦନ୍ତ, ଗିରଫ, ଜାମିନ, ଚାର୍ଜସିଟ୍ ଦାଖଲ, ଅଦାଲତରେ ଶୁଣାଣି, ଚାର୍ଜ ଗଠନ, ସାକ୍ଷୀଙ୍କ ପରୀକ୍ଷା, ମୁଖ୍ୟ ପରୀକ୍ଷା, ଜେରା, ବିଶେଷଜ୍ଞଙ୍କ ସାକ୍ଷ୍ୟ, ଯୁକ୍ତିତର୍କ ଏବଂ ଶେଷରେ ଦୋଷସିଦ୍ଧି କିମ୍ବା ଖଲାସ ପର୍ଯ୍ୟନ୍ତ ମାମଲାର ବିଭିନ୍ନ ପର୍ଯ୍ୟାୟକୁ ପୁସ୍ତକରେ ପ୍ରାୟୋଗିକ ଭାବେ ବୁଝାଇବାକୁ ଚେଷ୍ଟା କରାଯାଇଛି। ବିଶେଷକରି ନୂତନ ଆଇନଜୀବୀମାନେ କିପରି ଆଇନଗତ ଆବେଦନ ଓ ଦଲିଲ ପ୍ରସ୍ତୁତ କରିବେ, କିପରି ମାମଲାକୁ ଅଦାଲତରେ ଉପସ୍ଥାପନ କରିବେ, ସାକ୍ଷୀଙ୍କୁ କିପରି ପରୀକ୍ଷା ଓ ଜେରା କରିବେ ଏବଂ ମାମଲାର ଗୁରୁତ୍ୱପୂର୍ଣ୍ଣ ଆଇନଗତ ଦିଗଗୁଡ଼ିକୁ କିପରି ଅଦାଲତ ସମ୍ମୁଖରେ ରଖିବେ ସେସବୁ ବିଷୟରେ ପୁସ୍ତକ ପ୍ରାୟୋଗିକ ମାର୍ଗଦର୍ଶନ ଦେବାକୁ ଉଦ୍ଦିଷ୍ଟ। ନୂତନ ଅପରାଧିକ ଆଇନ ବ୍ୟବସ୍ଥା ଅନୁଯାୟୀ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ସମ୍ବନ୍ଧୀୟ ପ୍ରକ୍ରିୟାଗତ ବିଷୟଗୁଡ଼ିକୁ ମଧ୍ୟ ପୁସ୍ତକରେ ସ୍ଥାନ ଦିଆଯାଇଛି। ଲେଖକଙ୍କ ମତରେ, ଆଇନର ଧାରା ଜାଣିବା ସହ ଜଣେ ନୂତନ ଆଇନଜୀବୀଙ୍କ ପାଇଁ ଅଦାଲତରେ ସେହି ଆଇନକୁ କିପରି ପ୍ରୟୋଗ କରିବା ଏବଂ ମାମଲାକୁ କିପରି ଆଗକୁ ନେବା ଏହାର ପ୍ରାୟୋଗିକ ଜ୍ଞାନ ମଧ୍ୟ ଅତ୍ୟନ୍ତ ଆବଶ୍ୟକ। ଏହି ଉଦ୍ଦେଶ୍ୟରେ ପୁସ୍ତକଟି ପ୍ରସ୍ତୁତ କରାଯାଇଛି।

ପଞ୍ଚାୟତ ବିଜେଡି ନୂତନ କର୍ମକର୍ତ୍ତା ଚୟନ

ବଅଁରପାଳ, ୨୦।୯ (ସମିସ): ବଅଁରପାଳ ବ୍ଲକ ତୁଳସୀପାଳ ଗ୍ରାମ ଫଟାକାଞ୍ଜିଆ ସ୍ଥିତ ମା' ମହାପାଟଙ୍କ ମନ୍ଦିର ପ୍ରାଙ୍ଗଣରେ ତୁଳସୀପାଳ ପଞ୍ଚାୟତ ବିଜେଡି ପକ୍ଷରୁ ସଭାପତି ଦୁଃଖବନ୍ଧୁ ବିଶ୍ୱାଳଙ୍କ ସଭାପତିତ୍ୱରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବୈଠକରେ ଜିଲ୍ଲା ବିଜେଡି ଉପସଭାପତି ବାଉରୀବନ୍ଧୁ ସାହୁ, ବନ୍ଧା ସମିତି ସଭ୍ୟ ଦୁଷ୍ମନ୍ତ କୁମାର ଗଡ଼ନାୟକ, ସ୍ଥାନୀୟ ସମିତିସଭ୍ୟ କର୍ଣ୍ଣ ଗୋଛାୟତ ଓ ସରପଞ୍ଚଙ୍କ ପ୍ରତିନିଧି ଅଭୟ ସେଠୀ ଯୋଗଦେଇଥିଲେ। ବିଜେପି ସରକାର ବିଭିନ୍ନ ବିଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଞ୍ଚାୟତ ସଭାପତି ଭାବେ ଦୁଃଖବନ୍ଧୁ ବିଶ୍ୱାଳ ପୁନଃ ଚୟନ ହୋଇଥିବା ବେଳେ ଉପସଭାପତି ରାମଚନ୍ଦ୍ର ବେହେରା, ପ୍ରତାପ ସାମଲ, ଗିରୀଶ ଚନ୍ଦ୍ର ବିଶ୍ୱାଳ, ସାଧାରଣ ସମ୍ପାଦକ ବୈକୁଣ୍ଠ ସାହୁ, ସହସମ୍ପାଦକ ମନୋଜ କୁମାର ସାହୁ, ସୁବ୍ରତ କୁମାର ବିଶ୍ୱାଳ, ମହିଳା ସଭାପତି ସସ୍ମିତା ସାମଲ, ଯୁବ ସଭାପତି ବିନୋଦ କୁମାର ବିଶ୍ୱାଳ, ମିଡିଆ କୋଅର୍ଡିନେଟର ସିଦ୍ଧେଶ୍ୱର ସାହୁ, ପ୍ରକାଶ ବିଶ୍ୱାଳ, କୁନା ମହାନ୍ତି, ଜିତେନ୍ଦ୍ର ସାହୁ, ଡିଜିଟାଲ ସେକ୍ରେଟାରୀ ରାଜାରାମ ସାହୁ ଓ ବୁଥ କମିଟି ସଭାପତି ଭାବେ ଶ୍ରୀକାନ୍ତ ସାମଲ, ସୁମନ୍ତ ବିଶ୍ୱାଳ, ବିଦ୍ୟାଧର ନାଏକ, ରମେଶ ବାରିକ, ଜ୍ୟୋତିର୍ମୟ ଦେହୁରୀ ପ୍ରମୁଖଙ୍କୁ ଚୟନ କରାଯାଇଛି। ବରିଷ୍ଠ ନେତା ଉଦୟନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

କଲେଜରେ ନିଶାମୁକ୍ତ ଭାରତ ଓ ରାଷ୍ଟ୍ରୀୟ ସଂକଳ୍ପ ସମାରୋହ

ଅନୁଗୋଳ, ୨୦।୯ (ସମିସ): ଶନିବାର ପୂର୍ବାହ୍ନରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, 'ମୋ ଯୁବ ଭାରତ' ଏବଂ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ 'ବିକଶିତ ଭାରତ ନିମନ୍ତେ ନିଶାମୁକ୍ତ ଭାରତ ଓ ରାଷ୍ଟ୍ରୀୟ ସଂକଳ୍ପ ସମାରୋହ' ସହ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ବିକଶିତ ଭାରତ ଗଠନରେ ନିଶାମୁକ୍ତ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ ଓ ଏନ୍‌ସିସି ସ୍ୱେଚ୍ଛାସେବୀଙ୍କ ଦ୍ୱାରା ନିଶାମୁକ୍ତି ସଚେତନତା ନାଟକ ଓ 'ସଂକଳ୍ପ ଚକ୍ର'ର ସାଙ୍କେତିକ ପ୍ରଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ବବଲୁ ମୁଣ୍ଡା, ଜିଲ୍ଲା ଯୁବ ଅଧିକାରୀ ପୂଜା ଯାଦବ, ସମାଜସେବୀ ସୁବ୍ରତ ପ୍ରଧାନ, ଭୀଷ୍ମ ସାହୁ, ହେମଦ୍ୟୁତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ଅଧିକାରୀ ପବିତ୍ର କୁମାର ବେହେରା ଓ ଗ୍ରନ୍ଥାଗାରିକ ବିଶ୍ୱଜିତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଗୌରୀଶଙ୍କର ଯୁଗପ୍ରକାଶ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ 'ମୋ ଯୁବ ଭାରତ'ର କାର୍ଯ୍ୟକ୍ରମ ଅଧିକାରୀ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ହୋ ଭାଷାର ପ୍ରତିଷ୍ଠାତା ଲାକୋ ବଦ୍ରାଙ୍କ ଜୟନ୍ତୀ ପାଳିତ

ପାଲଲହଡ଼ା, ୨୦।୯ (ସମିସ): ପାଲଲହଡ଼ା ଉପଖଣ୍ଡ ବାଲିମି ଗ୍ରାମରେ ହୋ ଭାଷାର ପ୍ରତିଷ୍ଠାତା ଲାକୋ ବଦ୍ରାଙ୍କ ୧୨୭ତମ ଜୟନ୍ତୀ ଶନିବାର ପାଳିତ ହୋଇଛି। ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଲାକୋ ବଦ୍ରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହୋ ଭାଷାର ସୁରକ୍ଷା, ପ୍ରଚାର ଓ ବିକାଶ ଦିଗରେ ଲାକୋ ବଦ୍ରାଙ୍କ ଅବଦାନକୁ ସ୍ମରଣ କରିଥିଲେ। ଏହି ଅବସରରେ ଆୟୋଜିତ ଫୁଟବଲ ପ୍ରତିଯୋଗିତାର ବିଜେତା ଦଳକୁ ମୁଖ୍ୟଅତିଥି ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌଭିକ ବିଶି, ପୂର୍ବତନ ବିଜେପି ମଣ୍ଡଳ ସଭାପତି ଧର୍ମେନ୍ଦ୍ର ସାହୁ, କ୍ଷେମଳା ମଣ୍ଡଳ ସଭାପତି ଛନ୍ଦାଚରଣ ସାହୁ, ସୌଭାଗିନୀ ପ୍ରଧାନ, ଚନ୍ଦ୍ରମୋହନ ମୁର୍ମୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ବିଧାୟକ ମହାନ୍ତି ବାଲିମିଠାରୁ ବଧମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ଓ ପୋଲ ବର୍ଷା ଯୋଗୁଁ କ୍ଷୟକ୍ଷତି ହୋଇଥିବା ସମ୍ପର୍କରେ ଜାଣି ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଡାକି ସ୍ଥିତି ଅନୁଧ୍ୟାନ କରିବା ସହ ଯାତାୟାତ ସମସ୍ୟା ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ମରାମତି ଓ ପୁନରୁଦ୍ଧାର ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ବିଭି ଜି ରାମଜିରୁ ଯୋଗାଇ ଦିଆଯିବ ବୋଲି ବିଧାୟକ ଘୋଷଣା କରିଥିଲେ।

ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ

ଅନୁଗୋଳ, ୨୦।୯ (ସମିସ): ସ୍ୱଚ୍ଛତା ହିଁ ସେବା ଅଭିଯାନ କ୍ରମରେ ଅନୁଗୋଳ ପୌରପାଳିକା ପକ୍ଷରୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଟାଉନ୍ ହାଇସ୍କୁଲର ୮୦ ଛାତ୍ରଛାତ୍ରୀଙ୍କୁ ପୌରପାଳିକାର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରକୁ ନିଆଯାଇ ସହରର ଆବର୍ଜନା କିଭଳି ଘରକୁ ଘର ବୁଲି ସଂଗ୍ରହ କରାଯାଉଛି ଏବଂ ସେଗୁଡ଼ିକୁ କିଭଳି ଉପଯୁକ୍ତ ପରିଚାଳନା ମାଧ୍ୟମରେ ଖତସାରରେ ପରିଣତ କରାଯାଉଛି ଏବଂ ପ୍ଲାଷ୍ଟିକ ଆବର୍ଜନାଗୁଡ଼ିକୁ ସ୍ୱତନ୍ତ୍ର ବ୍ୟବହାର ନିମନ୍ତେ ସିମେଣ୍ଟ କାରଖାନାକୁ ପଠାଯାଉଛି ତାହା ବୁଝାଯାଇଥିଲା। ପୌରପାଳିକାର ସାନିଟେସନ ବିଶେଷଜ୍ଞ ଦୀପକ କୁମାର ସାହୁ, ଦେବଦତ୍ତ ରଥ ଏବଂ ସ୍ୱଚ୍ଛସାଥୀମାନେ ଉପସ୍ଥିତ ଥିଲେ।

ବିଜେଡି ଉପସଭାପତିଙ୍କୁ ଖମାରରେ ସ୍ୱାଗତ ସମ୍ବର୍ଦ୍ଧନା

ଖମାର, ୨୦।୯ (ସମିସ): ବରିଷ୍ଠ ବିଜେଡି ଉପସଭାପତି ଦେବୀପ୍ରସାଦ ମିଶ୍ର ଭୁବେଶ୍ୱରରୁ ରାଉରକେଲା ଯାଉଥିବା ସମୟରେ ରବିବାର ପୂର୍ବାହ୍ନ ୧୧ଟାରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ଖମାର ଡାକବଙ୍ଗଳାରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଏକ ସାଙ୍ଗଠନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମିଶ୍ର ମିଛ ପ୍ରତିଶ୍ରୁତି ଦେଇ ଆସିଥିବା ବିଜେପି ସରକାର ଓ ରଙ୍ଗମରା ସରକାରକୁ ତୀବ୍ର ନିନ୍ଦା କରିଥିଲେ। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଏବଂ ୨୦୨୯ ସାଧାରଣ ନିର୍ବାଚନ ପାଇଁ କର୍ମୀମାନେ ଏବେଠୁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପାଲଲହଡ଼ା ବ୍ଲକ ବିଜେଡି ସଭାପତି ରଞ୍ଜିତ ବିଶ୍ୱାଳ, କଣିହାଁ ବ୍ଲକ ସଭାପତି ପ୍ରଶାନ୍ତ ସାହୁ, ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡ଼ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ବ୍ଲକ ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ଭୋକ୍ତା, ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁବାସ ମହାନ୍ତିଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ବିଭିନ୍ନ ପଞ୍ଚାୟତର ସଭାପତି ଓ କର୍ମକର୍ତ୍ତା ଯୋଗଦେଇଥିଲେ।

ଡିଏଚ୍‌ଏଚ୍‌ର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଏସ୍‌ପି

ଅନୁଗୋଳ, ୨୦।୯ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ପଦକ୍ଷେପ ନେଇଛି ପୁଲିସ। ଶୁକ୍ରବାର ଅନୁଗୋଳ ଏସ୍‌ପି ରାହୁଲ ଜୈନ ଥାନା ଅଧିକାରୀଙ୍କ ସହ ଡିଏଚ୍‌ଏଚ୍ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ହସ୍ପିଟାଲ ପରିସର, ପ୍ରବେଶ ଦ୍ୱାର, ପାର୍କିଂ ଏବଂ ଆଖପାଖ ଅଞ୍ଚଳରେ ଥିବା ସିସିଟିଭି ଯାଞ୍ଚ କରିଥିଲେ। ରୋଗୀ ଓ ସମ୍ପର୍କୀୟଙ୍କ ସହ ଆଲୋଚନା କରି ସୁରକ୍ଷାଜନିତ ସମସ୍ୟା ବୁଝିଥିଲେ। ରାତିରେ ପାଟ୍ରୋଲିଂ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପିଏମ୍‌ପି ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ ଏବଂ ଡିଏଚ୍‌ଏଚର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଭାରତୀୟ ଯୋଗ ସଂସ୍ଥାନ ପକ୍ଷରୁ ପ୍ରଭାତଫେରୀ

ଅନୁଗୋଳ, ୨୦।୯ (ସମିସ): ଭାରତୀୟ ଯୋଗ ସଂସ୍ଥାନ, ଅନୁଗୋଳ ଜିଲ୍ଲା ତରଫରୁ ଯୋଗ ମହୋତ୍ସବ ଉପଲକ୍ଷେ ପ୍ରଭାତଫେରୀ ଅନୁଷ୍ଠିତ ହୋଇଛି। ତୁରଙ୍ଗସ୍ଥିତ ଶୀତଳବିହାର ସୋସାଇଟି ପରିସରରେ ପ୍ରଭାତଫେରୀ ପରିକ୍ରମା କରି ଲୋକମାନଙ୍କୁ ଯୋଗ ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଧାନ ସଞ୍ଜୁକ୍ତା ପାଲ ଓ ଜିଲ୍ଲା ମନ୍ତ୍ରୀ ସର୍ବେଶ୍ୱର ପାଲ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଅଞ୍ଚଳରେ ଯୋଗ ପ୍ରଚାର ଓ ସଚେତନତା ପାଇଁ ସଂସ୍ଥା ପକ୍ଷରୁ ଆଗାମୀ ଦିନରେ ଏଭଳି ପ୍ରୟାସ ଜାରି ରହିବ ବୋଲି କୁହାଯାଇଛି।

ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଅନୁଗୋଳ, ୨୦।୯ (ସମିସ): ମରାତିରା ଗଣ୍ଡିବେଢ଼ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୯୭୭ ଜୁଲାଇ ୧ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ୨୦୨୭ରେ ତା'ର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ଉତ୍ସବକୁ ଭବ୍ୟ ରୂପେ ପାଳନ ପାଇଁ ବିଦ୍ୟାଳୟ ଓ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବୈଠକରେ ସାନ୍ତରାପୁର, ଜରଡ଼ା, ତୁବେ ଓ ବଡ଼ହିଂସର ପଞ୍ଚାୟତର ବହୁ ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟି ସଭାପତି ଓ ସଦସ୍ୟ ଯୋଗଦେଇଥିଲେ। ଉତ୍ସବକୁ କିପରି ସୁଚାରୁରୂପେ ପରିଚାଳନା ପାଇଁ ବିଭିନ୍ନ ଉପ-କମିଟି ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା।

ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଅନୁଗୋଳ, ୨୦।୯ (ସମିସ)

ବଅଁରପାଳ ବ୍ଲକ ଜରଡ଼ା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟରେ ଜୋନାଲସ୍ତରୀୟ କ୍ରୀଡ଼ା ପ୍ରିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ, ମରାତିରା ଗଣ୍ଡିବେଢ଼ ଉଚ୍ଚ ବିଦ୍ୟାଳୟ, କଞ୍ଚୁରା ଉଚ୍ଚ ବିଦ୍ୟାଳୟ, ତୁବେ ନାଗରୀମୋହନ ଉଚ୍ଚ ବିଦ୍ୟାଳୟ, ବଡ଼କେରଜାଙ୍ଗ ଉଚ୍ଚ ବିଦ୍ୟାଳୟ, ସାନକେରଜାଙ୍ଗ ମଲ୍ଲିକେଶ୍ୱର ଉଚ୍ଚ ବିଦ୍ୟାଳୟ, ବେଣାଗାଡ଼ିଆ ଉଚ୍ଚ ବିଦ୍ୟାଳୟ ସମେତ ପ୍ରାୟ ୨୦ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜରଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତରଣୀସେନ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ହୋଇଛି। ଏହି ପ୍ରିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଖେଳିବାକୁ ସୁଯୋଗ ପାଇବେ ବୋଲି ପ୍ରଧାନଶିକ୍ଷକ ସାହୁ କହିଛନ୍ତି।

କିଶୋରନଗର: କିଶୋରନଗର ବ୍ଲକ ବାମୁରସ୍ଥିତ ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ୯ ବିଦ୍ୟାଳୟର ପ୍ରାୟ ୩୯୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୩୩ ଜଣ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ତଥା ଜୋନ୍ ସଭାପତି ସୁପ୍ରଭା ସାହୁ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଅତିଥି ଭାବେ କିଶୋରନଗର ହେଡ୍ ଜୋନ୍‌ର ପୂର୍ବତନ ସମ୍ପାଦକ ବସନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ। ଜୋନ୍ ସମ୍ପାଦକ ଜ୍ଞାନେନ୍ଦ୍ର ସାହୁ ଓ ଯୁବଜ୍ୟୋତି ଉଚ୍ଚ ବିଦ୍ୟାଳୟର ଖେଳଶିକ୍ଷକ ସରୋଜ ରଞ୍ଜନ ସେନାପତିଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ଖେଳ ଶିକ୍ଷକ ସିପୁନ୍ କୁମାର ସାହୁ, ଲକ୍ଷ୍ମଣ କୁମାର ସାହୁ, ବିକାଶ ନାୟକ, ସନ୍ତୋଷିନୀ ମାଝୀ, ସୋନାଲିକା ବଡ଼ମାଳୀ, ରମାକାନ୍ତ ସାହୁ ଓ ବସନ୍ତ କୁମାର ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ।

ସାପ କାମୁଡ଼ାରେ ମତ୍ସ୍ୟଜୀବୀ ମୃତ

ଆଳି,୨୦।୯ (ସମିସ): ସଂସିଧା ଗ୍ରାମରେ ଗତକାଲି ରାତିରେ ସାପ କାମୁଡ଼ାରେ ଜଣେ ଯୁବ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମାଛ ଧରିବା ନିମନ୍ତେ ନଦୀକୁ ଯାଇଥିବାବେଳେ ସେଠାରେ ତାଙ୍କୁ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସଂସିଧା ପଞ୍ଚାୟତ ଅଧୀନ ସଂସିଧା ଗ୍ରାମର ଦଶରଥ ସେଠୀଙ୍କ ପୁଅ ସୁମନ୍ତ (୨୮) ସବୁଦିନ ଭଳି ନଦୀକୁ ମାଛ ଧରିବାକୁ ଯାଇଥିଲେ। ମାନପୁର ଘୋଷରା ନିକଟରେ ମାଛ ଧରିବା ସମୟରେ ତାଙ୍କ ହାତକୁ ସାପ କାମୁଡି ଦେଇଥିଲା। ସୁମନ୍ତ ଚିତ୍କାର କରିବାକୁ ଲାଗିଥିଲେ। ସ୍ଥାନୀୟ ଲୋକେ ପ୍ରଥମେ ଆଳି ମେଡିକାଲକୁ ଆଣିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ସକାଳୁ ପରିବାର ପକ୍ଷରୁ ସୁମନ୍ତଙ୍କ ବାପା ଦଶରଥ ଆଳି ଥାନାରେ ଲିଖିତ ଭାବେ ଜଣାଇଥିବା ଜଣାପଡିଛି।

କପିଳେନ୍ଦ୍ର ମଲ୍ଲିକ ରାଜକନିକା ବ୍ଲକ୍ ବିଜେଡି ସଭାପତି

ରାଜକନିକା,୨୦।୯ (ସମିସ): ବିଜୁ ଜନତା ଦଳର ସାଙ୍ଗଠନିକ ସଂସ୍କାର କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ସଂଗଠନର ସମସ୍ତ ବ୍ଲକ, ନଗର ୟୁନିଟ୍ ସଭାପତି, କାର୍ଯ୍ୟକାରୀ ସଭାପତି ଚୟନ କରାଯାଇଛି। ଏହି ପରିବର୍ତ୍ତିତ ସାଙ୍ଗଠନିକ ଦାୟିତ୍ୱ ଅନୁସାରେ ରାଜକନିକା ବ୍ଲକ୍ ବିଜେଡି ସଭାପତି ଭାବେ ବରିଷ୍ଠ ନେତା କପିଳେନ୍ଦ୍ର ମଲ୍ଲିକଙ୍କୁ ଦାୟିତ୍ୱ ମିଳିଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବ୍ଲକ୍ ସ୍ତରର ଏହି ନେତୃତ୍ୱ ପରିବର୍ତ୍ତନ କର୍ମୀଙ୍କ ମହଲରେ ଉତ୍ସାହ ଆଣିଛି। ଗତକାଲି ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ରଙ୍କ ଅନୁମୋଦନରେ ପ୍ରକାଶିତ ତାଲିକାରେ ନୂତନ ରାଜକନିକା ବ୍ଲକ ବିଜେଡି ସଭାପତି ଦାୟିତ୍ୱ ମିଳିବା ରାଜକନିକା ରାଜନୀତିକୁ ଚେଇଁ ଦେଇଛି। ଶ୍ରୀ ମଲ୍ଲିକ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ରାଜକନିକା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିଲେ।

ଭୀଷ୍ମ ମହାନ୍ତି ଆଳି ବ୍ଲକ ବିଜେଡି ସଭାପତି

ଆଳି,୨୦।୯ (ସମିସ): ବିଜୁ ଜନତା ଦଳର ସାଙ୍ଗଠନିକ ସଂସ୍କାର କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ସଂଗଠନର ସମସ୍ତ ବ୍ଲକ୍, ନଗର ୟୁନିଟର ସଭାପତି, କାର୍ଯ୍ୟକାରୀ ସଭାପତି ଚୟନ କରାଯାଇଛି। ଆଳି ବ୍ଲକ ବିଜେଡି ସଭାପତି ଭାବେ ବରିଷ୍ଠ ସଂଗଠକ ତଥା ବିଜେଡି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତିଙ୍କୁ ଦାୟିତ୍ୱ ମିଳିଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବ୍ଲକ୍ ସ୍ତରର ଏହି ନେତୃତ୍ୱ ପରିବର୍ତ୍ତନ କର୍ମୀଙ୍କ ମହଲରେ ଉତ୍ସାହ ଆଣିଛି। ଗତକାଲି ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ରଙ୍କ ଅନୁମୋଦନରେ ପ୍ରକାଶିତ ତାଲିକାରେ ନୂତନ ଭାବେ ଆଳି ବ୍ଲକ୍ ବିଜେଡି ସଭାପତି ଦାୟିତ୍ୱ ମିଳିବା ପରେ ଆଳି ନିର୍ବାଚନ ମଣ୍ଡଳୀ ବିଜେଡି ରାଜନୀତିକୁ ସରଗରମ କରିଦେଇଛି। ନବନିଯୁକ୍ତ ବ୍ଲକ ବିଜେଡି ସଭାପତି ପୂର୍ବରୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିବାବେଳେ ତାଙ୍କ ସାଙ୍ଗଠନିକ କ୍ଷେତ୍ରରେ ବହୁ ଅଭିଜ୍ଞତା ରହିଛି। ଆଳି ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତରୁ ବ୍ଲକ ସଭାପତିଙ୍କୁ ଭେଟିବାକୁ ବିଜେଡି କର୍ମୀଙ୍କ ସୁଅ ଛୁଟୁଛି। ଏ ନେଇ ଶ୍ରୀ ମହାନ୍ତି ବିଜେଡି ସୁପ୍ରିମୋ ଓ ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଶ୍ରୀମନ୍ତ ରାଉତରାୟ ଡେରାବିଶ ବ୍ଲକ୍ ବିଜେଡି ସଭାପତି

ଡେରାବିଶ, ୨୦।୯ (ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଗତକାଲି କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବ୍ଲକ୍ ଓ ମ୍ୟୁନିସିପାଲିଟି ସଭାପତି ନିଯୁକ୍ତ କରାଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ରଙ୍କ ଦସ୍ତଖତରେ ଡେରାବିଶ ବ୍ଲକ୍ ବିଜେଡି ସଭାପତି ଭାବେ ବରିଷ୍ଠ ସଂଗଠକ ଶ୍ରୀମନ୍ତ ରାଉତରାୟଙ୍କୁ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ଭାବେ ଶ୍ରୀ ରାଉତରାୟ ନିଯୁକ୍ତ ହେବା ପରେ ବ୍ଲକ୍ ବିଜେଡ଼ି ସଂଗଠନକୁ ଅଧିକ ମଜବୁତ୍ ଓ କ୍ରିୟାଶୀଳ କରିବା ପାଇଁ ସମସ୍ତ କର୍ମୀଙ୍କ ସହଯୋଗ ଲୋଡ଼ିଛନ୍ତି। ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ନବନିଯୁକ୍ତ ବ୍ଲକ ବିଜେଡ଼ି ସଭାପତିଙ୍କୁ ରାଜ୍ୟ ବିଜେଡି ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ବିଜେଡି ସମ୍ପାଦକ ମଧୁସୂଦନ ଘଡ଼େଇ, ଜିଲ୍ଲା ବିଜେଡି ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ଚାନ୍ଦୋଳ ବିଜେଡି ସଭାପତି ଦେବରାଜ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ବରିଷ୍ଠ ବିଜେଡି ନେତା ମନୀନ୍ଦ୍ର ରଥ, ଅଜୟ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ପକ୍ଷରୁ ଶିକ୍ଷାବିତ୍ ସମ୍ବର୍ଦ୍ଧିତ

ଡେରାବିଶ, ୨୦।୯ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାରେ ଶିକ୍ଷାର ଆଲୋକବର୍ତିକା ସାଜିଥିବା କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ଶିକ୍ଷାବିତ୍ ଡଃ ମନୋଜ କୁମାର ପ୍ରଧାନଙ୍କୁ ତାଙ୍କର ସମାଜସେବା ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ଭୂମିକା ପାଇଁ ଶ୍ରୀଜଗନ୍ନାଥ ଆନ୍ତର୍ଜତିକ ଚାରଣ ଗୋଷ୍ଠୀ କଟକ ମଣ୍ଡଳ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଟକର ଶତାବ୍ଦୀ ଭବନରେ ଚାରଣ ଗୋଷ୍ଠୀ ପକ୍ଷରୁ 'ଆମ ପ୍ରଣାମ'ର ଦଶମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଶ୍ରୀ ପ୍ରଧାନଙ୍କୁ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ସେବକ ରାମକୃଷ୍ଣ ଦାଶମହାପାତ୍ରଙ୍କ ଦ୍ୱାରା ଅଙ୍ଗାଭରଣ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି।

ବଡ଼ପଲ୍ଲୀ ମହିମା ଅଲେଖ ଆଶ୍ରମରେ ନୂଆଁଖାଇ

ରାଜନଗର,୨୦।୯ (ସମିସ): କୋଇଲିପୁର ପଞ୍ଚାୟତର ବଡ଼ପଲ୍ଲୀ ଗ୍ରାମର ମହିମା ଅଲେଖ ଆଶ୍ରମରେ ଆଡମ୍ବର ସହକାରେ ନୂଆଁଖାଇ ପାଳିତ ହୋଇଛି। ଏହି ପର୍ବରେ ସାଧୁ ଅଭୟ ବାବା, ଅନ୍ତର୍ଯ୍ୟାମୀ ବାବା, ସୁବ୍ରତ ବାବା ଓ ଶ୍ରୀକାନ୍ତ ବାବାଙ୍କ ସମେତ ଶତାଧିକ ସାଧୁ ଯୋଗଦେଇ ଏହାର ମହତ୍ତ୍ୱ ଓ ଗୁରୁତ୍ୱ ସଂପର୍କରେ ଆଲୋଚନା କରିଥିଲେ। ସକାଳେ ନୂଆ ଖାଦ୍ୟଶସ୍ୟ ଚୁଡ଼ା, ଗୁଡ଼, କଦଳୀ, ସେଓ, ଅଙ୍ଗୁର, ଡାଳିମ୍ବ, କାଜୁ, କିସମିସ, ମରିଚ, ଗୁଡ଼, ନଡ଼ିଆ ସହ ଏକ ଅମଣିଆ ଭୋଗ ପ୍ରସ୍ତୁତ ସହ ବଣ୍ଟନ ହୋଇଥିଲା। ମଧ୍ୟାହ୍ନରେ ନବାନ୍ନ ପ୍ରସ୍ତୁତ ହୋଇଥିଲା। ଆଖପାଖ ଅଞ୍ଚଳର ପ୍ରାୟ ୧ ହଜାରରୁ ଅଧିକ ଲୋକ ଯୋଗଦେଇ ଏହି ନବାନ୍ନର ପୂର୍ଣ୍ଣ ସୁଯୋଗ ନେଇଥିଲେ।

ଅନିୟମିତତା ଅଭିଯୋଗରେ ବରିଷ୍ଠ କିରାଣି ନିଲମ୍ବିତ

ଡେରାବିଶ, ୨୦।୯ (ସମିସ): ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ବରିଷ୍ଠ କିରାଣି ଜୟନ୍ତ ପ୍ରଧାନଙ୍କୁ କାର୍ଯ୍ୟରେ ଅନିୟମିତତା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ନିଲମ୍ବିତ କରିଛନ୍ତି। ଏ ନେଇ ଅର୍ଡର ନମ୍ବର ୧୧୭୩୩/୧୯।୯।୨୦୨୬ ମାଧ୍ୟମରେ ଡିଇଓ ଶ୍ରୀ ବାରିକ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସିନିୟର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିବା ସମୟରେ ଶ୍ରୀ ପ୍ରଧାନ ବିଭାଗୀୟ କାର୍ଯ୍ୟରେ ବିଭିନ୍ନ ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଥିଲା। ପରେ ଶ୍ରୀ ପ୍ରଧାନଙ୍କୁ ବିଭାଗ ପକ୍ଷରୁ ଡେରାବିଶ ବ୍ଲକ ଶିକ୍ଷା କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ଡିଇଓ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯିବା ସହ ପ୍ରଧାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଶ୍ରୀ ପ୍ରଧାନ ଏ ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ମହାକାଳପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୈନିକ ହାଜିରା ଦେବାକୁ ଶ୍ରୀ ପ୍ରଧାନଙ୍କୁ ଡିଇଓ ଶ୍ରୀ ବାରିକ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି।

ଗଣଶିକ୍ଷା ଯୁଗ୍ମ ନିର୍ଦ୍ଦେଶକଙ୍କ ମୋବାଇଲ ହଜିବା ଅଭିଯୋଗ

ଡେରାବିଶ,୨୦।୯ (ସମିସ): ଡେରାବିଶ ବ୍ଲକ ଅଞ୍ଚଳରେ ଆଜି ଉଲ୍ଲାସ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିବାକୁ ଆସିଥିବା ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ତରାଇଙ୍କ ମୋବାଇଲ ହଜିଯାଇଥିଲା। ସେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଖୋଜାଖୋଜି ପରେ ନ ମିଳିବାରୁ କେନ୍ଦ୍ରାପଡ଼ା ସଦର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

ଧସିଲା ବ୍ରାହ୍ମଣୀ ନଦୀ ବନ୍ଧର ୩୦ ଫୁଟ ପଥର ପ୍ୟାକିଂ

ବିପଦରେ ଯଦୁଚନ୍ଦ୍ରପୁର ଓ ଦକ୍ଷିଣଭେଡ଼ା ଗାଁ

ରାଜନଗର,୨୦।୯ (ସମିସ)

ବ୍ରାହ୍ମଣୀ ନଦୀ ଉଗ୍ର ହୋଇ କୂଳକୁ ଖାଇବାରେ ଲାଗିଛି। ଯଦୁଚନ୍ଦ୍ରପୁର ନିକଟରେ ପଥର ପ୍ୟାକିଂକୁ ଧସେଇ ନେଇଛି। ଗତକାଲି ରାତି ଓ ଆଜି ସକାଳେ ପ୍ରାୟ ୩୦ ଫୁଟ ଚଉଡାର ପଥର ପ୍ୟାକିଂକୁ ଭସେଇ ନେଇଛି। ଉଚ୍ଚ ଜୁଆର ଫଳରେ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏଭଳି ସ୍ଥିତି ଯଦି ଲାଗି ରହେ, କେବଳ ଯଦୁଚନ୍ଦ୍ରପୁର କି ଦକ୍ଷିଣଭେଡା ନୁହେଁ ସମଗ୍ର ବରଗାଁ ପ୍ରତି ବିପଦ ଦେଖାଦେଇଛି।

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାଯତ ବାରଗାଁ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ। ବ୍ରାହ୍ମଣୀ ନଦୀ ଗର୍ଭରେ ବରଗାଁର ଶହ ଶହ ପରିବାରର ଭିଟାମାଟି ଲୀନ ହୋଇସାରିଛି। ଏହି ପଞ୍ଚାୟତର ଯଦୁଚନ୍ଦ୍ରପୁର ଓ ଦକ୍ଷିଣଭେଡା ନିକଟରେ ବ୍ରାହ୍ମଣୀ ନଦୀ ଭିଟାମାଟି ଖାଇବା ପରେ ତଟବନ୍ଧ ବିଭାଗ ପକ୍ଷରୁ ପଥର ପ୍ୟାକିଂ ଓ ସ୍ପର କରାଯାଇ ଗାଁକୁ ରକ୍ଷା କରିବାକୁ ଉଦ୍ୟମ କରାଯାଇଛି। ୨୦୨୩-୨୪ରେ ଯଦୁଚନ୍ଦ୍ରପୁରଠାରୁ ପୁରୁଣା ମା' ମାଟିଆ ମଙ୍ଗଳାଙ୍କ ମନ୍ଦିର ପର୍ଯ୍ୟନ୍ତ ୮୦୦ ମିଟର ପଥର ପ୍ୟାକିଂ ଓ ଡମ୍ପିଂ କରାଯାଇଥିଲା। ନିମ୍ନମାନର କାମ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏବେ ପଥର ପ୍ୟାକିଂ ଓ ଡମ୍ପିଂ ଧସିବାରେ ଲାଗିଛି। ପ୍ରାୟ ୩୦ ଫୁଟର ପଥର ପ୍ୟାକିଂ ଉଚ୍ଚ ଜୁଆରରେ ଭାସିଯାଇଛି। ଯେଉଁ ଭଳି ଭାବେ ପଥର ପ୍ୟାକିଂ ଧସିଛି, ଏ ସ୍ଥିତି ଲାଗି ରହିଲେ କିମ୍ବା ଉଚ୍ଚ ଜୁଆର ଆସିଲେ ଅଧିକ ପଥର ପ୍ୟାକିଂ ଧସେଇ ପଡିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଯେଉଁ ସ୍ଥାନରେ ପଥର ପ୍ୟାକିଂ ଧସିବା ସହ ଭାସିଯାଇଛି, ସେଠାରୁ ମାତ୍ର ୩୦ ମିଟର ଦୂରରେ ଜନବସତି। ଯଦୁଚନ୍ଦ୍ରପୁରର ସମୀର ମିଶ୍ର, କାମଦେବ ପାତ୍ର, ସହଦେବ ପରିଡାଙ୍କ କହିବା କଥା ହେଲା ଗତକାଲି ରାତି ଓ ଆଜି ସକାଳେ ପ୍ରାୟ ୩୦ ଫୁଟ ପଥର ପ୍ୟାକିଂ ଧସେଇ ପଡିଛି। ଏ ସମ୍ପର୍କରେ ଆଳି ତଟବନ୍ଧ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସମ୍ବିତ ସାହୁଙ୍କୁ ପଚାରିବାରୁ ଆସନ୍ତାକାଲି ଯନ୍ତ୍ରୀ ଘଟଣାସ୍ଥଳ ଦେଖିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଟ୍ରାନ୍ସଫର୍ମର ଆସି ପୂଜା ସରିବା ପରେ ବି ହେଉନି କାର୍ଯ୍ୟକ୍ଷମ

୪ ଦିନ ହେଲା ଅନ୍ଧାରରେ ଗ୍ରାମବାସୀ

ରାଜକନିକା,୨୦।୯ (ସମିସ): ଚାରିଦିନ ହେବ ଟ୍ରାନ୍ସଫର୍ମର ପୋଡିଲାଣି। ଦୁଇଦିନ ଧରି ଆଳି ଏସଡିଓ ରାଜକନିକା ସେକ୍ସନରେ ଯୋଗାଯୋଗ କରି ଗ୍ରାମବାସୀ ଚାପ ପକାଇ ନୂଆ ଟ୍ରାନ୍ସଫର୍ମର ଆଣି ଗାଁରେ ପୂଜା କରିଛନ୍ତି। ମାତ୍ର ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ ହୋଇ ନ ପାରି ସେମିତି ଥୁଆ ହୋଇଛି। ୪ ଦିନ ହେବ ଅନ୍ଧାରରେ ନଦୀକୂଳିଆ ଗାଁ ଜୟକୁଣ୍ଡାର ୭୦ ପରିବାର। ବଜ୍ରପାତରେ ପୋଡ଼ିଯାଇଥିବା ଏହି ଗାଁର ୭୦ ଘରକୁ ବିଜୁଳି ଯୋଗାଉଥିବା ୬୩ କେଭିର ଟ୍ରାନ୍ସଫର୍ମର ଜାଗାରେ ନୂଆ ଟ୍ରାନ୍ସଫର୍ମର ଆସିଛି। ଏହି ଟ୍ରାନ୍ସଫର୍ମର ବସାଇ ଲୋକଙ୍କୁ ବିଜୁଳି ଦେବା ବଦଳରେ ଜେଇ ଓ ଟିପିସିଓଏଲ ଉପର ଅଧିକାରୀଙ୍କ ଭିତରେ ଚାଲିଥିବା ଛକାପଞ୍ଝା ପାଇଁ ଦହଗଞ୍ଜ ହେଲେଣି ୭୦ ପରିବାରର ସଦସ୍ୟ। ପଞ୍ଚାୟତର କିଛି କୁଜି ନେତାଙ୍କ ହୀନସ୍ୱାର୍ଥ ପାଇଁ ଏହି ଟ୍ରାନ୍ସଫର୍ମର ବସାଇବାରେ ବାହାଦୁରୀ ନେବାକୁ ଉଦ୍ୟମ କରି ପ୍ରକୃତ ଉଦ୍ୟମ କରୁଥିବା ବ୍ୟକ୍ତିଙ୍କୁ ବଦନାମ କରିବାକୁ ଟ୍ରାନ୍ସଫର୍ମର ବସାଇବାରେ ଜଣେ ରାଜନେତା ଉପରୁ ଚାପ ପକାଇ ବସାଇବାରେ ବିଳମ୍ବ କରୁଥିବା ଜଣାପଡିଛି। ଟ୍ରାନ୍ସଫର୍ମର ତୁରନ୍ତ ବସାଇ ଲୋକଙ୍କୁ ବିଜୁଳି ଦେବାକୁ ଆସନ୍ତାକାଲି ଏହି ଗାଁର ଉପଭୋକ୍ତା ରାଜକନିକା ବିଦ୍ୟୁତ ସେକ୍ସନ ଘେରିବେ ବୋଲି କହିଛନ୍ତି। ପ୍ରକୃତି ଓ ପ୍ରଶାସନ ଓ ରାଜନେତାଙ୍କ ଗୋଟିରେ ଅସହାୟ ହୋଇ ଜୀବନ ବିତାଉଥିବା ଲୋକେ ବାଧ ହୋଇ ଧାରଣା ଦେବେ ବୋଲି ଜଣାପଡିଛି। ଏ ସମ୍ପର୍କରେ ରାଜକନିକା ସେକ୍ସନ ଜୁନିୟର ମ୍ୟାନେଜରଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି। ଟାଟା ପାୱାର ଉପରିସ୍ଥ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ଗାଁର ଟ୍ରାନ୍ସଫର୍ମର ବସାଇବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

ରାଜନଗର ଯୁବ, ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ରାଜନଗର, ୨୦।୯ (ସମିସ): ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ରାଜନଗର ନିର୍ଭି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସ ସଭାପତି ସୁଶୀଳ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଜିତ ଜେନା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲକ୍ଷ୍ମୀପ୍ରିୟା ନାୟକ, ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ପ୍ରଶାନ୍ତ ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ପ୍ରକାଶ ମହାନ୍ତି ଯୋଗଦେଇ ଯୁବକ/ଯୁବତୀ ଆଗାମୀ ଦିନରେ ଏକତ୍ରିତ ହୋଇ ବିଭିନ୍ନ ପ୍ରକାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା, ଜୁମୁଲା ସରକାରର ଜନବିରୋଧୀ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନତା ଅଭିଯାନ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ବ୍ଲକ କଂଗ୍ରେସ ଉପସଭାପତି ପ୍ରଗତୀ ସେଠୀ, ଜିଲ୍ଲା କଂଗ୍ରେସ ସମ୍ପାଦିକ ବିଚିତ୍ର ନାୟକ, ବ୍ଲକ୍ ଛାତ୍ର କଂଗ୍ରେସ ସଭାପତି ଅଭିକ୍ ଦାସ, ଜିଲ୍ଲା ଯୁବ କଂଗ୍ରେସ ସାମାଜିକ ଗଣମାଧ୍ୟମ ସଂଯୋଜକ ବିଭୁପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ନର୍ବାଚନ ପୂର୍ବରୁ ଯୁବ ଛାତ୍ର କଂଗ୍ରେସ ଗାଁ ଗାଁ ଯାଇ ଲୋକଙ୍କ ସମସ୍ୟା ବୁଝିବା ସହ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନମୂକ ପନ୍ଥା ଗ୍ରହଣ କରାଯିବ ବୋଲି ଆଲୋଚନା ହୋଇଥିଲା।

ପଟ୍ଟାମୁଣ୍ଡାଇ ବ୍ଲକ୍ ନଗର ବିଜେଡି ପୁନର୍ଗଠିତ

କିଶୋର ସଭାପତି, କଳାକର ଓ ଜ୍ୟୋତି କାର୍ଯ୍ୟକାରୀ ସଭାପତି, ବୁଢା ନଗର ସଭାପତି

ପଟ୍ଟାମୁଣ୍ଡାଇ,୨୦।୯ (ସମିସ): ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର ବିଜେଡିର ପୁନର୍ଗଠନ କରିଛନ୍ତି। ନବୀନଙ୍କ ଅନୁମୋଦନକ୍ରମେ ବିଜେଡି ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ପଟ୍ଟାମୁଣ୍ଡାଇ ବିଜେଡିର ବର୍ଷିଆନ ନେତା କିଶୋର ସାହୁ (ବିନ)ଙ୍କୁ ପୁନର୍ବାର ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ବ୍ଲକ ସଭାପତିଙ୍କୁ ସାଙ୍ଗଠନିକ କାର୍ଯ୍ୟରେ ସହଯୋଗ ପାଇଁ ଯୁବନେତା ପୂର୍ବତନ ସରପଞ୍ଚ କଳାକର ପ୍ରଧାନ ଓ ୧୫ନଂ ଜୋନ ଧୋୟାଞ୍ଚଳର ଅନ୍ୟତମ ଯୁବନେତା ଜ୍ୟୋତି ରଞ୍ଜନ ପ୍ରଧାନଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ଏହାଛଡା ପଟ୍ଟାମୁଣ୍ଡାଇ ନଗର ଅଞ୍ଚଳରେ ବିଜେଡି ସଂଗଠନକୁ ଅଧିକ ମଜବୁତ କରିବା ପାଇଁ ଯୁବନେତା ପୂର୍ବତନ ପୌରାଧକ୍ଷା ପ୍ରତିନିଧି ଖେଗଶ୍ୱର ଲେଙ୍କା (ବୁଢା)ଙ୍କୁ ପୁନର୍ବାର ନଗର ବିଜେଡି ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର ବିଜେଡିର ନବନିଯୁକ୍ତ କର୍ମକର୍ତ୍ତା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳଙ୍କୁ କୃତଜ୍ଞତାଜ୍ଞାପନ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର ବିଜେଡିର ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ଅଭିନନ୍ଦନ ଜଣାଇଛନ୍ତି।

ସେପ୍ଟି ଟାଙ୍କିରେ ପଡ଼ି ଷଣ୍ଢ ମୃତ, ସତ୍କାର କଲେ ବାଲିପାଟଣା ଗ୍ରାମବାସୀ

ପଟ୍ଟାମୁଣ୍ଡାଇ,୨୦।୯ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବାଲିପାଟଣା ଗ୍ରାମ ଦେବତୀ ମା'ମୋହିନୀ ଦେବୀଙ୍କ ପୀଠ ସଂଲଗ୍ନ ନାୟକ ସାହିର ଜଣେ ବ୍ୟକ୍ତିଙ୍କ ସେପ୍ଟି ଟାଙ୍କିରେ ଶନିବାର ବିଳମ୍ବିତ ରାତିରେ ଏକ ଷଣ୍ଢ ଖସିପଡ଼ିଥିଲା। ଆଜି ସକାଳୁ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଓ ଗ୍ରାମର ଯୁବକ ବହୁ ଉଦ୍ୟମ କରିଥିଲେ ମଧ୍ୟ ଷଣ୍ଢକୁ ଉଦ୍ଧାର କରାଯାଇପାରି ନ ଥିଲା। ଷଣ୍ଢଟି ମୁହଁ ମାଡ଼ି ଅଣଓସାରିଆ ସ୍ଥାନରେ ପଡ଼ିରହିବାରୁ ଷଣ୍ଢର ମୃତ୍ୟୁ ହୋଇଥିଲା। ଟାଙ୍କି ମଧ୍ୟରୁ ଷଣ୍ଢ ଉଦ୍ଧାର ନ ପାରିବାରୁ ଗ୍ରାମବାସୀ ଦୁଃଖ ପ୍ରକାଶ କରିଥିଲେ। ଆଧ୍ୟାତ୍ମିକ ଭାବନାରେ ଅନେକ ଲୋକ ଷଣ୍ଢ ମୃତ୍ୟୁ ପାଇଁ କାନ୍ଦୁଥିବା ଦେଖିଯାଇଥିଲା। ଶେଷରେ ଗ୍ରାମର କିଛି ସାହସୀ ଯୁବକ ଚେନ ପୁଲି ଦ୍ୱାରା ଅପରାହ୍ନରେ ମୃତ ଷଣ୍ଢକୁ ସେପ୍ଟି ଟାଙ୍କିରୁ ଉଦ୍ଧାର କରିଥିଲେ। ପରେ ସଂକୀର୍ତ୍ତନ, ଘଣ୍ଟ, ଘଣ୍ଟା ଓ ହରିବୋଲ ଧ୍ୱନି ଦିଆଯାଇ ଗ୍ରାମର ଶତାଧିକ ଯୁବକ ବ୍ରାହ୍ମଣୀ ନଦୀ ପଠାରେ ଗାତ ଖୋଳି ଷଣ୍ଢକୁ ସମାଧି ଦେଇଥିଲେ।

ଓୟୁଜେର କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ରାଜନଗର,୨୦।୯ (ସମିସ): ରାଜନଗର ବ୍ଲକ ସଦର ମହକୁମାସ୍ଥ କେସି ମଣ୍ଡପରେ କେନ୍ଦ୍ରାପଡ଼ା ଜିଲ୍ଲା ଓୟୁଜେର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାମ୍ବାଦିକ ୟୁନିଅନର କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ପରେଶ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର କର୍ମକର୍ତ୍ତା ଯୋଗଦେଇ ସଂଗଠନକୁ ସୁଦୃଢ କରିବା ପାଇଁ ନିଜ ମତ ରଖିଥିଲେ। ସାଧାରଣ ସମ୍ପାଦକ ଜଗନ୍ନାଥ ଦାସ ନୂତନ ସଭ୍ୟ ସଂଗ୍ରହ ସହ ପୁରାତନ ସଦସ୍ୟତା ନବୀକରଣ କରିବା ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ଉପସଭାପତି ଅକ୍ଷୟ ସାହୁ, ପତିତପାବନ ଭଦ୍ର, ଜ୍ୟୋତିରଞ୍ଜନ ଜେନା, ସବିର ଖାଁ, ସୁବାସ ସାମଲ, ସୁଶାନ୍ତ ଦାସ, ସୁକାନ୍ତ ଦାସ, ଶ୍ରୀକାନ୍ତ ନାୟକ, ଅଶୋକ ସ୍ୱାଇଁ, ଚିତ୍ତରଞ୍ଜନ ଦାସ, ଖୁର୍ସିଦ ଆଲାମ ଖାଁ ପ୍ରମୁଖ ଯୋଗଦେଇ ଜିଲ୍ଲାର ୯ଟି ବ୍ଲକରେ ସଦସ୍ୟତା ସଂଗ୍ରହ ସହ ସାମାଜିକ କାର୍ଯ୍ୟକ୍ରମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ରାଜ୍ୟରେ ସାମ୍ବାଦିକଙ୍କ ପାଇଁ ଦୀର୍ଘବର୍ଷ ଭତ୍ତା ଦିଆଯାଉଛି। ଏଯାବତ୍ ଆମ ରାଜ୍ୟ ଓଡିଶାରେ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ସବୁଠାରୁ ବଡକଥା ହେଲା, ରାଜ୍ୟ ସରକାର ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଆଜି ପର୍ଯ୍ୟନ୍ତ ଆଇନ ଆଣିଲେ ନାହିଁ, କିମ୍ବା ଆକ୍ରିଡେସନ ନିମନ୍ତେ ସରକାର କିଛି ବ୍ୟବସ୍ଥା କଲେ ନାହିଁ। ଯାହାକୁ ନେଇ ସାମ୍ବାଦିକ କ୍ଷୋଭ ପ୍ରକାଶ କରିଥିଲେ। ସରକାରଙ୍କ ସାମ୍ବାଦିକଙ୍କ ପ୍ରତି ଥିବା ବୈମାତୃକ ମନୋଭାବ ବିରୁଦ୍ଧରେ ସମଗ୍ର ରାଜ୍ୟରେ ଓୟୁଜେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇଛି। ରାଜ୍ୟ ସଂଘର ଏହି ନିଷ୍ପତ୍ତିକୁ କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ସମର୍ଥନ ଘୋଷଣା କରିବା ସହ ପ୍ରସ୍ତାବ ଗୃହୀତ ହୋଇଥିଲା। ସମ୍ପାଦକ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ନିରଞ୍ଜନ ବ୍ଲକ୍ ବିଜେଡି ସଭାପତି ଓ ଅଶୋକ କାର୍ଯ୍ୟକାରୀ ସଭାପତି

ରାଜନଗର, ୨୦।୯ (ସମିସ): ରାଜନଗର ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ବରିଷ୍ଠ ନେତା ନିରଞ୍ଜନ ରାଉତ ଓ କାର୍ଯ୍ୟକାରୀ ସଭାପତି ଭାବେ ଯୁବ ନେତା ଅଶୋକ କୁମାର ମହାନ୍ତିଙ୍କୁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ନିରଞ୍ଜନ ଏହାକୁ ମିଶାଇ ତୃତୀୟ ଥର ପାଇଁ ରାଜନଗର ବ୍ଲକ ବିଜୁ ଜନତା ଦଳର ସଭାପତି ହୋଇଛନ୍ତି। ଯୁବ ନେତା ତଥା ମହିଁସାସୁର ପଞ୍ଚାୟତ ସରପଞ୍ଚ, ରାଜନଗର ସରପଞ୍ଚ ସଂଘ ସଭାପତି ଅଶୋକ ମହାନ୍ତି ଜଣେ ଯୁବ ନେତା। ତାଙ୍କୁ ରାଜନଗର ବ୍ଲକ ବିଜେଡିର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ନିରଞ୍ଜନ ଓ ଅଶୋକଙ୍କୁ ସଭାପତି ଓ କାର୍ଯ୍ୟକାରୀ ସଭାପତି ଭାବେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଉଭୟ ନେତା କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉଭୟଙ୍କ ନିଯୁକ୍ତି ପରେ ରାଜନଗର ବିଜେଡି ଦଳର କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ଉପମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଡେରାବିଶ,୨୦।୯ (ସମିସ): ଡେରାବିଶ ବ୍ଲକ୍ ଏଣ୍ତର ପଞ୍ଚାୟତ ଅନ୍ତର୍ଗତ କୁସୁନପୁର ଉପମଣ୍ଡଳ କ୍ରୀଡ଼ା ସଂଗଠନ ଆନୁକୂଲ୍ୟରେ ବାଲିଆ ବାବା ସନାତନ ବିଦ୍ୟାପୀଠରେ ଉପମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ପ୍ରଧାନଶିକ୍ଷକ ରବୀନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ଉପମଣ୍ଡଳ ସମ୍ପାଦକ ସୁବ୍ରତ ଦାସ ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ମଣ୍ଡଳ କ୍ରୀଡ଼ା ସମ୍ପାଦକ ମୁନା ମଲିକ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ମଣ୍ଡଳ ଅଧୀନ ସମସ୍ତ ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷକ ଓ କ୍ରୀଡ଼ା ଶିକ୍ଷକଶିକ୍ଷୟିତ୍ରୀ ଖେଳ ପରିଚାଳନା କରିଥିଲେ। ୧୩୫ ଜଣ ଛାତ୍ରଛାତ୍ରୀ ଦୌଡ଼କୁଦ, ଯୋଗ, ଚେସ୍, ବ୍ୟାଡ଼ମିଣ୍ଟନ, ଭଲିବଲ୍, କବାଡ଼ି, ଖୋଖୋ, କ୍ରିକେଟ୍ ଆଦି ବିଭାଗରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପତିଯୋଗିତାରେ ଅଂଶଗ୍ରହଣ କରିବେ।

କେନ୍ଦ୍ରାପଡ଼ା କଲେଜରେ 'ଭାବପ୍ରବଣତା ଓ ମାନସିକ ସଶକ୍ତୀକରଣ' ଆଲୋଚନାଚକ୍ର

କେନ୍ଦ୍ରାପଡ଼ା,୨୦।୯ (ସମିସ)

କେନ୍ଦ୍ରାପଡ଼ା ସ୍ୱଂଶାସିତ ମହାବିଦ୍ୟାଳୟର "ଶକ୍ତିଶ୍ରୀ ସଶକ୍ତୀକରଣ ସେଲ୍' ଓ ମନୋବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାବପ୍ରବଣତା କଲ୍ୟାଣ, ମାନସିକ ସହନଶୀଳତା ଓ ଆତ୍ମସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ 'ଭାବପ୍ରବଣତା ଓ ମାନସିକ ସଶକ୍ତୀକରଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଉଦଘାଟନ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଡକ୍ଟର ପୂର୍ବାଶା ପ୍ରିୟଦର୍ଶିନୀ ରିସୋର୍ସପର୍ସନଙ୍କ ପରିଚୟ ପ୍ରଦାନ କରିବା ସହ ସଭାକୁ ସମ୍ବୋଧିତ କରି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ଭାବପ୍ରବଣତା ଓ ମାନସିକ ସୁସ୍ଥତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମନୋବିଜ୍ଞାନ ବିଭାଗ ଅଧ୍ୟାପିକା କ୍ୟାପଟେନ ସୀମା ମହାନ୍ତି ଓ ବିଭାଗୀୟ ମୁଖ୍ୟ ଡକ୍ଟର ଦେବକାନ୍ତ ଷଡ଼ଙ୍ଗୀ ଛାତ୍ରଛାତ୍ରୀଙ୍କୁ ମାନସିକ ସୁସ୍ଥତାର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇଥିଲେ। ରିସୋର୍ସପର୍ସନ ତଥା ମନୋବିଜ୍ଞାନ ଅଧ୍ୟାପିକା ଇପ୍‌ସିତା ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ସହିତ ଏକ ଆକର୍ଷଣୀୟ ଓ ଉପାଦେୟ ଅଧିବେଶନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା କିଛି ଭାବବିନିମୟଧର୍ମୀ "ଆଇସ୍-ବ୍ରେକିଂ' କାର୍ଯ୍ୟକଳାପ। ଯାହା ମାଧ୍ୟମରେ ଅତ୍ୟନ୍ତ ରୋଚକ ଢଙ୍ଗରେ ଛାତ୍ରଛାତ୍ରୀଙ୍କ ଯୋଗାଯୋଗ ଦକ୍ଷତା, ଭାବପ୍ରବଣତା, ସଚେତନତା, ବ୍ୟକ୍ତିଗତ ମୂଲ୍ୟବୋଧ ଓ ମାନସିକ ଚାପର ମୂଲ୍ୟାଙ୍କନ କରାଯାଇଥିଲା। ମୋକ୍ଷଦା ରଥ ଓ ସୁଭାଶିଷ ବଳ କାର୍ଯ୍ୟକଳାପ ପରିଚାଳନାରେ ସହଯୋଗ କରିଥିଲେ। ଏଥିସହିତ ଏକ ପାରସ୍ପରିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ମୁକ୍ତ ଭାବେ ରିସୋର୍ସପର୍ସନଙ୍କ ସହ ନିଜର ଭାବପ୍ରବଣତା, କଲ୍ୟାଣ ଓ ମାନସିକ ଚାପର ମୁକାବିଲା କରିବାର ଉପାୟ ବିଷୟରେ ଚର୍ଚ୍ଚା କରିବାକୁ ଉତ୍ସାହିତ ହୋଇଥିଲେ। +୩ ଶେଷ ବର୍ଷ ଇଂରାଜୀ ସମ୍ମାନ ଛାତ୍ରୀ ସ୍ମୃତିମୟୀ ବେହେରା ଦକ୍ଷତାର ସହିତ ମଞ୍ଚ ପରିଚାଳନା (ଆଙ୍କରିଂ) କରିଥିଲେ। ଶକ୍ତିଶ୍ରୀ ସାଥୀ ବୈଶାଖୀ ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

ସମ୍ପାଦକୀୟ

ଭାରତ ପ୍ରତ୍ୟେକ ମହାନ ଧର୍ମର ନିବାସ ସ୍ଥଳ।
-ଆନି ବେସାନ୍ତ

ଆତଙ୍କବାଦ ଓ ବିଶ୍ୱଶାନ୍ତି

ସମଗ୍ର ବିଶ୍ୱକୁ ଆତଙ୍କବାଦ ରପ୍ତାନୀ କରୁଥିବା ପାକିସ୍ତାନରେ ଗତ କିଛିଦିନ ଧରି ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଶୀତଳ ଯୁଦ୍ଧ ସମୟରେ ରୁଷ୍ ବିରୋଧରେ ଆମେରିକା ଆଫ୍‌ଗାନିସ୍ତାନ ମାଟିରେ ଗଢ଼ିଥିବା ତାଲିବାନ୍ ଦ୍ୱାରା ହିଁ ପରବର୍ତ୍ତୀ ସମୟରେ ଆକ୍ରମଣର ଶିକାର ହୋଇଥିଲା। ଏଭଳି ଦୃଷ୍ଟାନ୍ତ ବହୁଳ। ତେଣୁ ପାକିସ୍ତାନ ପରାଭବ ଭୋଗିବା ନିଶ୍ଚିତ ଥିଲା। ଦିନେ ନା ଦିନେ ନିଜ ଦ୍ୱାରା ସୃଷ୍ଟ ଆତଙ୍କବାଦୀଙ୍କ ଦ୍ୱାରା ହିଁ ପାକିସ୍ତାନ ନିଜ ସତ୍ତା ହରାଇବ।

ଅଧିକନ୍ତୁ ଆତଙ୍କବାଦୀ କାର୍ଯ୍ୟକଳାପ କେବଳ ଭାରତ, ପାକିସ୍ତାନ କିମ୍ବା ଆଫ୍‌ଗାନିସ୍ତାନର ମୁଖ୍ୟ ସମସ୍ୟା ନୁହେଁ; ଏହା ସମଗ୍ର ବିଶ୍ୱଶାନ୍ତି ପାଇଁ ବିପଦ। ଆଧୁନିକ ବିଶ୍ୱରେ ଶାନ୍ତି ଓ ମାନବ ସୁରକ୍ଷାରେ ଆତଙ୍କବାଦ ସବୁଠାରୁ ବଡ଼ ଆହ୍ୱାନ। ଏହା ହିଂସା ଓ ଭୟ ମାଧ୍ୟମରେ ରାଜନୈତିକ, ଆଦର୍ଶଗତ କିମ୍ବା ଅନ୍ୟାନ୍ୟ ଉଦ୍ଦେଶ୍ୟ ହାସଲ କରିବାକୁ ଚେଷ୍ଟା କରେ। କିନ୍ତୁ ଏହାର ପରିଣାମ ସାଂଘାତିକ ହୁଏ ଏବଂ ଲକ୍ଷ୍ୟ ସୁଦୂର ପରାହତ ହୁଏ। ଆଇଏସ୍‌ଆଇଏସ୍, ହୁତି, ହମାସ୍, ଅଲ୍‌କାଏଦା, ତାଲିବାନ୍, ହେଜବୋଲ୍ଲା, ଏଲ୍‌ଟିଟିଓ ଆଦି ଏହାର କେତୋଟି ଉଦାହରଣ। ଆତଙ୍କବାଦକୁ ରାଜନୀତି ଓ କୂଟନୀତି ଜନ୍ମ ଦେଉଥିଲେ ହେଁ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ସାଧାରଣ ନିରୀହ ନାଗରିକ, ସରକାରୀ ପ୍ରତିଷ୍ଠାନ, ଅର୍ଥନୀତି ଓ ସମ୍ପ୍ରଦାୟ। ଆତଙ୍କବାଦର ସବୁଠାରୁ ବିଚଳିତକାରୀ ବୈଶିଷ୍ଟ୍ୟ ହେଉଛି ଆଲୋଚନା ଓ ଗଣତାନ୍ତ୍ରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ। ନାଗରିକମାନଙ୍କୁ ଭୟଭୀତ କରି ଆତଙ୍କବାଦୀ ସଂଗଠନଗୁଡ଼ିକ ରାଷ୍ଟ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରନ୍ତି ଏବଂ ସାମାଜିକ ବିଭାଜନକୁ ଆହୁରି ତୀବ୍ର କରିବାକୁ ଚେଷ୍ଟା କରନ୍ତି। ତେଣୁ ଆତଙ୍କବାଦୀ ହିଂସାରେ ବଳି ପଡ଼ିଥିବା ପ୍ରତିଟି ନିର୍ଦ୍ଦୋଷ ଜୀବନ ସାମଗ୍ରିକ ଭାବେ ସମ୍ପ୍ରଦାୟ, ପରିବାର ଓ ସର୍ବୋପରି ସମାଜର କ୍ଷତି ବୋଲି ବିବେଚନା କରିବାକୁ ହେବ।

ଅଧୁନା ଆତଙ୍କବାଦର ସ୍ୱଭାବ ବଦଳିବାରେ ଲାଗିଛି। ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ହିଂସାତ୍ମକ କାର୍ଯ୍ୟକଳାପ ଓ ରକ୍ତପାତ ବଦଳରେ ଆଧୁନିକ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, ଅନଲାଇନ୍ ପ୍ରଚାର ଓ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରୁଛନ୍ତି। ଆର୍ଥିକ ନେଟୱାର୍କଗୁଡ଼ିକୁ ଦୁର୍ବଳ କରି ସାମାଜିକ ସଂହତି ଓ ଏକତା ବ୍ୟାହତ କରିବା ଏହାର ମୂଳ ଲକ୍ଷ୍ୟ। ଏହିଭଳି ଆତଙ୍କବାଦୀ କାର୍ଯ୍ୟକଳାପର ପ୍ରତିରୋଧ ଅଧିକ କଷ୍ଟକର ବ୍ୟାପାର। ସରକାରୀ କଳ, ସୁରକ୍ଷା ସଂସ୍ଥାନ, ଆର୍ଥିକ ପ୍ରତିଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଗଭୀର ସମନ୍ୱୟ ଓ ସହଯୋଗ ବିନା ଏହା ସମ୍ଭବ ନୁହେଁ। ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ ଆଇନର ଶାସନରେ ଦୃଢ଼ ଭାବରେ ପ୍ରତିଫଳିତ ହେବା ଉଚିତ। ତେଣୁ ଅନ୍ତର୍ଜାତୀୟ ସହଯୋଗ ଅପରିହାର୍ଯ୍ୟ, ଯାହା ଉପରେ ଭାରତରେ ସଦ୍ୟସମାପ୍ତ ବ୍ରିକ୍ସ ଶିଖର ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଛି। ଆତଙ୍କବାଦର କୌଣସି ଧର୍ମ, ସମ୍ପ୍ରଦାୟ, ସୀମା ଓ ସାର୍ବଭୌମତ୍ୱ କିମ୍ବା ଆଦର୍ଶ ନାହିଁ। ତେଣୁ ନିରାପତ୍ତା ସହିତ ଆନ୍ତର୍ଜାତିକ ପ୍ରତିରୋଧ ଜରୁରୀ। ନାଗରିକ ସମାଜ ମଧ୍ୟ ଘୃଣା ଓ ଭୁଲ ସୂଚନାକୁ ଦୃଢ଼ ବିରୋଧ କରିବାକୁ ପଡ଼ିବ।

ଭୌଗୋଳିକ ଅବସ୍ଥିତି, ଜନସଂଖ୍ୟା, ଆନ୍ତର୍ଜାତିକ ସୀମାରେଖା, ଆକାର, ବିବିଧତା ଓ ଜଟିଳ ସୁରକ୍ଷା ପରିବେଶ ଦୃଷ୍ଟିରୁ ଭାରତ ପାଇଁ ଆତଙ୍କବାଦ ବିରୋଧୀ ଆହ୍ୱାନ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ସତର୍କ ସୂଚନା ଏବଂ ସାମାଜିକ ସଂହତି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିପାରିବ। ଯଦି ସମାଜ ବିଭାଜିତ ହୁଏ ଏବଂ ସମ୍ପ୍ରଦାୟ ପରସ୍ପରକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଆରମ୍ଭ କରନ୍ତି ତେବେ ଆତଙ୍କବାଦର ପରିସର ବୃଦ୍ଧି ପାଏ। ତେଣୁ ଜାତୀୟ ଏକତାକୁ ଜାତୀୟ ସୁରକ୍ଷା ସହିତ ସାମାଜିକ ଆଦର୍ଶ ରୂପେ ଗ୍ରହଣ କରିବା ଆବଶ୍ୟକ। ଅନ୍ତର୍ଜାତୀୟ କୂଟନୀତି ମଧ୍ୟ ଆତଙ୍କବାଦ ବିରୋଧରେ ଦୋମୁହାଁ ନୀତିକୁ ପରିହାର କରି ସହଯୋଗ ଓ ସମନ୍ୱୟ ବୃଦ୍ଧି କରିବା ଜରୁରୀ। ନାଗରିକଙ୍କ ସୁରକ୍ଷା ସହିତ ଅନ୍ତର୍ଜାତୀୟ ଆଇନ ପ୍ରତି ସମ୍ମାନ ଓ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ଆନ୍ତର୍ଜାତିକ ଓ ସାର୍ବଜନୀନ ନୀତି ଭାବେ ଗୃହୀତ ହେବା ଆଜିର ଦିନର ଅପରିହାର୍ଯ୍ୟ ଆବଶ୍ୟକତା। ବେରୋଜଗାରୀ, ବୁଭୁକ୍ଷା ଓ ନିଶା କାରବାର ବୃଦ୍ଧି ମଧ୍ୟ ଆତଙ୍କବାଦର ଆଉ କେତେକ କାରକ। ତେଣୁ ଶିକ୍ଷା, ନିଯୁକ୍ତି ସୁଯୋଗ ବୃଦ୍ଧି, ସାମାଜିକ ଅନ୍ତର୍ଭୁକ୍ତୀକରଣ ଦ୍ୱାରା ଆତଙ୍କବାଦର ବିଲୋପ ସାଧନ ସମ୍ଭବ।

ସମଗ୍ର ବିଶ୍ୱରେ ମଧ୍ୟପ୍ରାଚ୍ୟରେ ଆତଙ୍କବାଦର ପ୍ରାବଲ୍ୟ ପଛର କାରଣ ତର୍ଜମା କଲାବେଳେ ପାଶ୍ଚାତ୍ୟ ଓ ବିକଶିତ ରାଷ୍ଟ୍ରଙ୍କ ସମର-ଅର୍ଥନୀତିର ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ମଧ୍ୟପ୍ରାଚ୍ୟରେ ଯେଉଁଠି ମଧ୍ୟ ଯୁଦ୍ଧ ସଂଘଟିତ ହୋଇଛି ସେଥିରେ ଆମେରିକାର ସମ୍ପୃକ୍ତି ରହିଛି ଏବଂ ଯୁଦ୍ଧ ପୂର୍ବରୁ କିମ୍ବା ପରେ ସେଠାରେ ନୂଆ ଆତଙ୍କବାଦୀ ଗୋଷ୍ଠୀ ଜନ୍ମ ନେଇଛନ୍ତି। ଏହାଦ୍ୱାରା ଆମେରିକାର ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ ସଂସ୍ଥାର କାରବାର ସମୃଦ୍ଧ ହେଉଛି ଏବଂ ଆମେରିକାର ରାଜକୋଷ ପୁଷ୍କଳ ହେଉଛି। ତେଣୁ ଆମେରିକା ବିରୋଧରେ ଅବଶିଷ୍ଟ ବିଶ୍ୱର ମିଳିତ ସଂଗରୋଧ ନୀତି ଆବଶ୍ୟକ। ●

ପୁଲିସ-ଜନତା: ଭୟ ଓ ବିଶ୍ୱାସ

ଦେବଦତ୍ତ ଦାଶ

ଥାନା ନାଁ ଶୁଣିଲେ ଜଣେ ସାଧାରଣ ନାଗରିକଙ୍କ ମନରେ ଭୟ କାହିଁକି ଜନ୍ମ ନେବ? ପୁଲିସକୁ ଦେଖି ନିଜକୁ ଅସହାୟ ମନେ କରିବାର ପରିସ୍ଥିତି କାହିଁକି ସୃଷ୍ଟି ହେବ? ଯେଉଁ ସଂସ୍ଥାର ମୂଳ ଦାୟିତ୍ୱ ନାଗରିକଙ୍କୁ ସୁରକ୍ଷା, ନ୍ୟାୟ ଓ ଆଇନର ଆଶ୍ରୟ ଦେବା, ସେହି ସଂସ୍ଥା ପ୍ରତି ଯଦି ଭୟ ଓ ଅବିଶ୍ୱାସ ବଢ଼ିଥାଏ, ତେବେ ଏହା କେବଳ ପୁଲିସ ବିଭାଗର ପ୍ରଶ୍ନ ନୁହେଁ; ଗଣତନ୍ତ୍ରର ସ୍ୱାସ୍ଥ୍ୟ ସହ ଜଡ଼ିତ ଏକ ବଡ଼ ପ୍ରଶ୍ନ। ଅପରାଧୀଙ୍କ ମନରେ ଆଇନର ଭୟ ରହିବା ନିତାନ୍ତ ଆବଶ୍ୟକ। ଆଇନ ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ପୁଲିସର କଠୋରତା ମଧ୍ୟ ଆବଶ୍ୟକ। କିନ୍ତୁ ଆଇନର ଭୟ ଓ ପୁଲିସ୍‌ର ଭୟ ଗୋଟିଏ ଜିନିଷ ନୁହେଁ। ଅପରାଧୀ ଆଇନକୁ ଭୟ କରୁ, କିନ୍ତୁ ପୀଡ଼ିତ ନାଗରିକ ପୁଲିସ୍ ଉପରେ ଭରସା କରୁ - ଏହି ସନ୍ତୁଳନ ହିଁ ଏକ ସୁସ୍ଥ ପୁଲିସ୍ ବ୍ୟବସ୍ଥାର ପରିଚୟ।

ଔପନିବେଶିକ ମନୋଭାବରୁ ଜନମୈତ୍ରୀ ପୁଲିସିଂ ପର୍ଯ୍ୟନ୍ତ ଭାରତୀୟ ପୁଲିସ୍ ବ୍ୟବସ୍ଥାର ଐତିହାସିକ ପୃଷ୍ଠଭୂମି ଦେଖିଲେ ଏକ କଥା ସ୍ପଷ୍ଟ ଯେ ଔପନିବେଶିକ ସମୟରେ ପୁଲିସ୍‌ର ମୁଖ୍ୟ ଭୂମିକା ଥିଲା ଶାସନକୁ ସୁରକ୍ଷିତ ରଖିବା ଏବଂ ବିରୋଧକୁ ନିୟନ୍ତ୍ରଣ କରିବା। ସ୍ୱାଧୀନ ଭାରତରେ ସେହି ମନୋଭାବକୁ ବଦଳାଇ ପୁଲିସ୍‌କୁ ଜନସେବାର ଏକ ମୁଖ୍ୟ ସଂସ୍ଥାରେ ପରିଣତ କରିବାର ଆବଶ୍ୟକତା ରହିଛି। ଆଜି ପୁଲିସ୍ ହେଉଛି ରାଜ୍ୟର ଆଇନଗତ ଶକ୍ତିର ପ୍ରତୀକ। କିନ୍ତୁ ଶକ୍ତିର ମୂଲ୍ୟ ସେତେବେଳେ ବଢ଼େ, ଯେତେବେଳେ ତାହା ସହିତ ନ୍ୟାୟ, ନିରପେକ୍ଷତା ଓ ମାନବିକତା ଯୋଡ଼ିହୁଏ। ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଫୋନ୍ ଆସିଲେ ଯଦି ଆଚରଣ ବଦଳିଯାଏ, ଆଉ ଜଣେ ଗରିବ ନାଗରିକ ନିଜ ଅଭିଯୋଗ ନେଇ ବାରମ୍ବାର ଥାନା ଦୌଡ଼ନ୍ତି, ତେବେ ଲୋକଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆଇନ କ'ଣ ସମସ୍ତଙ୍କ ପାଇଁ ସମାନ ନୁହେଁ? ଏହି ପ୍ରଶ୍ନର ଉତ୍ତର କେବଳ ପୁଲିସ୍‌କୁ ନୁହେଁ, ସମଗ୍ର ବ୍ୟବସ୍ଥାକୁ ଦେବାକୁ ପଡ଼ିବ।

ଆଜି ଖାକିର ଶକ୍ତି ସହ କଥାର ଶକ୍ତି ମଧ୍ୟ ଦରକାର। ପୁଲିସ ପ୍ରଶିକ୍ଷଣରେ ଆଇନ, ତଦନ୍ତ, ଶାରୀରିକ କ୍ଷମତା ଓ ଆଇନଶୃଙ୍ଖଳା ରକ୍ଷା ଯେତିକି ଗୁରୁତ୍ୱପୂର୍ଣ୍ଣ, ଲୋକଙ୍କ କଥା ଶୁଣିବାର ଦକ୍ଷତା ମଧ୍ୟ ସେତିକି ଆବଶ୍ୟକ। ଜଣେ ଭୟଭୀତ ମହିଳାଙ୍କ ସହ କିପରି କଥା ହେବେ? ଜଣେ ଶିଶୁଙ୍କୁ କିପରି ଆଶ୍ୱାସନା ଦିଆଯିବ? କ୍ରୋଧିତ ନାଗରିକଙ୍କ ସହ କିପରି ଉତ୍ତେଜନା ନବଢ଼ାଇ ଆଲୋଚନା କରାଯିବ? ଜଣେ ପୀଡ଼ିତଙ୍କ ଅଭିଯୋଗକୁ କିପରି ସମ୍ମାନର ସହ ଶୁଣାଯିବ? - ଏସବୁ ମଧ୍ୟ ପୁଲିସିଂର ଅଂଶ। ଲାଠି ଓ ଆଇନର ଶକ୍ତି ଅପରାଧ ରୋକିପାରେ; କିନ୍ତୁ ଭରସା ଗଢ଼ିବା ପାଇଁ ଦରକାର ଶାଳୀନ ଭାଷା, ଧୈର୍ଯ୍ୟ, ସହାନୁଭୂତି ଓ ନିରପେକ୍ଷ ଆଚରଣ।

ଏଥିପାଇଁ ଥାନା ଭୟର ନୁହେଁ, ଭରସାର ସ୍ଥାନ ହେବା ଆବଶ୍ୟକ। ଥାନାକୁ ଆସୁଥିବା ଲୋକ ପ୍ରଥମେ ନିଜ ଅଭିଯୋଗ କହିବାର ସୁଯୋଗ ପାଆନ୍ତୁ। ତାଙ୍କ ଅଭିଯୋଗ ଛୋଟ କି ବଡ଼, ତାହା ପରବର୍ତ୍ତୀ ପ୍ରଶ୍ନ। ପ୍ରଥମ ପ୍ରଶ୍ନ ହେଉ ସେ କ'ଣ କହୁଛନ୍ତି? ପ୍ରତ୍ୟେକ ଥାନାରେ ଏକ ସୁସଂଗଠିତ 'ଜନସେବା ଓ ସହାୟତା ଡେସ୍କ' ରହିପାରେ। ଅଭିଯୋଗ ଗ୍ରହଣ, ରସିଦ ପ୍ରଦାନ, ମାମଲାର ପ୍ରାଥମିକ ପ୍ରକ୍ରିୟା ବୁଝାଇବା ଓ ଅଭିଯୋଗର ଅଗ୍ରଗତି ସମ୍ପର୍କରେ ସୂଚନା ଦେବା ଆଦି ବ୍ୟବସ୍ଥା ଲୋକଙ୍କ ଅନିଶ୍ଚିତତା ଅନେକ ମାତ୍ରାରେ କମାଇପାରିବ। ଏଭଳି ବ୍ୟବସ୍ଥା ହେବା ଆବଶ୍ୟକ, ଯେଉଁଥିରେ ଲୋକ କହିପାରିବେ 'ମୋ ଅଭିଯୋଗ ନମ୍ବର ଏହା, ଏହାର ଅଗ୍ରଗତି କ'ଣ?' ଏହି ପରିବର୍ତ୍ତନ ହିଁ 'ଦଲାଲି ସଂସ୍କୃତି'କୁ ଦୁର୍ବଳ କରିପାରିବ।

ପୁଲିସ ଯଦି ଅପରାଧ ଘଟିବା ପରେ କେବଳ ଘଟଣାସ୍ଥଳକୁ ପହଞ୍ଚେ, ତାହା 'ପ୍ରତିକ୍ରିୟାତ୍ମକପୁଲିସିଂ'। କିନ୍ତୁ ଅପରାଧ ଘଟିବା ପୂର୍ବରୁ ସମ୍ଭାବ୍ୟ ବିପଦ ଚିହ୍ନଟ କରିବା ହେଉଛି ପ୍ରକୃତ 'ପ୍ରତିରୋଧମୂଳକପୁଲିସିଂ'। ପ୍ରତ୍ୟେକ ଗାଁ, ୱାର୍ଡ କିମ୍ବା ନିର୍ଦ୍ଦିଷ୍ଟ ଅଞ୍ଚଳର ଜଣେ ବିଟ୍ ଅଫିସର ରହନ୍ତୁ। ଲୋକେ ତାଙ୍କୁ ନାମରେ ଚିହ୍ନନ୍ତୁ। ସେ ମଧ୍ୟ ଅଞ୍ଚଳର ସମସ୍ୟା, ସମ୍ବେଦନଶୀଳ ସ୍ଥାନ ଓ ଅସୁରକ୍ଷିତ ବର୍ଗକୁ ଜାଣନ୍ତୁ। ନିୟମିତ ପୁଲିସ୍-ଜନତା ବୈଠକ ହେଉ। ସରପଞ୍ଚ, ଶିକ୍ଷକ, ମହିଳା ପ୍ରତିନିଧି, ଯୁବକ, ବ୍ୟବସାୟୀ ଓ ବରିଷ୍ଠ ନାଗରିକଙ୍କ ମତ ଶୁଣାଯାଉ। କେଉଁ ରାସ୍ତା ରାତିରେ ଅସୁରକ୍ଷିତ? କେଉଁଠି ନିଶା କାରବାରର ଆଶଙ୍କା ଅଛି? ସ୍କୁଲ ନିକଟରେ ଛାତ୍ରୀମାନେ ହଇରାଣ ହେଉଛନ୍ତି? କେଉଁ ବରିଷ୍ଠ ନାଗରିକ ଏକୁଟିଆ ରହୁଛନ୍ତି? - ଏ ସବୁ ସୂଚନା ପୁଲିସ୍‌କୁ ଅପରାଧ ଘଟିବା ପୂର୍ବରୁ ପଦକ୍ଷେପ ନେବାରେ ସହାୟତା କରିପାରିବ। ସେହିପରି 'ଡିଜିଟାଲ୍‌ପୁଲିସିଂ'ର ଅର୍ଥ କେବଳ କ୍ୟାମେରା ଲଗାଇବା ନୁହେଁ। ପ୍ରଯୁକ୍ତିର ପ୍ରଥମ ଲକ୍ଷ୍ୟ ହେଉ ନାଗରିକଙ୍କ ପାଇଁ ପୁଲିସ୍ ସେବାକୁ ସରଳ, ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା। ଓଡ଼ିଆ ଭାଷାରେ ଅଭିଯୋଗ ପ୍ରକ୍ରିୟା ବୁଝାଇବା, ଅଭିଯୋଗର ସ୍ଥିତି ଜଣାଇବା, ଆବଶ୍ୟକ କାଗଜପତ୍ର ସମ୍ପର୍କରେ ସୂଚନା ଦେବା ଏବଂ ଆବଶ୍ୟକ ସେବା ପାଇଁ ସଠିକ୍ ସ୍ଥାନକୁ ପହଞ୍ଚାଇବା ଭଳି ବ୍ୟବସ୍ଥା ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ବିଶେଷ ଉପକାରୀ ହୋଇପାରେ। କିନ୍ତୁ ଏଆଇ ଏକ ସହାୟକ ହୋଇପାରେ, କିନ୍ତୁ ନ୍ୟାୟର ଶେଷ ନିର୍ଣ୍ଣୟକାରୀ ନୁହେଁ।

କାହାକୁ ଅପରାଧୀ ମନେ କରିବା, ଗିରଫ କରିବା କିମ୍ବା ତଦନ୍ତର ଦିଗ ନିର୍ଦ୍ଧାରଣ ପରି ସମ୍ବେଦନଶୀଳ ନିଷ୍ପତ୍ତିରେ ମାନବୀୟ ବିଚାର, ଆଇନଗତ ନିୟମ ଓ ଉତ୍ତରଦାୟିତ୍ୱ ଅପରିହାର୍ଯ୍ୟ। ପୁଲିସ ଯଦି ଆଇନ ଅନୁଯାୟୀ ନ ହୋଇ ପ୍ରଭାବଶାଳୀଙ୍କ ଚାପ ଅନୁଯାୟୀ କାମ କରେ, ତେବେ ଲୋକଙ୍କ ବିଶ୍ୱାସ ଭାଙ୍ଗିବା ନିଶ୍ଚିତ। ତେଣୁ ପୁଲିସ୍ ସୁଧାର କେବଳ ଥାନାର ବ୍ୟବହାର ପରିବର୍ତ୍ତନରେ ସୀମିତ ରହିଲେ ଚଳିବ ନାହିଁ। ନିଯୁକ୍ତି ଓ ବଦଳିରେ ପାରଦର୍ଶିତା, ନିଶ୍ଚିତ କାର୍ଯ୍ୟକାଳ ଏବଂ ପୁଲିସ୍ ବିରୋଧୀ ଅଭିଯୋଗର ନିରପେକ୍ଷ ତଦନ୍ତ ମଧ୍ୟ ଆବଶ୍ୟକ। ସୁପ୍ରିମକୋର୍ଟଙ୍କ ପ୍ରକାଶ ସିଂହ ମାମଲାରେ ପୁଲିସ୍ ସୁଧାର ସମ୍ପର୍କିତ ନିର୍ଦ୍ଦେଶ ଏହି ଦିଗରେ ଏକ ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ପ୍ରଶ୍ନ ହେଉଛି ସେହି ସୁଧାରର ଆଧାରକୁ ଆମେ କେତେଦୂର ପ୍ରୟୋଗ କରିପାରିଛୁ?

ଗିରଫ ଓ ମାମଲା ସଂଖ୍ୟା ଆଦି ନିଶ୍ଚିତ ଭାବେ ପୁଲିସ୍ କାର୍ଯ୍ୟଦକ୍ଷତାର ଅଂଶ। କିନ୍ତୁ ଏହା ସହ ଆଉ କିଛି ପ୍ରଶ୍ନ ଯୋଡ଼ିବାର ସମୟ ଆସିଛି। କେତେ ଲୋକଙ୍କ ଅଭିଯୋଗ ସମୟରେ ଶୁଣାଗଲା? କେତେ ଅଭିଯୋଗକାରୀଙ୍କୁ ମାମଲାର ଅଗ୍ରଗତି ଜଣାଗଲା? ଥାନାକୁ ଆସିଥିବା ନାଗରିକ ନିଜକୁ ସମ୍ମାନିତ ମନେକଲେ କି? ଦୁର୍ବଳ ବର୍ଗର ଲୋକଙ୍କ ଅନୁଭୂତି କ'ଣ ଥିଲା? ପୁଲିସର ସଫଳତାର ଏକ ବଡ଼ ମାପକ ହେଉଛି ଲୋକଙ୍କ ବିଶ୍ୱାସ। ପ୍ରତ୍ୟେକ ଥାନାରେ ମାସକୁ ଥରେ 'ଥାନା ଓପନ୍ ଡେ' ହୋଇପାରେ। ଛାତ୍ରଛାତ୍ରୀ, ମହିଳା, ବରିଷ୍ଠ ନାଗରିକ, ବ୍ୟବସାୟୀ ଓ ସାଧାରଣ ଲୋକ ପୁଲିସ୍ ଅଧିକାରୀଙ୍କ ସହ ସିଧାସଳଖ କଥା ହୁଅନ୍ତୁ। ପିଲାମାନେ ଥାନାକୁ ଦେଖନ୍ତୁ। ପୁଲିସ୍ ସେମାନଙ୍କୁ ସାଇବର ସୁରକ୍ଷା, ରାସ୍ତା ସୁରକ୍ଷା ଓ ଆଇନ ସମ୍ପର୍କରେ ବୁଝାନ୍ତୁ। ଯେଉଁ ଥାନାକୁ ଦେଖି ପିଲା ଭୟ କରେ, ସେହି ଥାନାକୁ ଯଦି ସେ ଦିନେ ଏକ ସୁରକ୍ଷାର ସ୍ଥାନ ବୋଲି ଚିହ୍ନିବା ଆରମ୍ଭ କରେ, ତେବେ ଆସନ୍ତା ପିଢ଼ିର ପୁଲିସ୍-ଜନତା ସମ୍ପର୍କ ନିଶ୍ଚିତ ଭାବେ ବଦଳିବ।

ପୁଲିସର ଗରିମା ରହିବା ଦରକାର। କିନ୍ତୁ ଗରିମା ଗାଳି, ଲାଠି କିମ୍ବା ଭୟରୁ ଆସେ ନାହିଁ; ଏହା ଆସେ ଆଇନର ନିରପେକ୍ଷ ପ୍ରୟୋଗ, ସତ୍ୟନିଷ୍ଠା, ଶୃଙ୍ଖଳା, ଦକ୍ଷତା ଓ ମାନବୀୟ ବ୍ୟବହାରରୁ। ଅନ୍ୟପକ୍ଷରେ ନାଗରିକଙ୍କର ମଧ୍ୟ ଦାୟିତ୍ୱ ଅଛି। ଭୁଲ ସୂଚନା, ମିଥ୍ୟା ଅଭିଯୋଗ, ରାଜନୈତିକ ପ୍ରଭାବ କିମ୍ବା ଆଇନକୁ ନିଜ ସୁବିଧା ଅନୁଯାୟୀ ବ୍ୟବହାର କରିବାର ପ୍ରବୃତ୍ତିରୁ ସମାଜକୁ ଦୂରେଇବାକୁ ହେବ। କିନ୍ତୁ ରାଜ୍ୟର ଆଇନଗତ ଶକ୍ତି ଓ ଅଧିକାରର ଧାରକ ଭାବେ ପ୍ରଥମ ପଦକ୍ଷେପ ପୁଲିସ୍‌କୁ ହିଁ ନେବାକୁ ପଡ଼ିବ। ଥାନାର କବାଟ ଖୋଲା ରହୁ। ଅଭିଯୋଗର ରାସ୍ତା ସହଜ ହେଉ। ଦଲାଲଙ୍କ ଦ୍ୱାର ବନ୍ଦ ହେଉ। ରାଜନୈତିକ ଚାପରୁ ପୁଲିସ୍ ମୁକ୍ତ ହେଉ। ପ୍ରଯୁକ୍ତି ନାଗରିକଙ୍କ ସହାୟକ ହେଉ। ଆଉ ସବୁଠାରୁ ବଡ଼ କଥା - ଲୋକଙ୍କ କଥା ଶୁଣିବାର ସଂସ୍କୃତି ଗଢ଼ିଉଠୁ। କାରଣ ଏକ ସୁରକ୍ଷିତ ସମାଜର ପରିଚୟ କେବଳ ଅପରାଧ କମିବା ନୁହେଁ। ଜଣେ ସାଧାରଣ ନାଗରିକ ଯେତେବେଳେ ନିର୍ଭୟରେ ଥାନାକୁ ଯାଇ, ସମ୍ମାନର ସହ ନିଜ କଥା କହି ନ୍ୟାୟ ମାଗିପାରିବେ ସେତେବେଳେ ହିଁ ପ୍ରମାଣ ହେବ ପୁଲିସ୍ ଓ ଜନତା ମଧ୍ୟରେ ପ୍ରକୃତ ସେତୁ ତିଆରି ହୋଇଛି। ●

ବ୍ରହ୍ମପୁର(କେନ୍ଦ୍ରାପଡ଼ା)
ମୋ: ୯୯୩୭୨୨୭୯୯୪

ୟୁପିଆଇ: ମାଗଣାରୁ ମହରଗ

ଅଶୋକ ପରିଡ଼ା

ଏବେ ବି ଭାରତରେ ଶତପ୍ରତିଶତ ସାକ୍ଷରତା ହାସଲ ହୋଇନାହିଁ। ପୂର୍ଣ୍ଣ ସାକ୍ଷରତା ହାସଲ କରିବା ପାଇଁ ଆହୁରି ଅନେକ ବାଟ ବାକି। ଏହିଭଳି ଏକ ସମୟରେ ଦେଶରେ ଡିଜିଟାଲ୍ ନେଣଦେଣର ଯୁଗ ଆରମ୍ଭ ହେଲା। ଭାରତରେ ୟୁପିଆଇକୁ ଅଗ୍ରାଧିକାର ଦିଆଗଲା। ୟୁପିଆଇ ଆରମ୍ଭ ହେବା ସମୟରେ ଅନେକ ଲୋକଙ୍କ ପାଖରେ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ନଥିଲା। ଭାରତ ଭଳି ବିଶାଳ ଓ ବିବିଧତାପୂର୍ଣ୍ଣ ଦେଶରେ, ବିଶେଷକରି ଅଳ୍ପଶିକ୍ଷିତ ଓ ନିରକ୍ଷର ଲୋକମାନେ ଡିଜିଟାଲ୍ ନେଣଦେଣ କରିପାରିବେ ଏହା ପ୍ରାୟତଃ ଅସମ୍ଭବ ବୋଲି ଅଧିକାଂଶ ଅର୍ଥନୀତିଜ୍ଞ ପଣ୍ଡିତ ଓ ରାଜନୈତିକ ବିଶ୍ଳେଷକମାନେ ଭବିଷ୍ୟବାଣୀ କରିଥିଲେ। କିନ୍ତୁ ଭାରତ ସରକାର, ଆର୍.ବି.ଆଇ. (ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ) ଏବଂ ଏନ୍.ପି.ସି.ଆଇ. (ନ୍ୟାସନାଲ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ)ଙ୍କ ପ୍ରୟାସ ଫଳରେ ଆଜି ୟୁପିଆଇ ଦେଶର ଘରେ ଘରେ ପହଞ୍ଚିପାରିଛି।

ଏହି ବ୍ୟବସ୍ଥା ଫଳରେ ଖୁଚୁରା ଟଙ୍କାର ସମସ୍ୟା ଅନେକାଂଶରେ ଦୂର ହୋଇପାରିଛି। ଜଣେ କ୍ଷୁଦ୍ର ବ୍ୟବସାୟୀ ମଧ୍ୟ ଅତିସହଜରେ ଡିଜିଟାଲ୍ ମାଧ୍ୟମରେ ଟଙ୍କା ନେଣଦେଣ କରିପାରୁଛନ୍ତି। ଗ୍ରାହକମାନଙ୍କ ପାଇଁ ପେମେଣ୍ଟ କରିବା ଅତ୍ୟନ୍ତ ସହଜ ହୋଇଛି ଏବଂ କମ୍ ସମୟ ମଧ୍ୟରେ ବ୍ୟବସାୟୀ ଅଧିକ ଗ୍ରାହକଙ୍କୁ ସେବା ଦେଇପାରୁଛନ୍ତି। ବାରମ୍ବାର ବ୍ୟାଙ୍କକୁ ଦୌଡ଼ିବାର ଆବଶ୍ୟକତା କମିଛି। ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ମାଧ୍ୟମରେ ନିଜର ନେଣଦେଣର

ହିସାବ ଜାଣିପାରିବା ସହିତ ନିଜ ଜମାରାଶିକୁ ବିଭିନ୍ନ ଆର୍ଥିକ ଲାଭଦାୟକ ସଂସ୍ଥାରେ ବିନିଯୋଗ କରିବାର ସୁଯୋଗ ମିଳୁଛି। ଏହାଦ୍ୱାରା ଗ୍ରାମାଞ୍ଚଳର ଅର୍ଥନୀତିରେ ମଧ୍ୟ ଡିଜିଟାଲ୍ ନେଣଦେଣର ପ୍ରଭାବ ପଡ଼ିଛି। ଗାଁରେ ଥିବା ଚାଷୀଟିଏ ଦୂର ରାଜ୍ୟରେ ରହି ସହରର ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ପାଠପଢ଼ୁଥିବା ନିଜ ପିଲାମାନଙ୍କ ପାଖକୁ ସହଜରେ ୟୁପିଆଇ ଜରିଆରେ ପଇସା ପଠାଇ ପାରୁଛି।

ୟୁପିଆଇର ଏହି ବୃହତ୍ ଡିଜିଟାଲ୍ ପରିବର୍ତ୍ତନ ଭାରତର ଅର୍ଥନୀତିରେ ମଧ୍ୟ ନୂଆ ସୁଯୋଗ ସୃଷ୍ଟି କରିଛି। ଡିଜିଟାଲ୍ ନେଣଦେଣ ଫଳରେ ନଗଦ ଟଙ୍କା ଉପରେ ନିର୍ଭରଶୀଳତା ଅନେକ ପରିମାଣରେ କମିଛି। ଏହାସହିତ ନେଣଦେଣରେ ସ୍ୱଚ୍ଛତା ବୃଦ୍ଧି ପାଇବାର ସମ୍ଭାବନା ବଢ଼ିଛି। ସରକାରୀ ସହାୟତା ଓ ଅନ୍ୟାନ୍ୟ ଅର୍ଥ ସିଧାସଳଖ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାରେ ଡିଜିଟାଲ୍ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ହୋଇଛି। ଡିଜିଟାଲ୍ ନେଣଦେଣ ପାଇଁ ଆର୍.ବି.ଆଇ.ର ନୋଟ୍ ଛାପିବା ସଂଖ୍ୟା ବହୁ ପରିମାଣରେ କମିଛି। ଏହାଦ୍ୱାରା ଆର୍.ବି.ଆଇ.ର ବହୁ ପରିମାଣରେ ଖର୍ଚ୍ଚ କମିଛି; ଯାହାକି ପରୋକ୍ଷରେ ୟୁପିଆଇର ଦୃଢ଼ୀକରଣ ପାଇଁ ଖର୍ଚ୍ଚ କରାଯାଇପାରେ। ଏବେ ଅନ୍ୟ ଦେଶଗୁଡ଼ିକରେ ୟୁପିଆଇ ବ୍ୟବହାରର ସୁଯୋଗ ବଢ଼ୁଛି। ଏହା ଭାରତୀୟ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାର ଏକ ବଡ଼ ସଫଳତା ବୋଲି କୁହାଯାଇପାରେ।

ତେବେ ଏହି ସଫଳତା ସହିତ କିଛି ପ୍ରଶ୍ନ ଏବେ ଉଠୁଛି। ୟୁପିଆଇ ପରିଚାଳନା ଓ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ପାଇଁ ଯେଉଁ ଖର୍ଚ୍ଚ ହେଉଛି, ତାହାର ଭାର ଏବେ ଲୋକଙ୍କୁ ଉଠାଇବାକୁ ପଡ଼ିବ ବୋଲି ସରକାର କହିଛନ୍ତି। ଆଗକୁ ୟୁପିଆଇ ନେଣଦେଣ ଉପରେ ସରକାର ଚାର୍ଜ ବା ଟିକସ ଲାଗୁ କରିବା ପାଇଁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତାହାର ପ୍ରଭାବ କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଗ୍ରାହକଙ୍କ ଉପରେ ପଡ଼ିବ ନାହିଁ କି? ଯେଉଁମାନେ କ୍ରେଡିଟ୍ କାର୍ଡ ବ୍ୟବହାର କରନ୍ତି, ସେମାନେ ଜାଣନ୍ତି ଯେ କ୍ଷୁଦ୍ର ଦୋକାନୀମାନେ ଅନେକ ସମୟରେ କ୍ରେଡିଟ୍ କାର୍ଡରେ ପେମେଣ୍ଟ ନେବାକୁ ଅନିଚ୍ଛୁକ ଥାଆନ୍ତି, କାରଣ ତାହା ସହିତ ବ୍ୟବସାୟୀଙ୍କୁ ଅତିରିକ୍ତ ଚାର୍ଜ ବହନ କରିବାକୁ ପଡ଼ିଥାଏ। ସେହି କାରଣରୁ କେତେକ କ୍ଷେତ୍ରରେ ଏହାର ଭାର ଗ୍ରାହକଙ୍କ ଉପରେ ପଡ଼ିଥାଏ। ଯଦି ୟୁପିଆଇ ନେଣଦେଣ ଉପରେ ଅତିରିକ୍ତ ଚାର୍ଜ ଲାଗୁ ହୁଏ, ତେବେ ବ୍ୟବସାୟୀ ତାହାର ଭାର ଗ୍ରାହକଙ୍କ ଉପରେ ଲଦି ଦେବେ ନାହିଁ କି? ସରକାର ଯେତେ ପ୍ରତିଶ୍ରୁତି ଦେଲେ ମଧ୍ୟ ଶେଷରେ ଏହାର ପ୍ରଭାବ ସାଧାରଣ ଗ୍ରାହକଙ୍କ ଉପରେ ପଡ଼ିବାର ଆଶଙ୍କା ରହିଛି। ଦରଦାମ୍ ଆକାଶଛୁଆଁ ହୋଇଥିବା ସମୟରେ ଏପରି ଅତିରିକ୍ତ ଖର୍ଚ୍ଚ ସାଧାରଣ ଲୋକଙ୍କ ପାଇଁ ଆହୁରି ବୋଝ ହୋଇପାରେ।

ସରକାର ଯଦି ଲୋକଙ୍କ ହିତ ପାଇଁ ଏତେ କିଛି କରୁଛନ୍ତି, ତେବେ ପେଟ୍ରୋଲ ଓ ଡିଜେଲ୍‌କୁ କାହିଁକି ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଯାଉନାହିଁ? ଏହି ପ୍ରଶ୍ନ ସାଧାରଣ ଲୋକଙ୍କ ମନରେ ରହିଛି। ତେଣୁ ଜନସାଧାରଣଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ନ ପଡ଼ିବା ଭଳି ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ। ୟୁପିଆଇ ଭଳି ଏକ ଯୁଗାନ୍ତକାରୀ ଡିଜିଟାଲ୍ ବ୍ୟବସ୍ଥା ଭାରତର ଅର୍ଥନୀତିକୁ ଏକ ନୂଆ ଦିଗ ଦେଇଛି। ଏହାର ସଫଳତାକୁ ଆହୁରି ବ୍ୟାପକ କରିବା ପାଇଁ ସରକାରଙ୍କ ଦାୟିତ୍ୱ ହେଉଛି - ଡିଜିଟାଲ୍ ନେଣଦେଣକୁ ସରଳ, ସୁଲଭ ଓ ସାଧାରଣ ଲୋକଙ୍କ ପାଇଁ ଖର୍ଚ୍ଚମୁକ୍ତ ରଖିବା। ତେଣୁ ସରକାର ଲାଭଖୋର ମନୋଭାବ ଛାଡ଼ି ଡିଜିଟାଲ୍ ଭାରତର ଏହି ଯାତ୍ରାରେ ଜନସାଧାରଣଙ୍କ ହିତକୁ ପ୍ରାଥମିକତା ଦେବା ଆବଶ୍ୟକ। ●

ଭୁବନେଶ୍ୱର, ମୋ: ୯୪୩୮ ୫୦୪୧୦୩

ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

ବରଗଛ
(Banyan Tree-Ficus benghalensis)

ପ୍ରକୃତି-ପରିବେଶ

ପୂର୍ବପ୍ରକାଶିତ ଉତ୍ତାରୁ...

ଏହି ଗଛରେ ଫ୍ୟାଟି ଏସିଡ୍ ବା ଚର୍ବି କିମ୍ବା ସ୍ନେହସାର ଅମ୍ଳ ଏବଂ ଏହାର ଡେରିଭେଟିଭ୍ସ, ଫେନୋଲିକ୍ ଯୌଗିକ, ଫ୍ଲାଭୋନଏଡ୍ସ, ଷ୍ଟେରୋଲ୍ସ, ଟାନିନ୍ସ, ସାପୋନିନ୍, ଗ୍ଲାଇକୋସାଇଡ୍ସ, ଟେର୍ପେନଏଡ୍ସ, ଶର୍କରା ଏବଂ ଏହାର ଡେରିଭେଟିଭ୍ସ, ପ୍ରୋଟିନ୍ ଏବଂ ଆମିନୋ ଏସିଡ୍ ସହିତ ଅନେକ ବିବିଧ ଯୌଗିକ ରସାୟନ ପ୍ରଚୁର ପରିମାଣରେ ରହିଛି ବୋଲି ରିପୋର୍ଟ କରାଯାଇଛି।

ଭାରତରେ ଏହି ଗଛକୁ ପବିତ୍ର ବୋଲି ବିବେଚନା କରାଯାଏ ଏବଂ ମନ୍ଦିରଗୁଡ଼ିକ ପ୍ରାୟତଃ ଏହି ବୃକ୍ଷ ପାଖରେ ନିର୍ମିତ ହୋଇଥାଏ। ହିନ୍ଦୁ ପୌରାଣିକ କାହାଣୀରେ 'ଇଚ୍ଛା ପୂରଣକାରୀ ବୃକ୍ଷ' ଭାବରେ ଜଣାଶୁଣା। ବଟବୃକ୍ଷ ବା କଳ୍ପବଟ ଅନନ୍ତ ଜୀବନକୁ ପ୍ରତିନିଧିତ୍ୱ କରେ। ଓଡ଼ିଶାର ପବିତ୍ର ତୀର୍ଥ ନଗରୀ ପୁରୀରେ ଥିବା ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବା ପରେ ଏହାର ପବିତ୍ର ପରିସରରେ ପୂଜ୍ୟ ବୃକ୍ଷ 'କଳ୍ପବଟ' ଦେଖିବାକୁ ମିଳେ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ ଏହି ଗଛ ସ୍ୱୟଂ ପ୍ରଭୁ ଜଗନ୍ନାଥଙ୍କ ପ୍ରକାଶ; ସାଧୁ ଓ ପ୍ରଶାସକମାନେ ପ୍ରଭୁଙ୍କ ଆଶୀର୍ବାଦ ଏବଂ ସାନ୍ତ୍ୱନା ପାଇବା ପାଇଁ ଏଠାକୁ ଆସନ୍ତି। ଏକ ଲୋକପ୍ରିୟ କିମ୍ବଦନ୍ତୀରେ ଏହା ମଧ୍ୟ କୁହାଯାଇଛି ଯେ ଏହି ବୃକ୍ଷ ଦେବୀ ଦୁର୍ଗାଙ୍କ ବାସସ୍ଥାନ, ଯିଏ ମନ୍ଦିର ଏବଂ ଏହାର ଭକ୍ତମାନଙ୍କୁ ରକ୍ଷା କରନ୍ତି। ଏହି ଗଛକୁ ଦୀର୍ଘାୟୁର ପ୍ରତୀକ ଏବଂ 'ଜୀବନର ବୃକ୍ଷ' ଭାବରେ ମଧ୍ୟ ପୂଜା କରାଯାଏ। ଏହି ବୃକ୍ଷ ଭାରତରେ ହିନ୍ଦୁ ଓ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ ପବିତ୍ର ଏବଂ ମନ୍ଦିର ଚାରିପାଖରେ ପ୍ରାୟତଃ ଲଗାଯାଏ। ଏକ ମହାନ ଆଳଙ୍କାରିକ ବୃକ୍ଷ ହୋଇଥିବାରୁ ଏହାକୁ ଉଷ୍ଣମଣ୍ଡଳୀୟ ଦେଶର ପାର୍କ ଏବଂ ରାସ୍ତା କଡ଼ରେ ମଧ୍ୟ ଲଗାଯାଏ। ସମଶୀତୋଷ୍ଣ ଜଳବାୟୁରେ ଏହାକୁ ଏକ ଘରୋଇ ଉଦ୍ଭିଦ ଭାବରେ ଚାଷ କରାଯାଏ। ବ୍ୟକ୍ତିଗତ ଘରେ ସାଜସଜ୍ଜା ପାଇଁ ବୋନସାଇ ଗଛ କୁଣ୍ଡରେ ବିକଶିତ କରାଯାଏ।

ବରଗଛ ବିହନ, ଡାଳ ଏବଂ ସ୍ତମ୍ଭ ମୂଳ ମାଧ୍ୟମରେ ସହଜରେ ବଂଶବୃଦ୍ଧି କରେ। ପକ୍ଷୀମାନେ ଫଳ ଖାଆନ୍ତି ଏବଂ ମଳ ତ୍ୟାଗ କରନ୍ତି ଯେଉଁଥିରେ ଅନେକ ମଞ୍ଜି ରହିଥାଏ। ପକ୍ଷୀମାନଙ୍କର ପାଚନ ପ୍ରଣାଳୀ ଦେଇ ଯାଇଥିବା ବିହନଗୁଡ଼ିକ ଗଜା ହେବା ଏବଂ ଦ୍ରୁତ ଗତିରେ ବଢ଼ିବାର ସମ୍ଭାବନା ଅଧିକ। ଗଛ ପାଖରେ ଭୂମିରେ ବିହନ ବଢ଼ିପାରେ, କେତେକ ସମୟରେ ବୀଜ ଗଣ୍ଠିର ଏକ ଖୋଳରେ କିମ୍ବା କାନ୍ଥ କିମ୍ବା ପଥରରେ ଅଙ୍କୁରିତ ହୁଏ। ସାଧାରଣ ପରିସ୍ଥିତିରେ, ଗଛ ଏପରି ସ୍ତର ପର୍ଯ୍ୟନ୍ତ ବଢ଼ିଥାଏ ଯେଉଁଠାରେ ଏହା ସର୍ବାଧିକ ସୂର୍ଯ୍ୟକିରଣ ପାଏ। ଭଲ ଭାବରେ ଜଳ ନିଷ୍କାସନ ହୋଇଥିବା ମାଟିରେ ଏହାର ରୋପଣ କରି, ଜୈବିକ ଖତ ବ୍ୟବହାର କରନ୍ତୁ ଏବଂ ନିୟମିତ ଭାବରେ ଏକ ସନ୍ତୁଳିତ ଜବଖାରଜାନ -ଫସଫରସ୍-ପୋଟାସିୟମ (ଘଟକ) ସାର ସହିତ ଖାଦ୍ୟ ଦିଅନ୍ତୁ। ମିଲିବଗ୍ସ, ସ୍କେଲ୍ କୀଟ, ସ୍ପାଇଡର ମାଇଟ୍ସ, ଏଫିଡ୍ସ, ଥ୍ରିପ୍ସ, କବକ ଆକ୍ରମଣ ଏହାର ଶତ୍ରୁ କୀଟ।(ସମାପ୍ତ) ●

ମୋ: ୯୭୭୭୮୦୦୪୦୮

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଶିଶୁକନ୍ୟା ମୃତ୍ୟୁକୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

ଉତ୍ତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା

ଔଷଧ ଓ ମେଡିକାଲ୍ ସାମଗ୍ରୀ ପୋଡ଼ି

ସାରସକଣା, ୨୦।୯ (ସମିସ): ସାରସକଣା ବ୍ଲକ ସାରସକଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଜି ଶିଶୁକନ୍ୟା ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ସମଗ୍ର ହସ୍ପିଟାଲ ଏକପ୍ରକାର ରଣକ୍ଷେତ୍ରରେ ପରିଣତ ହୋଇଥିଲା। ହସ୍ପିଟାଲରେ ଡାକ୍ତର ଅନୁପସ୍ଥିତ ଥିବା ଦେଖି କ୍ରୋଧିତ ସ୍ଥାନୀୟ ବାସିନ୍ଦା ଓ ମୃତକଙ୍କ ସମ୍ପର୍କୀୟ ପରିସର ଭିତରକୁ ଧସେଇ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। କେବଳ ସେତିକି ନୁହେଁ, ଉତ୍ତ୍ୟକ୍ତ ଲୋକେ ଔଷଧ ଭଣ୍ଡାର ଓ ଚିକିତ୍ସା କକ୍ଷରୁ ମୂଲ୍ୟବାନ ଜୀବନ ରକ୍ଷାକାରୀ ଔଷଧ, ବ୍ୟାଣ୍ଡେଜ୍, ସାଲାଇନ୍ ସମେତ ବିଭିନ୍ନ ଅତ୍ୟାବଶ୍ୟକୀୟ ମେଡିକାଲ୍ ସାମଗ୍ରୀ ବାହାରକୁ ଆଣି ନିଆଁ ଲଗାଇ ଭସ୍ମୀଭୂତ କରିଦେଇଛନ୍ତି। ଚିକିତ୍ସାଳୟ ପରିସରରେ ନିଆଁ ଓ ଧୂଆଁର କଳା ବାଦଲ ସହ ପରିସ୍ଥିତି ଅଣଆୟତ୍ତ ହୋଇପଡ଼ିଥିବାବେଳେ ଝାରପୋଖରିଆ ଥାନା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ସ୍ଥିତିକୁ ଆୟତ୍ତ କରିଛି।

ସୂଚନା ମୁତାବକ, ଗତକାଲି ସାରସକଣା ବ୍ଲକ ଅନ୍ତର୍ଗତ ମୁଣ୍ଡାକଟା ଗ୍ରାମର ବେହେରା ସାହି ବାସିନ୍ଦା ରାଜା ବେହେରାଙ୍କ ଦୁଇବର୍ଷର ଝିଅ ଚୁଲବୁଲ ଘରେ ଖେଳୁଥିବା ସମୟରେ ଟେବୁଲ ଫ୍ୟାନର ଅସୁରକ୍ଷିତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ତୁରନ୍ତ ଉଦ୍ଧାର କରି ଏହି ସାରସକଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ସେଠାରେ କୌଣସି ଡାକ୍ତର ଉପସ୍ଥିତ ନ ଥିଲେ, ଫଳରେ ଶିଶୁଟିକୁ ଶିର୍ଷା, ଝାରପୋଖରିଆ ଓ ପରେ ବାରିପଦାସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ନେବାକୁ ପଡ଼ିଥିଲା। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଦୀର୍ଘଦିନ ଧରି ସାରସକଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତ ରହୁଥିବା ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର ଓ ସରକାରଙ୍କ ଉଦାସୀନତା ଯୋଗୁଁ ଶିଶୁର ମୃତ୍ୟୁ ଘଟିଥିଲା। ଠିକ୍ ସମୟରେ ପ୍ରାଥମିକ ଚିକିତ୍ସା ନ ମିଳିବାରୁ ଶିଶୁର ପ୍ରାଣହାନି ଘଟିଥିବା ଦାବି କରି ଲୋକଙ୍କ ଆକ୍ରୋଶ ସୀମା ଟପିଯିବାରୁ ଆଜି ଏଭଳି ଅଭାବନୀୟ କାଣ୍ଡ ଘଟିଛି। ତୁରନ୍ତ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଓ ଡାକ୍ତର ନିୟମିତ ଉପସ୍ଥିତ ରହିବା ଲୋକମାନେ ଦାବି କରିଛନ୍ତି।

ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ସୁଧାର ଦାବିରେ ବିଧାନସଭା ଘେରଉ କରିବ ବିଜେଡି

ଭୁବନେଶ୍ୱର,୨୦।୯ (ସମିସ): ରାଜ୍ୟର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଧାନସଭା ଘେରାଉ କରାଯିବ। ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସଙ୍ଗ ନେଇ ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଇପ୍ସିତା ସାହୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ଥିବା ବେଳେ ତାହା ରାଜ୍ୟ ସରକାର ପ୍ରତ୍ୟାହାର କରିଲେ ନାହିଁ। ଆସନ୍ତା କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବ। ତେବେ ତ୍ରୁଟି ପୂର୍ଣ୍ଣ ପୁସ୍ତକ ପଢ଼ି ଛାତ୍ରଛାତ୍ରୀ ମାନେ କିପରି ପରୀକ୍ଷା ଦେବେ। ଚଳିତ ଶିକ୍ଷା ବର୍ଷ ଆରମ୍ଭରୁ ଛାତ୍ରଛାତ୍ରୀ ମାନେ ତ୍ରୁଟିଶୂନ୍ୟ ପୁସ୍ତକ ପାଇଲେ ନାହିଁ। ବିଜେପି ସରକାର ଏନ୍‌ଇପି ଲାଗୁ କରି ଅହେତୁକ ବିଳମ୍ବରେ ପାଠ୍ୟ ପୁସ୍ତକ ପ୍ରଦାନ କରିଥିଲେ। ପିଲାଙ୍କ ଭବିଷ୍ୟତ ସହ ଖେଳି ବିଳମ୍ବରେ ମଧ୍ୟ ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରଦାନ କରିଲେ। ନୂତନ ପୁସ୍ତକ ପ୍ରକାଶନ କରିବା ଟେଣ୍ଡର ମଧ୍ୟ କେନ୍ଦ୍ର ସରକାରଙ୍କ ପ୍ରଭାବଶାଳୀ ବିଜେପି ନେତାଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରକାଶନ ଟଙ୍କାକୁ ସୁରୁଖୁରୁରେ ପ୍ରଦାନ କରାଇବା ପାଇଁ ତ୍ରୁଟି ଗୁଡିକ ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି। ପୁସ୍ତକ ପ୍ରକାଶନରେ ୩୮୦କୋଟି ଟଙ୍କାର ଦୁର୍ନୀତି ହୋଇଛି। ଏହି ଦୁର୍ନୀତିରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ସାମିଲ୍ ରହିଛନ୍ତି। ପୁସ୍ତକ ପ୍ରତ୍ୟାହାର, ଉଚ୍ଚସ୍ତରୀୟ ତଦନ୍ତ ଓ ମନ୍ତ୍ରୀଙ୍କୁ ବହିଷ୍କାର ଦାବିରେ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଅ ଆନ୍ଦୋଳନ କରି ବିଜେଡି ପ୍ରତିବାଦ ପ୍ରଦର୍ଶନ କରିଥିଲା। କିନ୍ତୁ ଏଥିରେ ମଧ୍ୟ ମୁଖ୍ୟମନ୍ତ୍ରୀ ଚୁପ୍ ହୋଇ ବସିଛନ୍ତି। ଉକ୍ତ ଘଟଣାରେ ରାଜ୍ୟ ସରକାରଙ୍କୁ ନିନ୍ଦିତ କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଛି ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ସ୍ୱୀକାର କରିଛନ୍ତି। କିନ୍ତୁ ପଦକ୍ଷେପ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛନ୍ତି। ତଳତଳିଆ ଅଧିକାରୀ ମାନଙ୍କୁ ଗିରଫ କରି ବଡ଼ ବଡିଆ ମାନଙ୍କୁ ଛାଡ଼ି ଦିଆଯାଉଛି। ତେବେ ବିକ୍ଷୋଭ ଓ ଜନଜାଗରଣ ସତ୍ତ୍ୱେ ବିଜେପି ସରକାର ତିଳେ ହେଲେ ଭ୍ରୂକ୍ଷେପ କରୁନାହିଁ। ତେଣୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ସେପ୍ଟେମ୍ବର ୨୨ ଓ ୨୩ ତାରିଖରେ ବିଧାନସଭା ଘେରାଉ କରାଯିବ ବୋଲି କହିଛନ୍ତି।

ପିଲାଙ୍କୁ ମିଳିଲା ନାହିଁ ତ୍ରୁଟିଶୂନ୍ୟ ପୁସ୍ତକ, ସବୁ ଜାଣି ଆଖି ବୁଜି ଦେଇଛନ୍ତି ରାଜ୍ୟ ସରକାର

ଆସନ୍ତା ୨୨ ତାରିଖ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯଦି ଇସ୍ତଫା ପ୍ରଦାନ ନକରିବେ। ଆସନ୍ତା ୨୨ ତାରିଖ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବ ଯୁବ ଓ ଛାତ୍ର ବିଜେଡି। ସେହିପରି ଛାତ୍ର ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ବିଜେପି ସରକାର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଜରିଆରେ ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିଛନ୍ତି। ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସଙ୍ଗ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦବେଗ ପ୍ରକାଶ କରିଛନ୍ତି। ତ୍ରୁଟିପୂର୍ଣ୍ଣ ପୁସ୍ତକ ପାଇଁ ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହୋଇଛି। ଏହାକୁ ବିରୋଧ କରି ବିରୋଧୀ ଦଳ ନେତାଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟସାରା ପ୍ରତିବାଦ ପ୍ରଦର୍ଶନ କରିଥିଲା। କିନ୍ତୁ ଏତେ ପରେ ମଧ୍ୟ ରାଜ୍ୟର ବିଜେପି ସରକାର ଚେତିଲା ନାହିଁ। ଏହାକୁ ବିରୋଧ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ଼ ପ୍ରତିବାଦ କରି ବିଧାନସଭା ଘେରାଉ କରାଯିବ ବୋଲି କହିଛନ୍ତି।

ନୁହାପଡ଼ା ଜଙ୍ଗଲରେ ମୃତ ହାତୀ ଠାବ

ଜଳେଶ୍ୱର ବ୍ଲକ, ୨୦।୯ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରେଞ୍ଜ ଅନ୍ତର୍ଗତ ବରଡିହା ବନଖଣ୍ଡ ଅଧୀନସ୍ଥ ନୁହାପଡ଼ା ପିଆର୍‌ଏଫ୍ ଜଙ୍ଗଲରେ ପୁଣି ଏକ ହାତୀର ଗଳିତ ମୃତଦେହ ଠାବ କରାଯାଇଛି। ୧୧ମାସ ପୂର୍ବେ ଏକ ମାଈ ହାତୀ ପ୍ରସବ ଯନ୍ତ୍ରଣାରେ ଜର୍ଜରିତ ହୋଇ ଶ୍ୟାମନଗର ଗ୍ରାମ ପଞ୍ଚାୟତ ନିକଟରେ ମୃତ୍ୟୁବରଣ କରିଥିବା ବେଳେ ପୁଣି ଏକ ହାତୀ ନୁହାପଡ଼ା ପି.ଆର୍ ଏଫ୍ ଜଙ୍ଗଲରେ ମୃତ ଅବସ୍ଥାରେ ଠାବ ହେବାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଅପରପକ୍ଷେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବାଲେଶ୍ୱର

ଡିଏଫ୍‌ଓ ଇନ୍ଦଲ କର ପ୍ରତୀକ ପ୍ରକାଶ ସୂଚନା ଦେଇଛନ୍ତି। ମୃତ ହାତୀକୁ ସେଠାରେ ଗାତ ଖୋଳି ପୋତି ଦିଆଯାଇଛି। ଏହି ସମୟରେ ସେଠାରେ ଏସିଏଫ୍ ବାଲେଶ୍ୱର ୱାଇଲ୍ଡ ଲାଇଫ ଡିଭିଜନ ତଟିନୀ ସେଠୀ, ଏସିଏଫ୍ ଆର୍ ସି ସି ଏଫ୍ ରଶ୍ମି ରଞ୍ଜନ ସ୍ୱାଇଁ, ଜଳେଶ୍ୱର ରେଞ୍ଜର ଶିଶିର କୁମାର ବେହେରା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଶିଶିର କୁମାର ଲେଙ୍କା, ଭିଏଏସ ତ୍ରିଲୋଚନ ମହାପାତ୍ର, ଲାଇଫ ଷ୍ଟକ ଇନିସ୍ପେକ୍ଟର ଶତ୍ରୁଘନ ସିଂ, ଭିଏଏସ. ଏମ୍ ଭି ଭି ସତ୍ୟରଞ୍ଜନ ମହାପାତ୍ର, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବାଲେଶ୍ୱର ଅଶ୍ୱନୀ କୁମାର ଦାସ, ବରଡିହା ବନଖଣ୍ଡ ବନପାଳ ପ୍ରହ୍ଲାଦ ଚନ୍ଦ୍ର ନାୟକ, ଗାର୍ଡ ସୁଲୋଚନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ରାଇବଣିଆ ଅଞ୍ଚଳରେ ମାସେ ହେଲା ୧୯ ଟିକିଆ ହାତୀପଲ ରହିଆସୁଥିଲେ ମଧ୍ୟ ହାତୀଙ୍କ ଗତିବିଧି ଉପରେ ବନ ବିଭାଗ ପାଖରେ ସୂଚନା ନ ରହିବା ପରିବେଶ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

FOR SALE

We have 2nos repossessed Mahindra Tractor for sale : 1. MAHINDRA 585 YUVO TECH + (OD-15-AC-4955), 2. MAHINDRA 585 YUVO TECH + (OD-15-AF-3787) in its as is where is condition. Contact: Sundaram Finance Limited, Sambalpur, Branch Mob no : 9437059593, 9437355617 within 3 days.

AFFIDAVIT

By virtue of an affidavit sworn before Executive Magistrate, Kabisuryanagar, Ganjam vide no. 7 dtd. 18.9.2026, I, Lambodar Swain, S/o- Late Jagunath Swain, Resident of Vill.- Sadabarta-nuagan, Po./Ps.- Kabisuryanagar, Dist.- Ganjam, Odisha, Pin-761104 state that, I have changed my minor daughter's name from **Eitesree Swain** to **Itishree Swain**. Henceforth he will be known as **Itishree Swain** for all future purposes.

Sd/- Lambodar Swain

AFFIDAVIT

By virtue of an affidavit sworn before Executive Magistrate, Dharakote, Ganjam, dated 17.09.2026, I, Laxmi Jena, Address Vill-Dhaugam, PO-Dhaugam, PS-Dharakote, Dist-Ganjam, Odisha, PIN-761111 declare that I have changed my name from Jangyashini Behera to Laxmi Jena. Henceforth, I shall be known as **Laxmi Jena** for all purposes.

Sd/- Laxmi Jena

AFFIDAVIT

I, Manas Mohapatra aged about 53 year S/o-Kunja Bihari Mohapatra, Resident of Plot No-104, Gobinda Prasad, Rasulgarh, Bhubaneswar, Khordha, Pin-751010, ODISHA, declared by this Affidavit No.937, Dated.14.08.2026, That now onwards I shall Be Known as **MANAS KUMAR MOHAPATRA** for all future Purposes.

ଅବଶିଷ୍ଟାଂଶ...

ଆରମ୍ଭ ହେଲା...

କରାଯାଇଛି। ଏକ ସ୍ୱତନ୍ତ୍ର ପ୍ରୋଗ୍ରାମ୍ ମାଧ୍ୟମରେ ସାଇବର ଗବେଷକ ଟିମ୍ ଏହା କରିଛନ୍ତି। ଓପନ୍ ଏଆଇର ଏଆଇ ମଡେଲର ସୁରକ୍ଷା ପ୍ରଣାଳୀକୁ ହ୍ୟାକ୍ କରିବାକୁ ଖୁବ୍ ପ୍ରୟାସ ହେଉଥିବା ବେଳେ ତା'ଉପରେ ଏବେ ପ୍ରଶ୍ନ ଉଠୁଛି। ୩ ମାସ ପୂର୍ବେ ଓପନ୍ ଏଆଇର ୧୦୦୦ରୁ ଅଧିକ ଏଆଇ ଏଜେଣ୍ଟ ପରୀକ୍ଷଣ ପରିବେଶରୁ ବାହାରି ଏଆଇ ଷ୍ଟାର୍ଟଅପ୍ ହଗିଂ ଫେସ୍ କୁ ହ୍ୟାକ୍ କରିବା ଆରମ୍ଭ କରିଥିଲେ। ମାନବ ହସ୍ତକ୍ଷେପ ବିନା ଏଆଇ ନିଜେ କେମିତି ଆକ୍ରମଣ କରୁଛି,ତାହା ଲୋକଙ୍କୁ ଚକିତ କରିଥିଲା। ସେହି ଘଟଣା ପରେ ଏ ମାମଲା ସାମ୍ନାକୁ ଆସିଛି। ସାଇବର ସିକ୍ୟୁରିଟି କମ୍ପାନି ହ୍ୟାକଟ୍ରନ୍ ଏଆଇର ୩ ଜଣ ଗବେଷକଙ୍କୁ ଓପଏଆଇ ନିଜର ବଗ୍ ବାଉଣ୍ଟି ପ୍ରୋଗ୍ରାମ୍ ଅନ୍ତର୍ଗତ ୬,୫୦୦ ଡଲାର ଦେଇଛି।

ଚୀନ୍ ଜାହାଜକୁ...

ଜାହାଜର ସାମଗ୍ରୀ ସମ୍ପର୍କରେ ତଥ୍ୟ ବିଶ୍ଳେଷଣ ପାଇଁ ଆମେରିକାର ଜଣେ ସ୍ୱତନ୍ତ୍ର ଅପରେସନ୍ସ କମାଣ୍ଡ ଅଧିକାରୀ ଏଆଇ ଚାଟ୍‌ବଟ୍‌ର ସହାୟତା ନେଇଥିଲେ। ଚାଟ୍‌ବଟ୍ ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଆଧାରରେ ଜାହାଜରେ ପରମାଣୁ ଅସ୍ତ୍ର ତିଆରି ସହ ସମ୍ପର୍କିତ ଉପକରଣ ଥିବା ସୂଚନା ଦେଇଥିଲା। ଗୁଇନ୍ଦା ତଥ୍ୟ ଏଆଇ ତଥ୍ୟ ଆଧାରିତ ବୋଲି ଆମେରିକା ଉଚ୍ଚପଦସ୍ଥ ସାମରିକ ଅଧିକାରୀ ସୂଚନା ପାଇବା ପରେ ତୁରନ୍ତ ଅପରେସନକୁ ରୋକି ଦିଆଯାଇଥିଲା। ଫଳରେ ଚୀନ ଜାହାଜ ଉପରେ ଆକ୍ରମଣ ସ୍ଥଗିତ ରହିଥିଲା। ଏହି ଜାହାଜ ଉପରେ ଆକ୍ରମଣ ହୋଇଥିଲେ ଆମେରିକା ଜାହାଜ ଉପରେ ଚୀନ ପାଲଟା ଆକ୍ରମଣ କରିଥାଆନ୍ତା ଓ ବିଶ୍ୱରେ ଭୟଙ୍କର ସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଥିଲା।

ଏହି ଘଟଣା ଆମେରିକୀୟ ସାମରିକ ବ୍ୟବସ୍ଥାରେ ଏଆଇ ବ୍ୟବହାରକୁ ନେଇ ନୂଆ ପ୍ରଶ୍ନ ଉଠାଇଛି। ଗୁଇନ୍ଦା ତଥ୍ୟ ବିଶ୍ଳେଷଣ, ଟାର୍ଗେଟ ଚିହ୍ନଟ ଏବଂ ସାମରିକ ସମ୍ବଳ ମୁତୟନ ଭଳି କ୍ଷେତ୍ରରେ ଏଆଇ ବ୍ୟବହାର ଭବିଷ୍ୟତରେ ଭୟଙ୍କର ସ୍ଥିତି ସୃଷ୍ଟି କରିବା ଆଶଙ୍କାକୁ ଦୃଢ଼ୀଭୂତ କରିଛି। ଭୁଲ ତଥ୍ୟକୁ ମାନବୀୟ ଯାଞ୍ଚ ବିନା ଗୁରୁତ୍ୱପୂର୍ଣ୍ଣ ସାମରିକ ନିଷ୍ପତ୍ତିର ଆଧାର କରାଗଲେ ଏହାର ପରିଣାମ ଗମ୍ଭୀର ହୋଇପାରେ ବୋଲି ପ୍ରମାଣିତ କରିଛି।

ବିଧାନସଭାରେ ଆଣନ୍ତୁ...

ପାଇଁ ବିଧାନସଭାରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ପଟ୍ଟନାୟକ ଆହ୍ୱାନ କରିଛନ୍ତି। ବିଧାନସଭାରେ ଏମ୍‌ଏମ୍‌ଡ଼ିଆର୍ ଆଇନକୁ ବିରୋଧ ସଂକ୍ରାନ୍ତ ପ୍ରସ୍ତାବକୁ ବିଜେଡି ସମ୍ପୂର୍ଣ୍ଣ ସମର୍ଥନ କରିବ ଓ ଏହି ସମ୍ମିଳିତ ଉଦ୍ୟମକୁ ଏକ ଐତିହାସିକ ମୁହୂର୍ତ୍ତ ଭାବରେ ଓଡ଼ିଶାବାସୀ ମନେ ରଖିବେ ବୋଲି ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ନବୀନ କହିଛନ୍ତି ଯେ ଖଣିଜ ସମ୍ପଦ ଓ ଖଣି ଅଞ୍ଚଳ ଉପରେ ଟିକସ ଲାଗୁ କରିବା ସମ୍ପର୍କିତ ରାଜ୍ୟର ସାମ୍ବିଧାନିକ ଅଧିକାରକୁ ବିରୋଧ କରି ଖଣି କମ୍ପାନୀ ମାନେ ଅଦାଲତକୁ ଯାଇଥିଲେ। ଓଡ଼ିଶାର ଏହି ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ବିଜେଡି ସରକାର ବହୁ ବର୍ଷ ଧରି ହାଇକୋର୍ଟ ଓ ସୁପ୍ରିମ କୋର୍ଟରେ ଲଢେଇ କରିଥିଲା। ଆମର ନିରନ୍ତର ଉଦ୍ୟମ ଯୋଗୁ ଓଡ଼ିଶା ନ୍ୟାୟ ପାଇଲା ଏବଂ ସୁପ୍ରିମକୋର୍ଟର ୯ ଜଣିଆ ସାମ୍ବିଧାନିକ ବେଞ୍ଚ ତାଙ୍କ ରାୟରେ ଓଡ଼ିଶା ସରକାର ଖଣି କମ୍ପାନୀ ବିରୁଦ୍ଧରେ ନେଇଥିବା ପଦକ୍ଷେପକୁ ଉଚିତ ଦର୍ଶାଇଥିଲେ। ପରେ ପରେ ରାଜ୍ୟ ବିଜେପି ସରକାର ଖଣି କମ୍ପାନୀ ବିରୋଧରେ ମଧ୍ୟ ସୁପ୍ରିମକୋର୍ଟରେ ଏହି ଲଢ଼େଇ ଜାରି ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ିଶାର ଆଡଭୋକେଟ ଜେନେରାଲ ମଧ୍ୟ ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କର ପକ୍ଷ ରଖିଥିଲେ। ଏଥିରେ ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ ଯେ ଯଦି ଖଣି ଓ ଖଣି ଅଞ୍ଚଳ ଉପରେ ଟିକସ ବସାଇବାର ଅଧିକାର କାଢି ନିଆଯାଏ ତେବେ ଏହା ରାଜ୍ୟର ଆର୍ଥିକ ପରିସ୍ଥିତି ଉପରେ କୁପ୍ରଭାବ ପକାଇବ। ସୁପ୍ରିମ କୋର୍ଟଙ୍କ ରାୟ ଓଡ଼ିଶା ପାଇଁ ବିରାଟ ସମ୍ଭାବନା ସୃଷ୍ଟି କରିଥିଲା। ଲକ୍ଷାଧିକ କୋଟି ଟଙ୍କାର ବକେୟା ରାଜସ୍ୱ ଆଦାୟ ସହିତ ବାର୍ଷିକ ୧୨ ହଜାର କୋଟି ଟଙ୍କା ରାଜସ୍ୱ ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା। ଏହାଦ୍ୱାରା ଆମର ଯୁବ ସମାଜର ଭବିଷ୍ୟତ ସୁରକ୍ଷିତ ହେବା ସହିତ ଓଡ଼ିଶାର ବିକାଶ ପାଇଁ ପ୍ରଚୁର ଅର୍ଥ ମିଳିଥାନ୍ତା। ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଓଡ଼ିଶାକୁ ମିଳିବାକୁ ଥିବା ରାଜସ୍ୱକୁ ରାଜ୍ୟବାସୀଙ୍କର କଲ୍ୟାଣ ପାଇଁ କିପରି ସର୍ବୋତ୍ତମ ଭାବରେ ଉପଯୋଗ କରାଯାଇ ପାରିବ, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକରେ ନିଶ୍ଚିତ ଭାବରେ ଆଲୋଚନା କରିଥିବେ। କିନ୍ତୁ ଦୁଃଖର କଥା, ସାରା ଦେଶକୁ ଆଚମ୍ବିତ କରି ସଂସଦରେ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ଗୃହୀତ କରାଯାଇଛି। ଏହାଫଳରେ ରାଜ୍ୟର ଖଣିଜ ସମ୍ପଦ ଉପରୁ ଟିକସ ଆଦାୟର ସାମ୍ବିଧାନିକ କ୍ଷମତା ଓଡ଼ିଶା ଠାରୁ କାଢ଼ି ନିଆଗଲା। ବିଡ଼ମ୍ବନା ହେଉଛି ଓଡ଼ିଶାବାସୀଙ୍କ ସ୍ୱାର୍ଥ ବିରୁଦ୍ଧରେ ଯାଇ ବିଜେପିର ୨୦ ଜଣ ସାଂସଦ ଏହି ସଂଶୋଧନକୁ ସମର୍ଥନ କଲେ। ଖଣି ମାଲିକ ଯାହା ଚାହୁଁଥିଲେ, ବିଜେପି ସାଂସଦଙ୍କ ସମର୍ଥନ ଯୋଗୁଁ ଏବେ ତାହା ହିଁ ହେଲା। କିନ୍ତୁ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ)ର ପରବର୍ତ୍ତୀ ପ୍ରତିକ୍ରିୟା ସ୍ୱରୂପ ଓଡ଼ିଶା ବିପୁଳ ଆର୍ଥିକ କ୍ଷତି ସହିବାକୁ ଯାଉଛି ଏବଂ ଏହାର ସାମ୍ବିଧାନିକ ଅଧିକାର ମଧ୍ୟ ଚାଲିଯାଇଛି। ଗୃହର ନେତା ଭାବରେ ବିଧାନସଭାରେ ଏମଏମଡିଆର ସଂଶୋଧନ ଆଇନ ପ୍ରତ୍ୟାହାର କରିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ କରିବା ମୁଖ୍ୟମନ୍ତ୍ରୀଙ୍କର ନୈତିକ ଦାୟିତ୍ୱ। ଏଥିପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ବିଜୁ ଜନତା ଦଳ ସମର୍ଥନ କରିବ। ଏହାଦ୍ୱାରା ଓଡ଼ିଶାର ସାମ୍ବିଧାନିକ ଅଧିକାର ପୁନଃ ପ୍ରତିଷ୍ଠିତ ହେବା ସହିତ ସୁପ୍ରିମକୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ ଓଡ଼ିଶାର ସ୍ୱାର୍ଥ ସୁରକ୍ଷିତ ରହିବ ବୋଲି ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

ଦିନକ ପରେ...

ପ୍ରଦାନ କରାଯାଇନଥିବା ବେଳେ ଏହାକୁ ନେଇ ମଧ୍ୟ ବିରୋଧୀ ଦଳ ଗୃହ ହୁଲୁସ୍ଥୁଲୁ କରିବାକୁ ଯାଉଛନ୍ତି। ଗତ କିଛି ମାସ ହେଲାଣି ବିଜେଡି ଏନେଇ ରଜ୍ୟର ପ୍ରତିଟି ଜିଲ୍ଲାରେ ଆନ୍ଦୋଳନ କରିବା ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆସୁଛି। ବିଭିନ୍ନ ସାମାଜିକ ସଂଗଠନର ନେତାମାନେ ଏନେଇ ଅନଶନ କରୁଛନ୍ତି। କଂଗ୍ରେସ ସହ ଅନ୍ୟ ରାଜନୈତିକ ଦଳମାନେ ମଧ୍ୟ ନିୟମିତ ଭାବରେ ଆନ୍ଦୋଳନ କରି ଆସୁଛନ୍ତି। ତେଣୁ ଗୃହରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ସମସ୍ତ ପିଲାଙ୍କୁ ତୁରନ୍ତ ପୁସ୍ତକ ପ୍ରଦାନ ଦାବି ଦୃଢ଼ ଭାବରେ ବିରୋଧୀ ଦଳ ଉତ୍ଥାପନ କରିବେ ବୋଲି ସୂଚନା ମିଳିଛି। ଏପରିକି ଆସନ୍ତା ୨୨ ତାରିଖରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଧାନସଭା ସାମନାରେ ଧାରଣା ଡକରା ଦିଆଯାଇଛି। ଏପଟେ ଆସନ୍ତା ୨୯ ତାରିଖରେ ଏମଏମଡିଆର ସଂଶୋଧିତ ଆଇନକୁ ନେଇ ଇଣ୍ଡିଆ ବ୍ଲକ ମଧ୍ୟ ବିଧାନସଭା ଘେରଉ କରିବାକୁ ଘୋଷଣା କରିଛି। ଏହି ଦୁଇ ପ୍ରସଙ୍ଗରେ ଶାସକ ଦଳ ଆରମ୍ଭରୁ ବ୍ୟାକଫୁଟରେ ଥିବାବେଳେ ମୌସୁମୀ ଅଧିବେଶନ ଆଦୌ ସେମାନଙ୍କ ପାଇଁ ସହଜ ହେବ ନାହିଁ ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି। ଏହାବ୍ୟତୀତ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି, ଦରଦାମ ବୃଦ୍ଧି, ମହାନଦୀ ବିବାଦରେ ଆପୋଷ ସମାଧାନ ନେଇ ସରକାରଙ୍କ ନିରବତା, ଚାଷ ଓ ଚାଷୀ ସମସ୍ୟା, ବେକାରୀ ସମସ୍ୟା, ରାଜ୍ୟରେ ବିକାଶ କାମ ଠପ୍ ହୋଇପଡ଼ିବା, ଶିକ୍ଷକ ସମସ୍ୟା ଆଦିକୁ ନେଇ ବିରୋଧୀ ସରକାରଙ୍କୁ ଘେରି ପାରନ୍ତି। ଆସନ୍ତାକାଲି ବିଜେଡି ଓ କଂଗ୍ରେସର ବିଧାୟକ ଦଳ ଅନୁଷ୍ଠିତ ହେବାକୁ ଥିବାବେଳେ ସରକାରଙ୍କୁ ଘେରିବା ନେଇ ଚୂଡ଼ାନ୍ତ ରଣନୀତି ପ୍ରସ୍ତୁତ କରାଯିବ। ସୋମବାର ସନ୍ଧ୍ୟା ୫ଟା ବେଳେ ଶଙ୍ଖ ଭବନରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଧ୍ୟକ୍ଷତା କରିବେ। ଅପରପକ୍ଷେ ବିଜେପି ବିଧାୟକ ଦଳ ବୈଠକ ମଧ୍ୟ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇପାରେ ବୋଲି ଜଣାପଡ଼ିଛି। ତେବେ ବିରୋଧୀଙ୍କୁ ସରକାର ଓ ସରକାରୀ ଦଳ କେମିତି ମୁକାବିଲା କରୁଛନ୍ତି, ତାହା ଦେଖିବା ବେଶ୍ ରୋଚକ ହେବ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି।

ଦିଲ୍ଲୀରେ ଏସ୍‌ଆଇଆର୍...

ସିଏଜି ସଂଜୟ ମୂର୍ତ୍ତିଙ୍କୁ ମଧ୍ୟ ନୋଟିସ ପଠାଯାଇଥିବା ଜଣାପଡ଼ିଛି।

ନିର୍ବାଚନ କମିସନ ସୂତ୍ରରୁ ପ୍ରକାଶ ଯେ ମୁଖ୍ୟତଃ ପୂର୍ବ ସଂଶୋଧନ (୨୦୦୨) ଭୋଟର ତାଲିକା ସହିତ ବର୍ତ୍ତମାନର ତଥ୍ୟ ମେଳ ନଖାଇବା କିମ୍ବା ନାମ ଓ ପରିବାର ବିବରଣୀରେ ତ୍ରୁଟି ଥିବା ହେତୁ ଏହି ନୋଟିସ୍ ଜାରି କରାଯାଇଛି॥। ଆଡଭାନୀ, ତାଙ୍କ ଝିଅ ପ୍ରତିଭା ଓ ବୋହୂ ଗୀତିକାଙ୍କୁ 'ନୋ ମ୍ୟାପିଂ' ଶ୍ରେଣୀରେ ନୋଟିସ୍ ଦିଆଯାଇଛି। ଅନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଅଭିଷେକ ମନୁ ସିଂଘଭୀ, କପିଲ ସିବଲ, ସୁବ୍ରମଣ୍ୟମ ସ୍ୱାମୀ, ବିଜେପି ସାଂସଦ ବାଂସୁରୀ ସ୍ୱରାଜ ଓ ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ପୂର୍ବରୁ ନୋଟିସ ଦିଆଯାଇଥିଲା। ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ ନୋଟିସ୍ ମିଳିବା ଦ୍ୱାରା କୌଣସି ଭୋଟର ଅଯୋଗ୍ୟ ହୋଇନାହାନ୍ତି କିମ୍ବା ତାଙ୍କ ନାମ ତାଲିକାରୁ କଟାଯାଇ ନାହିଁ। ନୋଟିସ୍ ପାଇଥିବା ପ୍ରମୁଖ ବ୍ୟକ୍ତିଙ୍କୁ ପ୍ରକ୍ରିୟାରେ ସହଯୋଗ କରାଯିବ ଏବଂ ଆବଶ୍ୟକ ଦସ୍ତାବିଜ ସଂଗ୍ରହ କରାଯିବ। ସୂଚନାଯୋଗ୍ୟ, ଦିଲ୍ଲୀ ଏସ୍‌ଆଇଆର୍‌ରେ ମୋଟ ୩୩,୧୨,୯୧୯ ଜଣ ଭୋଟରଙ୍କ ମାମଲାରେ ଅସଙ୍ଗତି ଚିହ୍ନଟ ହୋଇଛି। ସେଥିରୁ ୧୩,୭୯,୭୮୫ ଜଣ 'ନୋ ମ୍ୟାପିଂ' ଏବଂ ୧୯,୩୩,୧୩୪ ଜଣ 'ଲଜିକାଲ ଡିସ୍‌କ୍ରେପାନ୍ସି' ଶ୍ରେଣୀରେ ଅଛନ୍ତି। ନୋଟିସ୍ ପାଇଥିବା ଭୋଟରମାନଙ୍କୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆବଶ୍ୟକ ଦସ୍ତାବିଜ ଓ ଜବାବ ଦାଖଲ କରିବାକୁ ପଡ଼ିବ। ଅକ୍ଟୋବର ୨୯ ସୁଦ୍ଧା ଏହି ନୋଟିସଗୁଡ଼ିକର ସମାଧାନ କରାଯିବ ଏବଂ ନଭେମ୍ବର ୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସେପଟେ ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟରେ ମାମଲା ଚାଲିଛି ଏବଂ ଏହା ସମ୍ପର୍କିତ ଆବେଦନ ଉପରେ ସେପ୍ଟେମ୍ବର ୨୨ରେ ଶୁଣାଣି ହେବ।

ଚୌଦ୍ୱାର ଜେଲ୍...

୨ ଓ ୩ ତାରିଖର ଜେଲ୍‌ର ଗେଟ୍ ଇନ୍-ଆଉଟ୍ ରେଜିଷ୍ଟରରେ ହେରଫେର କରାଯାଇ ଶ୍ରୀ ରାଉଳଙ୍କୁ ନିରବଚ୍ଛିନ୍ନ ଭାବେ ଜେଲ୍‌ରେ ଉପସ୍ଥିତ ଥିବା ଦର୍ଶାଯାଇଥିଲା। ଏଥିସହ ଅକ୍ଟୋବର ୨ର ମିନିଟ୍ ବୁକ୍‌ରେ ତାଙ୍କ ଦସ୍ତଖତ ଜାଲି କରାଯାଇଥିବା ମଧ୍ୟ ସେ ଅଭିଯୋଗ କରିଥିଲେ।

ମାମଲାର ତଦନ୍ତ ସମୟରେ ରାଉଳଙ୍କୁ ଆବଶ୍ୟକ ଦସ୍ତାବିଜ ଦାଖଲ କରିବାକୁ କୁହାଯାଇଥିଲା। ତଦନ୍ତରେ ସହଯୋଗ ନ କଲେ ପୂର୍ବରୁ ମିଳିଥିବା ଅନ୍ତରୀଣ ସୁରକ୍ଷା ପ୍ରତ୍ୟାହାର ହୋଇପାରେ ବୋଲି ହାଇକୋର୍ଟ ମେ' ମାସରେ ଚେତାବନୀ ଦେଇଥିଲେ। ପରେ ସେପ୍ଟେମ୍ବର ୧ରେ ଓଡ଼ିଶା ହାଇକୋର୍ଟ ରାଉଳଙ୍କ ପ୍ରାକ୍-ଗିରଫ ଜାମିନ ଆବେଦନ ଖାରଜ କରିବା ସହ ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷା ହଟାଇଥିଲେ। ଏହାପରେ ଭୁବନେଶ୍ୱରରୁ ଶ୍ରୀ ରାଉଳଙ୍କୁ ପୁଲିସ ଗିରଫ କରିଛି।

ବଳ ଗୋଟାଉଛି...

ନିକଟସ୍ଥ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ୨୩ରେ ବର୍ଷା ବଢ଼ି ଦକ୍ଷିଣ ଓଡ଼ିଶାରେ ବିଶେଷକରି ଗଞ୍ଜାମ, ରାୟଗଡ଼ା, କୋରାପୁଟ, କନ୍ଧମାଳ ଓ ନିକଟସ୍ଥ ଜିଲ୍ଲାରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ୨୪ ଘଣ୍ଟାରେ ୨୦୦ ମିମିରୁ ଅଧିକ ବର୍ଷା ହୋଇପାରେ। ସେହିପରି ୨୪ ତାରିଖରେ ଉପକୂଳ, କେନ୍ଦ୍ରୀୟ ଓ ନିକଟସ୍ଥ ପଶ୍ଚିମ ଓଡ଼ିଶାକୁ ସେହିଦିନ ବର୍ଷା ବ୍ୟାପିପାରେ। ଦକ୍ଷିଣ ଅଞ୍ଚଳରେ କେତେକ ସ୍ଥାନରେ ଅତ୍ୟଧିକ ବର୍ଷା ହୋଇପାରେ। ୨୫ରେ ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରେ ବର୍ଷା ହୋଇପାରେ। ସମ୍ଭାବ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ୨୧ଠାରୁ ସମୁଦ୍ର ମଧ୍ୟକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଯେଉଁମାନେ ସମୁଦ୍ର ମଧ୍ୟରେ ଅଛନ୍ତି, ସେମାନଙ୍କୁ ତୁରନ୍ତ ଫେରି ଆସିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

ଆଜି ଆସୁଛନ୍ତି 'କକ୍ରୋଚ୍'...

ଜନତା ପାର୍ଟି ପକ୍ଷରୁ ଏହା ପ୍ରଥମ ଓଡ଼ିଶା ଗସ୍ତ। ପାର୍ଟିର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରୁ ଅନ୍ୟତମ ନେତା ସୌରଭ ଦାସଙ୍କ ଗସ୍ତକୁ ନେଇ ରାଜ୍ୟ ପୁଲିସ ପ୍ରଶାସନ ମଧ୍ୟ ତତ୍ପର ହୋଇପଡ଼ିଛି। ୬ ଦଫା ଦାବିରେ ନବ ନିର୍ମାଣ ସଂଗଠନ ପକ୍ଷରୁ ଗାନ୍ଧୀମାର୍ଗରେ ଅନିର୍ଦ୍ଦିଷ୍ଟକାଳ ସତ୍ୟାଗ୍ରହ ଆଜି ୩୨ ଦିନରେ ପହଞ୍ଚିଛି। ଏହାସହିତ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ଅନଶନ ୧୫ ଦିନରେ ପହଞ୍ଚିଛି। ରାଜ୍ୟରେ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରସଙ୍ଗରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରି ନବନିର୍ମାଣ ସଂଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି କ୍ରମରେ ଆଗାମୀ ସେପ୍ଟେମ୍ବର ୨୨ରେ ସଂଗଠନ ପକ୍ଷରୁ ବିଧାନସଭା ଘେରଉ କାର୍ଯ୍ୟକ୍ରମ ମଧ୍ୟ ସ୍ଥିର ହୋଇଛି।

'ମହାନଦୀ' ସମାଧାନ...

ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ ପାଇଁ ଆଶୀର୍ବାଦ ଲୋଡ଼ିବି ବୋଲି କହିଛନ୍ତି। ରବିବାର ସକାଳେ ଭୁବନେଶ୍ୱରରେ ପହଞ୍ଚିଥିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ। ବିମାନବନ୍ଦରରୁ ବାହାରି ସେ ସିଧା ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବିଷ୍ଣୁଦେଓ ସାଏ ପ୍ରାୟ ଏକ ଘଣ୍ଟା ଧରି ଆଲୋଚନା କରିଥିଲେ। ଏହି ବୈଠକରେ ମହାନଦୀ ଜଳ ବିବାଦ ସମେତ ଦୁଇ ରାଜ୍ୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ ଆସନ୍ତାକାଲି ମହାନଦୀ ଜଳ ବିବାଦର ସମାଧାନ ନେଇ ସିଡବ୍ଲ୍ୟୁସିର ମଧ୍ୟସ୍ଥତାରେ ଉଭୟ ରାଜ୍ୟ ପକ୍ଷରୁ ଗଠିତ ବୈଷୟିକ କମିଟିର ବୈଠକ ଅନୁଷ୍ଠିତ ହେବ। ଏହାସହ ଟ୍ରିବ୍ୟୁନାଲରେ ଆସନ୍ତା ୨୮ ତାରିଖରେ ଏହାର ଶୁଣାଣି ମଧ୍ୟ ରହିଛି।

25001/1168/2627 E-Mail: rw.kamakhyanagar@yahoo.co.in

Government of Odisha
Office of the Superintending Engineer,
Rural Works Division-II, Dhenkanal.
Kamakhyanagar

e-procurement Notice No 16 / Road Work / 2026-27.

1.	Name of the work	:	Non plan Road Work
2.	Total No. of Works	:	1 (one) No
3.	Tender Cost	:	Rs. 18.82 lakhs
4.	Class Contractor	:	D, & C equivalent
5.	Period of Completion	:	2 calendar months
6.	Availability of Tender online for bidding	:	24.09.2026 at 11.00 A.M to 06.10.2026 up to 5.00 P.M
7.	Last Date & Time of seeking tender clarification	:	05.10.2026 up to 4.00 PM
8.	Date & Time of opening of Bid	:	07.10.2026 at 11.00 AM

Other Details can be seen from the website http://tendersorissa.gov.in.

Superintending Engineer
Rural Works Division-II, Dkl
Kamakhyanagar

OIPR-25001/25094/1/26-27/0015

34001/822/2627 ee.randbjyp@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR
e-Procurement Notice
Bid Identification No. S.E (R&B)-17/2026-27/JYP(K)

Date. 09.09.2026

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1.	Name of the Work	:	E.I Works as mentioned in DTCN.
2.	No. of Works	:	7 Nos.
3.	Estimated Cost	:	Rs. 1.22 Lakhs to 30.90 lakhs
4.	Period of completion	:	1 (One) to 12 (Twelve) Months
5.	Date & Time of Bidding	:	From 11.00 hours of **25.09.2026** Up-to 17.00 hours of **05.10.2026**
6.	Last date & time for receipt of bids in portal	:	17.00 hours of **05.10.2026.**
7.	Bids received online shall be opened on	:	11.00 hours of **06.10.2026.**
8.	Name and address of the officer inviting Bid	:	Superintending Engineer, Jayapur (R&B) Division, Jayapur

Further details can be seen from the www.tendersodisha.gov.in

Superintending Engineer
Jayapur (R&B) Division

OIPR-34001/34027/1/26-27/0018

32001/888/2627 e mail – eeddbbrahampur@gmail.com

DEPARTMENT OF WATER RESOURCES
OFFICE OF THE EXECUTIVE ENGINEER, DRAINAGE DIVISION, BRAHMAPUR
INVITATION FOR BIDS (IFB)
e –procurement Notice No. 03 /2026-27 Dt: 11.09.2026

1.	Type of works	:	**Improvement, Renovation, and Construction of FLB**
2.	Total number of works	:	08 no. works
3.	Estimated Cost of Individual Packages	:	Varies from Rs 38.77 Lakh. to Rs.82.06 Lakh
4.	Bid Identification No.	:	EE-DD-BER-NO- 14/2026-27 to EE-DD-BER-NO- 21/2026-27
5.	Period of completion	:	06 (Six) and 03(Three)working Calendar months
6.	Availability of Tender On - Line	:	22.09.2026, 10.00 Hours to 07.10.2026, 17.30 Hours.
7.	Date of Opening	:	08.10.2026 at 11.30 hours in the O/o the Executive Engineer, Drainage Division, Brahmapur, Ganjam, Odisha.
8.	Class of Contractor	:	" B ", " C " & " D " Class
9.	Bid Security/EMD	:	Mentioned in detail Notice
10.	Cost of Tender Paper	:	Rs. 10,000 /-, Rs.6000/-
11.	Procurement Officer	:	Executive Engineer, Drainage Division, Brahmapur, Ganjam, Odisha.

Further details can be seen from the Govt. web site www.tendersorissa.gov.in.

Executive Engineer
Drainage Division
Brahmapur

OIPR-32001/32092/1/26-27/0003

ପାରାଦୀପ ବିଶ୍ୱକର୍ମା ପୂଜା ▶ ଭିନ୍ନ ଭିନ୍ନ କଳାକୃତିରେ ଶୋଭାପାଉଛି ପୂଜା ମଣ୍ଡପ

ଚତୁର୍ଥ ସନ୍ଧ୍ୟାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ

ପାରାଦୀପ,୨୦।୯ (ସମିସ)

ରାଜ୍ୟ ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ପୂଜା ଚତୁର୍ଥ ଦିବସରେ ପହଞ୍ଚିଛି। ଆଜିର ଚତୁର୍ଥ ଦିବସ ସନ୍ଧ୍ୟାରେ ଖଚାଖଚ ଭିଡ଼ ହେବା ସହ ଜନ ସମୁଦ୍ରକୁ ଦେଖିଲେ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ଅନୁମାନ କରାଯାଉଛି। ଭିନ୍ନ ଭିନ୍ନ କଳାକୃତିରେ ଶୋଭା ପାଉଥିବା ପୂଜା ମଣ୍ଡପ ନିକଟରେ ପାଖାପାଖି ଅପରାହ୍ନ ୨ଟା ପରେ ଭିଡ଼ ହେବା ଆରମ୍ଭ ହୋଇଥିଲା। ଏହି ଭିଡ ଧୀରେ ଧୀରେ ବଢି ସନ୍ଧ୍ୟା ୭ ଟା ବେଳକୁ ସହରରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଯାହା ଅନ୍ତେବାସୀଙ୍କ ପାଇଁ ଯାତାୟାତରେ ବାଧା ସୃଷ୍ଟି କରିଥିଲା। ଏପରିକି ସ୍ଥାନୀୟ ବାସିନ୍ଦା ନିଜ ନିଜର ଘର ନୂଆବଜାର, ଷଣ୍ଢକୁଦ ଓ ମଧୁବନ ଅଞ୍ଚଳକୁ ଯିବା ପାଇଁ ପଶିପାରି ନଥିଲେ। ଘଣ୍ଟା ଘଣ୍ଟା ରାସ୍ତାରେ ଗାଡି ଅଟକି ରହିଲା। ପରିସ୍ଥିତି ଏଭଳି ହେଲା ଯେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ବାହାରେ ରହିଲା। ତା ସହିତ ସମୁଦ୍ର କୂଳ ରାସ୍ତାରେ ଗାଡି ମଟର ପୂରା ମେରାଇନ ରାସ୍ତାରେ ଷଣ୍ଢକୁଦ ଠାରୁ ବନ୍ଦରର ୫ ନମ୍ବର ଗେଟ ପାଖ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଲମ୍ବି ଯାଇଥିଲା। ସେହିଭଳି ଅବସ୍ଥାରେ ରାସ୍ତାର ଗାଡି ମଟର ସହ ସମୁଦ୍ର ବେଳାଭୂମିରେ ଗଣେଶ ଉତ୍ସବ ନିକଟରେ ମଧ ହଜାର ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବଡପଡ଼ିଆ ଥାନା ଛକ ଠାରୁ ଜୟଦେବ ସଦନ ଦେଇ ହୋଟେଲ ଏମ୍ପେୟର୍ସ ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇଥିଲା। ଏହି ଜାଗା ଏତେ ଭିଡ ଥିଲା ଯେ ଖୁଦ ପକାଇବାକୁ ଜାଗା ଟିଏ ନଥିଲା।

ଆଜି ଯେହେତୁ ରବିବାର, ଆମିଷ ବାର ଥିବାରୁ ମେଢ ଦେଖିବା ସହ ଫାଷ୍ଟଫୁଡର ମଜା ନେଇଥିଲେ ଦର୍ଶକ। ପୂଜା ଯେତିକି ଶେଷ ହୋଇ ଆସୁଛି ଦର୍ଶକଙ୍କ ସଂଖ୍ୟା ବଢି ଚାଲିଛି। ଗହଳି ପାଇଁ ନେଟୱାର୍କ କାମ କରୁନଥିବାରୁ ମୋବାଇଲ ଆଦୌ କାମ କରୁନଥିବା ଜଣାପଡିଛି।

ପୌର ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଅଭ୍ୟର୍ଥନା ପ୍ରକୋଷ୍ଠରେ ପୌର ଅଧିକାରୀ ସମେତ, ପୁଲିସ କର୍ମଚାରୀ ଓ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖିଆ ରହି ପୂଜାକୁ ତଦାରଖ କରିବା ସହ ଉପୁଜିଥିବା ସମସ୍ୟା ସମ୍ପର୍କରେ ଡାକବାଜି ଯନ୍ତ୍ର ଦ୍ୱାରା ପରାମର୍ଶ ଦେବା ସହ ଘୋଷଣା କରୁଥିଲେ। ପ୍ରତ୍ୟକ ଷ୍ଟଲରେ ପଲିଥିନ ବ୍ୟବହାର ନକରିବାକୁ ପରାମର୍ଶ ଦିଆଯାଉଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଭଳି ଜନସମାଗମ ର ଉଠା ଷ୍ଟଲରେ ବାସି ଖାଦ୍ୟ ଉପରେ ପ୍ରଶାସନ ନଜର ରଖିବାର ଆବଶ୍ୟକତା ରହିଛି। ପ୍ରତ୍ୟକ ଦିନ ଜିଲ୍ଲାର ବିଭାଗୀୟ ଅଧିକାରୀ ମାନେ ଖାଦ୍ୟର ମାନ ଯାଞ୍ଚ କରିବା ଆବଶ୍ୟକ। ପୂଜା ୪ ଦିନ ଅତିକ୍ରମ କରିଯାଇଥିଲେ ମଧ ଖାଦ୍ୟ ପଦାର୍ଥର କୌଣସି ଯାଞ୍ଚ କରାଯାଇନାହିଁ। ସନ୍ଧ୍ୟାରେ ପ୍ରାୟ ସବୁ ପୂଜା ମଣ୍ଡପରେ ମେଲୋଡି କାର୍ଯ୍ୟକ୍ରମ ଜାରି ରହିଥିଲା। ସବୁଠାରୁ ବଡ କଥା ହେଲା ଜନ ଗହଳି ପାଇଁ ପକେଟ ମାରୁ ଓ ଛିନତାଇ ପାଇଁ ପୁଲିସର ନିଦ ହଜି ଯାଇଛି। ଏତେ ପୋଲିସ କର୍ମଚାରୀ ଜଗିବା ସହ ସିସିଟିଭି ଲାଗିଥିଲେ ମଧ୍ୟ ଲୁଟେରା ଲୁଟ କରି ଖସି ଯାଉଛନ୍ତି। ଗତକାଲି ଏବଂ ଆଜି ମଧ ଲୁଟେରା ସକ୍ରିୟ ଥାଇ କିଛି ଜାଗାରେ ଲୁଟ କରିଥିବା ନେଇ ପୁଲିସ ସୂଚନା ଦେଇଛି।

ବିଶ୍ୱକର୍ମା ପୂଜା ମଣ୍ଡପ ନିକଟରେ ସ୍ୱଚ୍ଛତା ଅଭିଯାନ

ପାରାଦୀପ,୨୦।୯ (ସମିସ): 'ସ୍ୱଚ୍ଛତା ହିଁ ସେବା' ବାର୍ତ୍ତାକୁ ନେଇ ପାରାଦୀପ ପୌରପାଳିକା ଓ ରୋଟାରୀ କ୍ଲବ ଆହ୍ୱାନକ୍ରମେ ଆଜି ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ପାରାଦୀପର କମଳା ସିନେମା ହଲଠାରୁ କଲେଜ ଛକ ପର୍ଯ୍ୟନ୍ତ ରାସ୍ତା, ବିଶ୍ୱକର୍ମା ପୂଜା ତୋରଣ ଓ ପୂଜା ପେଣ୍ଡାଲ ନିକଟସ୍ଥ ଅଞ୍ଚଳରେ ସଫେଇ କାର୍ଯ୍ୟ କରାଯାଇଥିଲା। ଏହି ଅଭିଯାନରେ ପାରାଦୀପର ଏନ୍‌ସିସି କ୍ୟାଡେଟ୍, ଏନ୍‌ସିସି ଆଲୁମୁନି ସଦସ୍ୟ, ମହିଳା କଲ୍ୟାଣ ଟ୍ରଷ୍ଟ ସମେତ ବହୁ ସ୍ୱେଚ୍ଛାସେବୀ ମିଳିତ ଭାବେ ସାମିଲ ହୋଇ ରାସ୍ତାକଡ଼ ଓ ପୂଜାସ୍ଥଳୀ ନିକଟରେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରିଥିଲେ। ଏଥିସହିତ ସାଧାରଣ ଲୋକଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରାଇବା ସହ ନିଜ ଅଞ୍ଚଳକୁ ସଫା ରଖିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ରୋଟାରୀ କ୍ଲବର ସଭାପତି ଅକ୍ଷୟ ଚନ୍ଦ୍ର ସୂତାର, ସମ୍ପାଦକ ଇଂ. କାଳୀପ୍ରସାଦ ମିଶ୍ର, ଅଲେଖ ଚନ୍ଦ୍ର ସାହୁ, ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କାଉନସିଲର ଅଜିତ କୁମାର ଷଡ଼ଙ୍ଗୀ, ପରିମଳ ବିଶେଷଜ୍ଞ ପ୍ରୀତିରଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପାରାଦୀପ କଲେଜ ଏନ୍‌ସିସି ଆଲୁମୁନିର ଉପଦେଷ୍ଟା ଲେଫ୍ଟନାଣ୍ଟ ଅକ୍ଷୟ ଚନ୍ଦ୍ର ମିଶ୍ର, ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ବହୁ ଏନ୍‌ସିସି ଆଲୁମୁନି ସଦସ୍ୟ, କ୍ୟାଡେଟ୍ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ପୂଜା ପରେ ସୃଷ୍ଟି ହେଉଥିବା ଆବର୍ଜନାକୁ ଏଣେତେଣେ ନପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବା ଏବଂ ପାରାଦୀପକୁ ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ରଖିବା ପାଇଁ ସମସ୍ତେ ମିଳିତ ଭାବେ ଦାୟିତ୍ୱ ନେବାକୁ ଆହ୍ୱାନ ଦିଆଯାଇଥିଲା।

ପାଣି ପଞ୍ଚାୟତ ନଂ-୫୨ର ନିର୍ବାଚନ

ବାଲିକୁଦା,୨୦।୯ (ସମିସ): ବାଲିକୁଦା ଜଳ ସମ୍ପଦ କାର୍ଯ୍ୟାଳୟ ପରିସରରେ ମା' ଠାକୁରାଣୀ ପାଣି ପଞ୍ଚାୟତ ନଂ-୫୨ର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରକାଶ ବେହେରା ଓ କନିଷ୍ଠ ଯନ୍ତ୍ରୀ ସତ୍ୟବ୍ରତ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ସର୍ବସମ୍ମତିକ୍ରମେ ପ୍ରକାଶ ରାୟ ସଭାପତି, ମିନତୀ ବିଶ୍ୱାଳ ସମ୍ପାଦିକା ଓ ଜୟସ୍ମିତା ଲେଙ୍କା କୋଷାଧ୍ୟକ୍ଷା ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପାଣି ପଞ୍ଚାୟତ ବ୍ୟବସ୍ଥାରେ ଜଳସେଚନର ସୁଚାରୁ ପରିଚାଳନା ଓ ଜଳର ସୁବିନିଯୋଗ ଉପରେ ଗୁରୁତ୍ୱ ଦିଆଯାଇଥାଏ। ନିର୍ବାଚନ ପରେ ସଦସ୍ୟ ଶୁକଦେବ ମଲ୍ଲିକ, ଦିଲ୍ଲୀପ ଲେଙ୍କା, କାହ୍ନୁଚରଣ ବିଶ୍ୱାଳ, ସଞ୍ଜୟ କୁମାର ବେହେରା, ଦିଲ୍ଲୀପ ସୂର୍ଯ୍ୟନାରାୟଣ ଲେଙ୍କା, ନିରଞ୍ଜନ ପଟ୍ଟନାୟକ, ଅଶୋକ ମଲ୍ଲିକ, ଶିବପ୍ରସାଦ ସ୍ୱାଇଁ, କ୍ଷେତ୍ରମୋହନ ଲେଙ୍କା, ନିତ୍ୟାନନ୍ଦ ଦାସ, ସାଗରୀକା ସ୍ୱାଇଁ, କାଦମ୍ବିନୀ ରାୟ, ସୂର୍ଯ୍ୟନାରାୟଣ ପଣ୍ଡା, ସରୋଜିନୀ ମହାନ୍ତି, ନୟନା ସାହୁ, ସୁନିତା ରାୟ ଓ ରୁନାବାଳା ମହାରଣା ପ୍ରମୁଖ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜଳ ସମ୍ପଦ ବିଭାଗର ପ୍ରଶାନ୍ତ ଲେଙ୍କା, ହୃଷିକେଶ ମଲ୍ଲିକ, ଜ୍ୟୋତିପ୍ରକାଶ ସେଠୀ ଓ ନେତ୍ରାନନ୍ଦ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ।

ମହିଳା ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ପାରାଦୀପ,୨୦।୯ (ସମିସ): ପାରାଦୀପ ଉପକଣ୍ଠ ବିଜୟଚନ୍ଦ୍ରପୁର ମହିଳା ପରିଷଦ ପକ୍ଷରୁ ରବିବାର ବିଜୟଚନ୍ଦ୍ରପୁର ନାଗରିକ ପରିଷଦ ସଭାଗୃହ, ତାରିଣୀଗଡା ଧର୍ମେଶ୍ୱର ମନ୍ଦିର ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଡେପୁଟି କଲେକ୍ଟର ସାଏଦା ନାଏଲା, ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ନାଗରିକ ପରିଷଦ ସଭାପତି ପ୍ରଭାତ କୁମାର ନନ୍ଦୀ, ସହକାରୀ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ଏବଂ ଉପସଭାପତି ପିତାମ୍ବର ବେହେରାଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ଏହି ଶିବିରରେ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଚକ୍ଷୁ ରୋଗ ବିଭାଗ, ଭେଷଜ ବିଭାଗ, ଅସ୍ଥିଶଲ୍ୟ ବିଭାଗ, ଶିଶୁରୋଗ ବିଭାଗ,କର୍ଣ୍ଣ, ନାସା ଓ ଗଳା ବିଭାଗର ଅଭିଜ୍ଞ ଚିକିତ୍ସକମାନେ ଯୋଗ ଦେଇ ପରୀକ୍ଷା କରିଥିଲେ। ମହିଳା ପରିଷଦ ସଭାପତି ପ୍ରଭାତ ମଂଜରୀ ଦାସ, ଉପଦେଷ୍ଟା ଗୀତା ଚୌଧୁରୀ, ସମ୍ପାଦିକା ମଧୁଜ୍ୟୋତ୍ସ୍ନା ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ସ୍ଥାନୀୟ ଅଧିବାସୀ, ବୁଦ୍ଧିଜୀବୀ, ମୁରବୀମାନେ ଶିବିରକୁ ସକ୍ରିୟ ସହଯୋଗ ଯୋଗାଇ ଦେଇଥିଲେ। ଏହି ଶିବିରର ସଫଳ ଆୟୋଜନ ହୋଇଥିବାରୁ ବିଜୟଚନ୍ଦ୍ରପୁର ମହିଳା ପରିଷଦ ଚିକିତ୍ସକ, ବରିଷ୍ଠ ନାଗରିକ, ମୁରବୀମାନଙ୍କୁ ଧନ୍ୟବାଦ ଦିଆଯାଇଥିଲା।

ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଏରସମା,୨୦।୯ (ସମିସ): ଏରସମା ବ୍ଲକରେ ଶୁକ୍ରବାର ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଏକ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବିଭିନ୍ନ ବର୍ଗର ଭିନ୍ନକ୍ଷମ ବ୍ୟକ୍ତିଙ୍କର ଚିକିତ୍ସା ପରୀକ୍ଷା କରାଯାଇ ପ୍ରମାଣପତ୍ର ପ୍ରଦାନ ପାଇଁ ପ୍ରକ୍ରିୟା କରାଯାଇଥିଲା। ଶିବିରରେ ମେଡିସିନ ବିଭାଗରେ ୨୦ ଜଣ, ମାନସିକ ଭିନ୍ନକ୍ଷମତା ବିଭାଗରେ ୩୧ ଜଣ, ଅର୍ଥୋପେଡିକ୍ ବିଭାଗରେ ୫୬ ଜଣ, ଚକ୍ଷୁ ବିଭାଗରେ ୨୨ ଜଣ, କାନ-ନାକ-ଗଳା ବିଭାଗରେ ୯ ଜଣ ଏବଂ ପେଡିଆଟ୍ରିକ୍ ବିଭାଗରେ ୨ ଜଣଙ୍କୁ ମିଶାଇ ମୋଟ ୧୪୦ ଜଣଙ୍କର ପରୀକ୍ଷା କରାଯାଇଥିଲା।ଏହାସହ ଆଉ ୭ ଜଣଙ୍କୁ ରେଫର କରାଯାଇଥିବାବେଳେ ୭ ଜଣଙ୍କ ଆବେଦନ ରିଜେକ୍ଟ ହୋଇଥିବା ତଥ୍ୟ ରହିଛି। ଶିବିରରେ ମୋଟ ୧୫୪ ଜଣଙ୍କ ଉପସ୍ଥାନ ରହିଥିଲା। ଭିନ୍ନକ୍ଷମ ବ୍ୟକ୍ତିମାନେ ନିଜ ଅଧିକାର ଓ ସରକାରୀ ସୁବିଧା ପାଇବାରେ ଭିନ୍ନକ୍ଷମ ପ୍ରମାଣପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ ହୋଇଥିବାରୁ ଏଭଳି ଶିବିର ଆୟୋଜନକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।

ବାର୍‌ହା ଆକ୍ରମଣରେ ଦୁଇ ଜଣ ଆହତ

କୁଜଙ୍ଗ,୨୦।୯ (ସମିସ): କୁଜଙ୍ଗ ଥାନା ଅନ୍ତର୍ଗତ ଧୋୟା ଅଞ୍ଚଳ ପଙ୍କପାଳ, ବଡ଼ବାଲିକଣି, ହଂସୁରା, କାଠକୋଟ ଆଦି ପଞ୍ଚାୟତରେ ଏବେ ବାର୍‌ହା ଆତଙ୍କ ଦେଖାଦେଇଛି। ବାରହା ନଦୀ ପଠାରେ ହୋଇଥିବା ଫସଲ ଉଜାଳି ଦେଉଛନ୍ତି। ବାର୍‌ହା ବିଭିନ୍ନ ଗ୍ରାମରେ ବିଳମ୍ବିତ ରାତି ତଥା

ଭୋର ସମୟରେ ଘର ପାଖରେ ବୁଲୁଛନ୍ତି। ଗତ ତିନି ଦିନ ତଳେ ବାଲିକଣି ଗ୍ରାମର ଜଣେ ବ୍ୟକ୍ତି ନିଜ ଗୁହାଳକୁ ଯିବା ସମୟରେ ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ଅନ୍ୟ ଜଣକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ସେ ଏବେ ଚିକିତ୍ସିତ ହେଉଛନ୍ତି। ଅପର ପକ୍ଷରେ ବିଭିନ୍ନ ଗ୍ରାମର ଲୋକମାନେ ଭୟଭିତ ହୋଇ ଫସଲ ନଷ୍ଟ ହେବା ଦେଖି ସେହି ସ୍ଥାନକୁ ଯାଉନାହାନ୍ତି।

ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଜଗତସିଂହପୁର,୨୦।୯ (ସମିସ): ଆଜି ଜଗତସିଂହପୁର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ନିମାଇଁ ଭବନ ଠାରେ ଜିଲ୍ଲା କାର୍ଯ୍ୟାକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରିତମ ପରିଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଓପିସିସି ସମ୍ପାଦକ ଅଜୟ କୁମାର ସାହୁ, ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର ଯୋଗଦେଇ ଉପସ୍ଥିତି ଯୁବ କଂଗ୍ରେସର କର୍ମକର୍ତ୍ତାମାନଙ୍କୁ

ଆଗାମୀ ଦିନରେ ଜିଲ୍ଲାରେ ଯୁବ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା, ଜିଲ୍ଲା ଯୁବ ଛାତ୍ରମାନଙ୍କର ସମସ୍ୟାକୁ ନେଇ ରାଜରାସ୍ତାରେ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ନିହାର ରଞ୍ଜନ ଦାସ, ପ୍ରତ୍ୟୁଷ ନାୟକ, ଜ୍ଞାନ ରଞ୍ଜନ ଜେନା, ସତ୍ୟନାରାୟଣ ଦାସ, ରୂପରଞ୍ଜନ ମିଶ୍ର, ସେକ୍ ଆୟାଜ୍‌ଉଦ୍ଦିନ, ସେକ୍ ଦିଦାର ଅଲ୍ଲୀ, ବିଶ୍ୱଜିତ ସେଠୀ, ସନ୍ଦିପ ସ୍ୱାଇଁ, ସୌମ୍ୟ ରଞ୍ଜନ ସ୍ୱାଇଁ, ଶୁଭମ ମହାନ୍ତି, ରାହୁଲ ମଲ୍ଲିକ, ଅମରେଶ ରାଉତ, ସମୀର ବେହେରା, ବିଭୂତି ଭୂଷଣ ସ୍ୱାଇଁ, କାହ୍ନା ସେନାପତି, ସୌଭାଗ୍ୟ ରଞ୍ଜନ ସାହୁ, ସୁଶୀଲ ଦାଶ, ପ୍ୟାରେଶ ପାତ୍ରଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ବାଲିକୁଦା,୨୦।୯ (ସମିସ): ବାଲିକୁଦା ବ୍ଲକ କଣିଆସ୍ଥିତ ଜୀବନଦ୍ୟୁତି ବିଦ୍ୟାଳୟ ପରିସରରେ ୨୦ତମ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୌରାଙ୍ଗ ଚରଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଗଙ୍ଗାଧର ସାହୁ, ମୁଖ୍ୟବକ୍ତା ବିଜ୍ଞାନ ଶିକ୍ଷକ ପ୍ରତାପ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ସାମ୍ବାଦିକ ପ୍ରଣବ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ଉପଦେଷ୍ଟା ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଗଗନ ବିହାରୀ ଶତପଥୀ, ସମ୍ପାଦକ କେଳୁ ଚରଣ ସାହୁ, ଜ୍ୟୋତି ରଞ୍ଜନ ପଟ୍ଟନାୟକ ଓ ନବ କିଶୋର ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜ୍ଞାନର ବିଶେଷତ୍ୱ ଓ ଏହାର ଉପଯୋଗିତା ସମ୍ପର୍କରେ ଆଲୋଚନା କରିବା ସହ କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରଦର୍ଶିତ ୪୮ ଟି ପ୍ରକଳ୍ପ ବୁଲି ଦେଖିଥିଲେ। ଛାତ୍ରଛାତ୍ରୀଙ୍କ ପ୍ରକଳ୍ପଗୁଡ଼ିକୁ କନିଷ୍ଠ, ମଧ ଓ ବରିଷ୍ଠ ଏହି ତିନିଟି ବିଭାଗରେ ବିଭକ୍ତ କରାଯାଇଥିଲା। କନିଷ୍ଠ ବିଭାଗରେ ବିଷ୍ଣୁପ୍ରିୟା ବାରିକ ପ୍ରଥମ, ସାଇସ୍ୱରୂପ ପାତ୍ର ଦ୍ୱିତୀୟ ଓ ସ୍ମାରକ ପ୍ରତୀକ ରାୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମଧ ବିଭାଗରେ ଅର୍ଚ୍ଚିତା ସାହୁ ପ୍ରଥମ, ଶ୍ରୀଙ୍ଗଶ୍ରୀ ସ୍ୱାଇଁ ଦ୍ୱିତୀୟ ଓ ଆର୍ଯ୍ୟମାନ ଦାସ ତୃତୀୟ ସ୍ଥାନରେ ବିବେଚିତ ହୋଇଥିଲେ। ବରିଷ୍ଠ ବିଭାଗରେ ଶ୍ରୀୟା ସିମରନ ମହାନ୍ତି ପ୍ରଥମ, ଲିବୁନ କିଶୋର ମହାନ୍ତି ଦ୍ୱିତୀୟ ଓ ସୁଶ୍ରୀ ସଂପୂର୍ଣ୍ଣା ବାରିକ ତୃତୀୟ ସ୍ଥାନ ହାସଲ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ କାର୍ଯ୍ୟକାରୀ ପ୍ରଧାନ ଆଚାର୍ଯ୍ୟ ଗୁରୁଦେବ ସାହୁ। ପ୍ରଧାନ ଆଚାର୍ଯ୍ୟା କାଞ୍ଚନମାଳା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଆଚାର୍ଯ୍ୟ ଅରୁଣ କୁମାର ଶତପଥୀ, ପ୍ରଭାତ କୁମାର ଦାସ, ଅଜୟଲକ୍ଷ୍ମୀ ଦାସ, ସୁଜାତା ସାହାଣୀ, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ମେରିନା ବିଶ୍ୱାଳ, ପ୍ରଜ୍ଞା ପରିମିତା ହାତୀ, ମାନସଲକ୍ଷ୍ମୀ ଛୋଟରାୟ, ବାବାଜୀ ଚରଣ ସେଠି, ତପସ୍ୱିନୀ ସାହୁ, ପ୍ରବୋଧ ମହାନ୍ତି, କୃଷ୍ଣଚନ୍ଦ୍ର ଶତପଥୀ, କୃଷ୍ଣଚନ୍ଦ୍ର ଦାସ, ପ୍ରତିମା ମହାନ୍ତି ଓ ଆୟା ପୂର୍ଣ୍ଣିମା ପରିଡା ପ୍ରମୁଖ ସହଯୋଗ କରିଥିଲେ।

ଶ୍ରୀମା ବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ

ପାରାଦୀପ,୨୦।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ ତମ ଜନ୍ମଦିନ ଅବସରରେ ପାରାଦୀପ ଗଡ଼ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସେବା ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବକ୍ତୃତା, ସାଧାରଣ ଜ୍ଞାନର ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁଜଙ୍ଗ ଓକିଲ ସଙ୍ଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଇତିଶ୍ରୀ ସାହୁ ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସ୍ୱାଇଁ, ଦୀପିକା ସୋରେନ୍, ଆୟସ୍ମିତା ସାହୁ, ରଞ୍ଜୁକ୍ତା ସାହୁ, ଇଲିଜା ମହାନ୍ତି ପ୍ରମୁଖ ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ।

ଗଣେଶପୂଜା ଭସାଣିକୁ ନେଇ ପୁଲିସକୁ ଆକ୍ରମଣ

ଆଇଆଇସିଙ୍କୁ ମାଡ଼ ମାରି ୫ ମହିଳା ଗିରଫ

ରଘୁନାଥପୁର,୨୦।୯ (ସମିସ): ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ବାଇପାସରେ ଶୁକ୍ରବାର ରାତିରେ ଗଣେଶ ଭସାଣି ଉତ୍ସବ ବେଳେ ଗଣ୍ଡଗୋଳ ଘଟିଛି। ସାଉଣ୍ଡ ନିୟନ୍ତ୍ରଣକୁ ନେଇ ପୁଲିସ ଉପରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଆଇଆଇସି ପ୍ରେମଜିତ ଦାସ, ହୋମଗାର୍ଡ ପ୍ରମୋଦ ସେଠୀ, ଦତ୍ତ ବିଶ୍ୱାଳ ଓ ହୃଷୀକେଶ ମୁଦୁଲି ଆହତ ହୋଇଥିବା ନେଇ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେକର୍ଡରୁ ଜଣାପଡିଛି। ଏହି ଘଟଣାରେ ପୁଲିସ୍ ୫ ଜଣ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ହୋମଗାର୍ଡ ପ୍ରମୋଦ ସେଠୀ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ନଂ.୧୬୪/୨୬ ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ସ୍ଥାନୀୟ ଗ୍ରାମର ଭସାଣି ଉତ୍ସବ କଟକ ପାରାଦୀପ ରାସ୍ତାରେ ଚାଲିଥିଲା। ଏଥିରେ ବହୁ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ତେବେ ଅତ୍ୟଧିକ ସାଉଣ୍ଡକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଡ୍ୟୁଟିରେ ଥିବା ହୋମଗାର୍ଡ ପ୍ରମୋଦ ସେଠୀ କହିଥିଲେ। ମାତ୍ର ଭସାଣିରେ ସାମିଲ ହୋଇଥିବା ଯୁବକମାନେ ଏହାକୁ ନ ମାନି ଓଲଟି ହୋମଗାର୍ଡ ପ୍ରମୋଦ ସେଠୀଙ୍କୁ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ। ଏ ସମ୍ପର୍କରେ ଆଇଆଇସିଙ୍କୁ ହୋମଗାଡର୍ ଜଣାଇଥିଲେ। ଏହାପରେ ଆଇଆଇସି ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ବେଳେ ଗ୍ରାମର କେତେଜଣ ମହିଳା ଆଇଆଇସିଙ୍କୁ ଦୁର୍ବ୍ୟବହାର କରିବାକୁ ପଛାଇ ନ ଥିଲେ। ଏହାପରେ କେତେଜଣ ଯୁବକ ଓ ଯୁବତୀ ଥାନା ସମ୍ମୁଖରେ ପାଟିତୁଣ୍ଡ କରିବାର ଶୁଣିବାକୁ ମିଳିଛି। ପୁଲିସ ପରିସ୍ଥିତି ଉପରେ କଡ଼ା ନଜର ରଖିଥିବାବେଳେ ଦଳିତ ପରିବାର ଲୋକମାନେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ବିଳମ୍ବିତ ରାତିର ସୂଚନା ଅନୁସାରେ ରଘୁନାଥପୁର ପୁଲିସ ଏହି ଘଟଣାରେ ୫ ଜଣ ମହିଳାଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଲକ୍ଷ୍ମୀପ୍ରିୟା ଦାଶ(୩୨), ଅର୍ଚ୍ଚିତା ମଲ୍ଲିକ(୨୨), ପ୍ରତିଭା ମଲ୍ଲିକ(୩୨), ସସ୍ମିତ ମଲ୍ଲିକ (୩୪), ବିମଳା ମଲ୍ଲିକ (୪୫)।

୪ ଯୁବକଙ୍କ ମୃତ୍ୟୁ ପରେ ବି ଅସୁରକ୍ଷିତ

ଡରଉଛି ଓରନାଳ ଗୋପାଳପୁର ସଫେଇ ପୋଲ

ଏରସମା,୨୦।୯ (ସମିସ)

ଗଣେଶ ଭସାଣି ବେଳେ ଓରନାଳ ଗୋପାଳପୁର ସଫେଇ ନିକଟରେ ହଂସୁଆ ନଦୀ ସଂଲଗ୍ନ ଗଭୀର ପାଣିରେ ବୁଡ଼ି ୪ ଯୁବକଙ୍କ ମୃତ୍ୟୁ ଘଟଣା ଏବେ ବି ଗ୍ରାମବାସୀଙ୍କ ମନରୁ ଲିଭିନାହିଁ। ଏହି ଅଘଟଣ ପରେ ଘଟଣାସ୍ଥଳ ନିକଟରେ ଥିବା ପୋଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ ପ୍ରଶ୍ନ ଉଠିଛି। ପୋଲର ଅବସ୍ଥା ଦେଖି ଲୋକଙ୍କ ମନରେ ଭୟ ସୃଷ୍ଟି ହେଉଥିବାବେଳେ ରାତିରେ ଏହି ପୋଲ ଦେଇ ଯାତାୟାତ କରିବାକୁ ଲୋକେ ଭୟ କରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପୋଲରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଓ ଆଲୋକୀକରଣ ନଥିବାରୁ ରାତିରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡୁଛି। ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ପୋଲ ପାର ହେବା ସମୟରେ ଭୟଭୀତ ହେଉଛନ୍ତି। ପୋଲ ଉପରେ ଆଲୋକ ନଥିବାରୁ ରାତିରେ ରାସ୍ତାର ସ୍ଥିତି ଠିକ୍ ଭାବେ ଜଣାପଡୁନାହିଁ। ଗଣେଶ ଭସାଣି ସମୟରେ ଏହି ଅଞ୍ଚଳରେ ୪ ଯୁବକଙ୍କ ଜୀବନ ଯିବା ପରେ ଘଟଣାସ୍ଥଳର ସୁରକ୍ଷାକୁ ନେଇ ଲୋକଙ୍କ ଚିନ୍ତା ଆହୁରି ବଢ଼ିଛି। ନଦୀ ଓ ଗଭୀର ଜଳାଶୟ ନିକଟରେ ଥିବା ଏହି ପୋଲରେ ଆବଶ୍ୟକ ସତର୍କତାମୂଳକ ବ୍ୟବସ୍ଥା କରାଯାଇଛି କି ନାହିଁ, ତାହା ମଧ ପ୍ରଶ୍ନବାଚୀ ହୋଇଛି। 'ସେହି ପୋଲକୁ ଦେଖିଲେ ଡର ଲାଗୁଛି। ଦିନରେ ଯାତାୟାତ କରିହେଉଛି, କିନ୍ତୁ ରାତିରେ ଏହି ରାସ୍ତା ଦେଇ ଯିବାକୁ ସାହସ ହେଉନାହିଁ,' ବୋଲି ସ୍ଥାନୀୟ କେତେକ ଯାତ୍ରୀ କହିଛନ୍ତି। ଏଭଳି ସ୍ଥିତିରେ ପୋଲର ସୁରକ୍ଷା ସ୍ଥିତି ଯାଞ୍ଚ କରି ଆବଶ୍ୟକ ମରାମତି, ସୁରକ୍ଷା ବାଡ଼ ଓ ଆଲୋକ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି। ୪ ଯୁବକଙ୍କ ମୃତ୍ୟୁ ପରେ ମଧ ଯଦି ଏହି ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା ଉପରେ ତୁରନ୍ତ ଗୁରୁତ୍ୱ ନଦିଆଯାଏ, ତେବେ ଆଗକୁ ଆଉ କୌଣସି ଅଘଟଣ ଘଟିବନି ତ ଏହି ପ୍ରଶ୍ନ ଏବେ ସ୍ଥାନୀୟ ଲୋକଙ୍କ ମନରେ।

ନଗରପାଳଙ୍କ ଗଣେଶ ପୂଜା ମଣ୍ଡପ ପରିଦର୍ଶନ

ଭୁବନ,୨୦।୯ (ସମିସ): ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଗଣେଶ ପୂଜାରେ ବିଭିନ୍ନ ପୂଜା ମଣ୍ଡପ ବୁଲି ପ୍ରଭୁ ଗଜାନନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ନଗରପାଳଙ୍କ ସମେତ ଉପାଧ୍ୟକ୍ଷା ମାନିନୀ ସାହୁ, କାଉନସିଲର ଗିରିଧାରୀ ସାହୁ, ପପୁ ସାହୁ, କଳ୍ପନା ବେହେରା, ବିଜେଡି ନେତା ନରେନ୍ଦ୍ର ସାହୁ, ଅଜୟ ସେଠୀ, ସୋମନାଥ ମହାରଣା, ଦେବେନ୍ଦ୍ର ସାହୁ, ନାରାୟଣ ନାୟକ, ବିନୋଦ ବେହେରା, ବିଶ୍ୱଜିତ୍ ବାରିକ, ସିଲୁ ନାୟକ, ପିଣ୍ଟୁ ଦାସ, ମୁରଲୀ ନାୟକ, ରାକେଶ ଆଇଚ, ଶୁଭକାନ୍ତ ବର୍ଦ୍ଧନ,ବିଳାସ ସାମଲ ଓ ବହୁ ସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା ବିଷ୍ଣୁପ୍ରିୟା ଗାଲାକ୍ସିରୁ ବାହାରି କାଳୀ ବଜାର କଲେଜ ରୋଡରେ ଗୋଲ୍ଡେନ କ୍ଲବ, ଗ୍ଲୋରିୟସ କ୍ଲବ, ନାଇସ କ୍ଲବ, ଡାଇନାମିକ୍ କ୍ଲବ, ରକ୍ ଗଣପତି କ୍ଲବ, ଡାର୍ଲିଂ କ୍ଲବ, ରୟାଲିୟନସ କ୍ଲବ, ଫ୍ରେଣ୍ଡସିପ କ୍ଲବ, ସୂର୍ଯ୍ୟାଂସ କ୍ଲବ, ଏକ୍ସାଇଟେଡ୍ କ୍ଲବ, ରିବିଲିୟନ୍ସ କ୍ଲବ, ମୁନଷ୍ଟାର କ୍ଲବ, କିଂଷ୍ଟାର କ୍ଲବ, ଡେଭିଲ କ୍ଲବ, ବ୍ରିଲିଆଣ୍ଟ କ୍ଲବ, ସ୍ପାର୍କଲର୍ କ୍ଲବ, ଗ୍ୟାଙ୍ଗଷ୍ଟର କ୍ଲବ, ୱାରିଅର କ୍ଲବ୍, ଟାଇଟେନ୍ସ କ୍ଲବ୍, ଗ୍ଲାଡିଏଟର କ୍ଲବ୍, ହଣ୍ଟର କ୍ଲବ୍‌ରେ ପ୍ରଭୁ ଗଜାନନଙ୍କ ଦର୍ଶନ କରିବା ସହ କ୍ଲବ୍ ସଦସ୍ୟଙ୍କ ସହିତ ଭାବ ବିନିମୟ କରିଥିଲେ। ଫ୍ରେଣ୍ଡସିପ କ୍ଲବ ପକ୍ଷରୁ ହାଇସ୍କୁଲ ପଡ଼ିଆରେ ବୃନ୍ଦାବନ ପ୍ରେମମନ୍ଦିରରେ ରାଧାକୃଷ୍ଣଙ୍କ ଦର୍ଶନ କରିବା ସହ ଭୁବନବାସୀଙ୍କ ସୁଖସମୃଦ୍ଧି ଓ ଭୁବନର ବିକାଶ ପାଇଁ ପ୍ରାର୍ଥନା କରିଥିଲେ।

ଫ୍ରେଣ୍ଡସିପ୍ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ଭୁବନ,୨୦।୯ (ସମିସ): ଭୁବନ ଫ୍ରେଣ୍ଡସିପ୍ କ୍ଲବ୍ ପକ୍ଷରୁ ଆୟୋଜିତ ଗଣେଶପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବ୍ ସଭାପତି ଜୀବନଜ୍ୟୋତି ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମୁଖ୍ୟବକ୍ତା ଭାବେ କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମାହାନ୍ତ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନ ତହସିଲଦାର ଜ୍ୟୋତିରୂପା ଶତପଥୀ, ଭୁବନ ଥାନା ଅଧିକାରୀ ରେଣୁବାଳା ସାହୁ ଉପସ୍ଥିତ ଥିଲେ।

ଜଗନ୍ନାଥ ସେବା ସମ୍ମାନରେ ଢେଙ୍କାନାଳର ୨ ଲେଖକ ସମ୍ମାନିତ

ଗଁଦିଆ,୨୦।୯ (ସମିସ): ଗଁଦିଆ ବ୍ଲକ ଖଙ୍କିରା ଗ୍ରାମର ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ କବି, ସମାଜସେବୀ ଅଶୋକ କୁମାର ପତି ଓ ନିହଲପ୍ରସାଦର ଲେଖକ ନିରଞ୍ଜନ ସାହୁଙ୍କୁ ଆମ ପ୍ରଣାମ ଅନୁଷ୍ଠାନର ୧୦ମ ସ୍ୱନକ୍ଷତ୍ର ଉତ୍ସବରେ କଟକସ୍ଥିତ ଶତାବ୍ଦୀ ଭବନରେ ଶ୍ରୀଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ଦେଉଳ ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର, ରାଜଗୁରୁ ପଣ୍ଡିତ ଡ. ସୁଧାଂଶୁ ରାଜଗୁରୁ, ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ସୁଆର ବଡୁ ନିଯୋଗ ସଭାପତି ବିଶ୍ୱନାଥ ସାମନ୍ତରା, କଟକ ମେୟର ସୁବାସ ସିଂ, ପୁଲିସ ଆଧୁନିକୀକରଣ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ସମାଜ ପ୍ରକାଶକ ଡ. ରାଜେନ୍ଦ୍ର ଜେନା ଉପସ୍ଥିତ ହୋଇ ଉଭୟଙ୍କୁ ସମ୍ମାନିତ କରିଥିଲେ। ଏହି ଦୁଇ ପ୍ରତିଭା ଓଡ଼ିଶାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନରୁ ବହୁବାର ପୁରସ୍କୃତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

● ଗଁଦିଆ ବ୍ଲକରେ 'ଉଲ୍ଲାସ' ପରୀକ୍ଷା

୧୬୧ କେନ୍ଦ୍ରରେ ୪୭୫୪ ପରୀକ୍ଷାର୍ଥୀ

ଗଁଦିଆ,୨୦।୯ (ସମିସ): ଗଁଦିଆ ବ୍ଲକରେ ଚଳିତ ଶିକ୍ଷାବର୍ଷର ଉଲ୍ଲାସ ନିଲ୍ସ ଅନ୍ତର୍ଗତ ଏଫ୍‌ଏଲ୍‌ଏନ୍‌ଏଟି-୧ ପରୀକ୍ଷା ଅନୁଷ୍ଠିତ ହୋଇଛି। ବ୍ଲକର ୧୬୧ ପରୀକ୍ଷା କେନ୍ଦ୍ରରେ ୪୭୫୪ ପରୀକ୍ଷାର୍ଥୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ରବିବାର ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ବ୍ଲକ ଶିକ୍ଷା ବିଭାଗ ଓ ନିଲ୍ସ ନୋଡାଲ ଅଧିକାରୀ ସତ୍ୟେନ୍ଦ୍ର କୁମାର ସାହୁ ଏବଂ ଏବିଇଓମାନେ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିଥିଲେ। ନିଲ୍ସ ଜିଲ୍ଲା ନୋଡାଲ ଅଧିକାରୀ ବ୍ରହ୍ମୋତ୍ରୀ ବିଶ୍ୱାଳ ଏବଂ ଏଲିମେଣ୍ଟାରୀ ଶିକ୍ଷା ଡେପୁଟି ଡାଇରେକ୍ଟର ସଙ୍ଗୀତା ପଣ୍ଡା ଶ୍ରୀ ଚନ୍ଦ୍ରଶେଖରଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ଅଚାନକ ପରିଦର୍ଶନ କରିଥିଲେ। ସେଠାରେ ପ୍ରାୟ ୩୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ଦେଖି ସେମାନେ ସନ୍ତୋଷ ପ୍ରକାଶ କରିବା ସହ ଉତ୍ତର ଖାତା ଯାଞ୍ଚ କରିଥିଲେ।

ମହାବୀର ଷ୍ଟୋନ କ୍ରସରରେ ଦୁର୍ଘଟଣା

ବିଦ୍ୟୁତ ସଂସ୍ପର୍ଶରେ ଅପରେଟରଙ୍କ ମୃତ୍ୟୁ

ଓଡ଼ାପଡ଼ା,୨୦।୯ (ସମିସ)

ଓଡ଼ାପଡ଼ା ବ୍ଲକ ମହାବୀର ଷ୍ଟୋନ କ୍ରସରରେ ବିଦ୍ୟୁତ ଆଘାତରେ କାର୍ଯ୍ୟରତ ଅପରେଟରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ସିମିନଇ ପଞ୍ଚାୟତର ମୂଳିସିଂ ଗ୍ରାମର ଯଦୁମଣି ପଟ୍ଟନାୟକ। ତେବେ ଏହି ସମ୍ବେଦନଶୀଳ ଘଟଣାକୁ ଚପାଇଦେବା ପାଇଁ କ୍ରସର କର୍ତ୍ତୃପକ୍ଷ ଓ କିଛି ପ୍ରଭାବଶାଳୀ ଗୋଷ୍ଠୀ ଉଦ୍ୟମ ଚଳାଇଥିବା ଗ୍ରାମବାସୀ ଏବଂ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଯଦୁମଣି ପ୍ରତିଦିନ ଭଳି ଉକ୍ତ କ୍ରସରରେ କାର୍ଯ୍ୟରତ ଥିଲେ। ରବିବାର ସକାଳେ କାମ କରୁଥିବା ସମୟରେ ହଠାତ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ କ୍ରସର ମେସିନରେ ବିଦ୍ୟୁତ ସର୍ଟ ସର୍କିଟ ହୋଇଥିଲା। ବିଦ୍ୟୁତ ସଂସ୍ପର୍ଶରେ ଘଟଣାସ୍ଥଳରେ ଯଦୁମଣିଙ୍କ ମୃତ୍ୟୁ ଘଟିଥିଲା। କ୍ରସର କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟ ନିଆଯାଇଥିବା ବେଳେ ଏ ନେଇ ପରିବାର ଲୋକଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। କ୍ରସରରେ ସୁରକ୍ଷା ବ୍ୟବସ୍ଥାର ଚରମ ଅବହେଳା ଯୋଗୁଁ ହିଁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ଭାବେ କୁହାଯାଉଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। କ୍ରସର ମାଲିକ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦେବାରୁ ବର୍ତ୍ତିବା ପାଇଁ ମାମଲାକୁ ରଫାଦଫା କରିବାକୁ ଚେଷ୍ଟା କରୁଥିବା ଆଲୋଚନା ହେଉଛି। ଶ୍ରମିକଙ୍କ ସୁରକ୍ଷା ନେଇ କ୍ରସରରେ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବା ବେଳେ ପ୍ରଶାସନିକ ଚାପ ପ୍ରୟୋଗ କରି ଘଟଣା ଉପରେ ପରଦା ପକାଇବାକୁ ଯୋଜନା ଚାଲିଥିବା ଅଭିଯୋଗ ହୋଇଛି। ମୃତକଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ଓ କ୍ଷତିପୂରଣ ପ୍ରଦାନ ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ହିନ୍ଦୋଳ ଏନଏସି ବିଜେଡିର ସାଙ୍ଗଠନିକ ବୈଠକ

ଖଜୁରିଆକଟା,୨୦।୯ (ସମିସ): ହିନ୍ଦୋଳ ଏନ୍‌ଏସି ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ଏନଏସିସ୍ଥିତ ମା' ରଙ୍କେଇ ପୀଠରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପୂର୍ବତନ ସାଂସଦ ସାହୁ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଦଳର ସର୍ବୋଚ୍ଚ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ, ଐତିହାସିକ ବିକାଶମୂଳକ କାର୍ଯ୍ୟ, ଦଳୀୟ ସଂଗଠନ, ଶୃଙ୍ଖଳା ତଥା ଆଗକୁ କିପରି ଦଳ ସୁସଂଗଠିତ ହେବ ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଦଳୀୟ ଅନୁଶାସନରେ ଚାଲିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ନାୟକ ବିଜୁ ପରିବାରର ସମସ୍ତ ସଦସ୍ୟ ଏକଜୁଟ ହୋଇ ଦଳକୁ ପୁଣି କ୍ଷମତାକୁ ଆଣିବାକୁ ଆହ୍ୱାନ ଦେଇଥିଲେ। ସେହିପରି ହିନ୍ଦୋଳ ଓ ଓଡ଼ାପଡ଼ା ବ୍ଲକ କାର୍ଯ୍ୟକର୍ତ୍ତାମାନଙ୍କୁ ମା' ସୁକିଆବାଉତି ପୀଠରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା ସଭାପତିତ୍ୱ କରିଥିବାବେଳେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ନାୟକ ସଭା ପରିଚାଳନା କରିଥିଲେ। ସମିତି ସଭ୍ୟ ହେମନ୍ତ ସାହୁ, ରାଜ୍ୟ ମହିଳା ସମ୍ପାଦକ ମମତା ସାହୁ, ଓଡ଼ାପଡ଼ା ବ୍ଲକ ସଭାପତି ଯତି ନାୟକ, ହିନ୍ଦୋଳ ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ମହିଳା ସଭାପତି ଯୋଗମାୟା ଗଡ଼ନାୟକ, ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା, କାଉନସିଲର ଅନୁପମା ସାହୁ, ବିଷ୍ଣୁପ୍ରିୟା ନାଏକ, ସୁମତି ଦେହୁରୀ, ରୀତାରାଣୀ ବେହେରା, ଶୁଭଲକ୍ଷ୍ମୀ ଦେହୁରୀ, ବିଜୟ ପ୍ରଧାନ, ପୂର୍ବତନ କାଉନସିଲର ପ୍ରଦୀପ ବେହେରା, ରମେଶ ସାହୁ, ପଳଉ ଦେହୁରୀ, ପଙ୍କଜ ଦେହୁରୀ, ପୂର୍ବତନ ସମିତି ସଭ୍ୟ ବୁଦ୍ଧିଆ ନାଏକ, ହିନ୍ଦୋଳ ଓକିଲ ସଙ୍ଘ ସଭାପତି ସୁଶୀଲ ଗଡ଼ନାୟକ, ଏନଏସି ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାଠି, ବିଜୟ ବେହେରା, ସମ୍ପାଦକ ସିରାଜ ମହମଦ, ସହଦେବ ପ୍ରଧାନ, ବ୍ଲକ ଯୁବ ସଭାପତି ମିଳନ ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଚକ୍ରଧର ଦାସ, ସୁଶାନ୍ତ ବେହେରା, ହାପି ଗଡ଼ନାୟକ, ଯୁବନେତା ସୁଶୀଲ ସାମଲ, କର୍ମୀ କୈଳାସ ବେହେରା, ଦୁର୍ଗାପ୍ରସାଦ ସର, ଗୋବିନ୍ଦ ମିଶ୍ର, ରାମଚନ୍ଦ୍ର ନାଏକ, ହିମାଂଶୁ ମିଶ୍ର, ସୁଧାକର ବେହେରା ପ୍ରମୁଖ ଯୋଗଦେଇଥିଲେ।

ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ଢେଙ୍କାନାଳ,୨୦।୯ (ସମିସ): ଢେଙ୍କାନାଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ପୂର୍ବରୁ ଦଳୀୟ ପତାକା ଉତ୍ତୋଳନ କରାଯାଇ ବୈଠକର ଶୁଭାରମ୍ଭ କରାଯାଇଥିଲା। ଏହି ବୈଠକରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ରପାତ୍ରଙ୍କ ସହିତ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପୌରାଧ୍ୟକ୍ଷା ଜୟନ୍ତି ପାତ୍ର, ଜିଲ୍ଲା ସଭାପତିଙ୍କ ସହିତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ବୈଠକରେ ମୁଖ୍ୟତଃ ଆସନ୍ତା ପୌରନିର୍ବାଚନ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସହିତ ସମବାୟ ନିର୍ବାଚନ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ ଏହା ହେଉଛି ଆମର ନିୟମିତ କାର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ପରେ ଜିଲ୍ଲାର ହୋଇଥାଏ। ଏହି ବୈଠକରେ ପଞ୍ଚାୟତ, ପୌର ଓ ସମବାୟ ନିର୍ବାଚନ ଉପରେ ଆଲୋଚନା ହେବା ସହିତ ବିକାଶ ଉପରେ ଆଲୋଚନା ହୋଇଥିଲା।

ହମ୍ପ୍‌ସ ହଟାଇବାକୁ ଗ୍ରାମବାସୀଙ୍କ ଦାବି

ଭୁବନ,୨୦।୯ (ସମିସ): ଭୁବନ କାଳୀବଜାରଠାରୁ ମୁଖ୍ୟ ରାସ୍ତା ଦେଇ ଢେଙ୍କାନାଳ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ନିର୍ମାଣ ହୋଇଥିବା ହମ୍ପ୍‌ସ ଏବେ ଲୋକଙ୍କ ପାଇଁ ବିପଦର କାରଣ ପାଲଟିଛି। ହମ୍ପ୍‌ସ ଯୋଗୁଁ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ହମ୍ପ୍‌ସ ନିର୍ମାଣ ହୋଇଥିଲେ ମଧ୍ୟ ସୂଚନା ଫଳକ କିମ୍ବା ଆବଶ୍ୟକ ସତର୍କତାମୂଳକ ଚିହ୍ନ ଲଗାଯାଇନାହିଁ। ଫଳରେ ରାତିରେ ଯାତାୟାତ କରୁଥିବା ଦୁଇଚକିଆ ଓ ଚାରିଚକିଆ ଯାନ ଚାଳକମାନେ ହଠାତ୍ ହମ୍ପ୍‌ସ ଦେଖି ଅସୁବିଧାରେ ପଡୁଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ସମ୍ପୃକ୍ତ ବିଭାଗକୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ବଡ଼ ଦୁର୍ଘଟଣା ଘଟିବା ପରେ ପଦକ୍ଷେପ ନେବା ବଦଳରେ ଆଗୁଆ ସୁରକ୍ଷା ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ବେଆଇନ ହମ୍ପ୍‌ଗୁଡ଼ିକୁ ହଟାଇବା ସହ ନିୟମ ଅନୁଯାୟୀ ହମ୍ପ୍‌ସ ନିର୍ମାଣ ଏବଂ ସୂଚନା ଫଳକ ଲଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଯୋଗ ଉତ୍ସବ ଓ ସଚେତନତା ଶୋଭାଯାତ୍ରା

ଢେଙ୍କାନାଳ,୨୦।୯ (ସମିସ): ଭାରତୀୟ ଯୋଗ ସଂସ୍ଥାନ, କପିଳାସ ଯୋଗ ଜିଲ୍ଲା ତରଫରୁ ଯୋଗ ଉତ୍ସବ ଅବସରରେ ପ୍ରଭାତଫେରି ସହ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଛି। ଢେଙ୍କାନାଳର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରୁ କପିଳାସ ଯୋଗ ଜିଲ୍ଲା ପ୍ରଧାନ ରଘୁନାଥ ତ୍ରିପାଠୀ, ଜିଲ୍ଲାମନ୍ତ୍ରୀ ଡ. ଧର୍ମାନନ୍ଦ ପୃଷ୍ଟି, ଜିଲ୍ଲା ସଂଗଠନ ମନ୍ତ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ ଆଜ୍ଞାମାଳ ଆଣିବା ପରେ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରା ଆରମ୍ଭ କରିଥିଲେ। ବଜରଙ୍ଗ ଯୋଗକେନ୍ଦ୍ରର କେନ୍ଦ୍ରପ୍ରମୁଖ ସ୍ନେହମୟୀ ଓ ଇନ୍ଦିରା ଦେବତା ଭଜନ ପରିବେଷଣ କରିଥିଲେ। କୈବଲ୍ୟ କ୍ଷେତ୍ର, ଶ୍ରୀ ଜଗନ୍ନାଥ କ୍ଷେତ୍ର, ବଳରାମ କ୍ଷେତ୍ରର କ୍ଷେତ୍ର ପ୍ରଧାନ, କ୍ଷେତ୍ର ମନ୍ତ୍ରୀ, କ୍ଷେତ୍ର ସଂଗଠନ ମନ୍ତ୍ରୀମାନେ ଶୋଭାଯାତ୍ରା ପରିଚାଳନା କରିଥିଲେ। ଶରତ ଲେଙ୍କା, ଅଭିମନ୍ୟୁ ହୋତା ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ଯୋଗର ଉପକାରିତା ସମ୍ପର୍କରେ ସଚେତନ କରିଥିଲେ। ଶୋଭାଯାତ୍ରା ମହିଳା ମହାବିଦ୍ୟାଳୟ, ପରିବାହାଟ, ମୁଖ୍ୟ ଡାକଘର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ହନୁମାନ ବାଟିକା, ଷ୍ଟାଡିୟମ, କଚେରୀ ରୋଡ୍, ରାଜନଗର ଦେଇ ବଳରାମମନ୍ଦିରକୁ ଫେରିଥିଲା।

● ପାରିବାରିକ କଳହର କରୁଣ ପରିଣତି

ସ୍ତ୍ରୀକୁ ହତ୍ୟାକରି ସ୍ୱାମୀର ଆତ୍ମହତ୍ୟା !

ପରଜଙ୍ଗ,୨୦।୯ (ସମିସ): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଆଖୁଆପାଳ ପଞ୍ଚାୟତ କୋଲନୀ-୩ରେ ଦମ୍ପତିଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ହେଲେ ମିଥୁନ ନାଏକ ଓ ତାଙ୍କ ସ୍ତ୍ରୀ ରଶ୍ମିତା ନାଏକ। ମିଥୁନ ଓ ରଶ୍ମିତାଙ୍କ ମଧ୍ୟରେ ଶନିବାର ରାତିରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ମିଥୁନଙ୍କ ମାଡ଼ରେ ରଶ୍ମିତାଙ୍କ ମୃତ୍ୟୁ ଘଟିଥିବା ବେଳେ ଏକ ଘରେ ମୃତଦେହ ରଖିଦେଇ ଘର ନିକଟ ଗଛରେ ଝୁଲି ମିଥୁନ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ କାମାକ୍ଷାନଗର ଏସ୍‌ଡିପିଓ ଚିତ୍ତରଞ୍ଜନ ବେହେରା, ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁ ଓ ପୁଲିସ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ସାଇଣ୍ଟିଫିକ ଦଳ ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଛି। ମିଥୁନ ତାଙ୍କ ତିନି ସନ୍ତାନଙ୍କୁ ଏକ ଘରେ କବାଟ ଦେଇ ଏପରି କାଣ୍ଡ ଘଟାଇଥିବା ସେମାନେ କହିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି।

କୁସ୍ତି ପ୍ରତିଯୋଗିତାରେ ସାଇପ୍ରିୟା ପ୍ରଥମ

ଢେଙ୍କାନାଳ,୨୦।୯ (ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ବାରବାଟୀଠାରେ ୭୦ତମ ରାଜ୍ୟ ବିଦ୍ୟାଳୟସ୍ତରୀୟ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ୨୨ ଜଣ ବାଳକ ବାଳିକା, ୧୪ ଓ ୧୭ ବର୍ଷରୁ କମ୍ ବର୍ଗରେ ଅଂଶଗ୍ରହଣ କରିଥିଲେ। ବୈଷ୍ଣବୀ ନାୟକ ୩୩ କେଜି, ସୁସ୍ମିତା ପୃଷ୍ଟି ୩୯ କେଜି, ସାଇପ୍ରିୟା ନାୟକ ୪୦ କେଜି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୪୨ କିଲୋ ବର୍ଗରେ ମାନସୀ ଦେହୁରୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ ଛାତ୍ରୀ ଉଦୟନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଅଟନ୍ତି। ସାନ୍ଧ୍ୟ ମହାବିଦ୍ୟାଳୟର ଶୁଭମ୍ ମହାଭୋଇ ୮୦ କେଜି ବର୍ଗରେ ଦିତୀୟ ସ୍ଥାନ ଅଧିକାର କରିଥିବା କୋଚ୍ ଆର୍ଯ୍ୟ ପଟ୍ଟନାୟକ କହିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ପଟ୍ଟନାୟକ ପିଲାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅସନ୍ତା ମାସ ଦିଲ୍ଲୀରେ ହେବାକୁ ଥିବା ଆନ୍ତଃ ରାଜ୍ୟ କୁସ୍ତି ଚାମ୍ପିୟନସିପ୍‌ରେ କୃତିତ୍ୱ ଅର୍ଜନ କରିଥିବା ୩ ବାଳିକା ଅଂଶଗ୍ରହଣ କରିବେ।

ଯୌତୁକ ବାବଦ ସୁନାଗହଣା ଫେରସ୍ତ ନିମନ୍ତେ ମହିଳାଙ୍କ ଦାବି

ହିନ୍ଦୋଳ,୨୦।୯ (ସମିସ): ଓଡ଼ାପଡ଼ା ବ୍ଲକ କାଶିଆଡିହି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ଯୌତୁକ ବାବଦ ପ୍ରଦାନ କରାଯାଇଥିବା ସୁନା ଅଳଙ୍କାର ନ ଫେରାଇ ଆସବାବପତ୍ର ପ୍ରଦାନ କରିଥିବା ଘଟଣାକୁ ନେଇ ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି। ମୋଟଙ୍ଗା ଥାନା ଉପରବାଘଲୁଣ୍ଡା ଗ୍ରାମର ଅଙ୍କିତା ବେହେରା ସଦର ଥାନା କାଶିଆଡିହି ଗ୍ରାମର ଗିରିଧାରୀ ଦଳେଇଙ୍କ ପୁଅ ଚିତ୍ରସେନଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଚିତ୍ରସେନ ଅଙ୍କିତାଙ୍କୁ ନିର୍ଯାତନା ଦେଇ ଆସୁଥିବା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଚିତ୍ରସେନଙ୍କ ଘରକୁ ଯାଇ ଅଙ୍କିତାଙ୍କ ଉପସ୍ଥିତିରେ ବିବାହ ସମୟରେ ଆଣିଥିବା ଆସବାବପତ୍ର ବାହାର କରି ଅଙ୍କିତାଙ୍କୁ ହସ୍ତାନ୍ତର କରିଥିଲା। କିନ୍ତୁ ଅଙ୍କିତାଙ୍କ ସୁନା ଅଳଙ୍କାର କିଛି ନ ଦେଇ ତାଙ୍କୁ ପୁଲିସ ଠକି ଦେଇଥିବା ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ଚିତ୍ରସେନ ଜଣେ ଇଞ୍ଜିନିୟର ଓ ସେ ଏନ୍‌ଟିପିସିରେ ଚାକିରି କରୁଛନ୍ତି। ତାଙ୍କର ଦୁଇଟି ନାବାଳକ ରହିଛନ୍ତି। ସେମାନଙ୍କ ଭରଣପୋଷଣ କିପରି କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏ ସମ୍ପର୍କରେ ସେ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି କହିଛନ୍ତି।

୧ ଲକ୍ଷ ୧୦ ହଜାରରେ ଆଜ୍ଞାଲଡୁ ନିଲାମ

ଢେଙ୍କାନାଳ,୨୦।୯ (ସମିସ): ସ୍ଥାନୀୟ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ୧ ଲକ୍ଷ ୧୦ ହଜାର ଟଙ୍କାରେ ଆଜ୍ଞାଲଡୁ ନିଲାମ କରାଯାଇଛି। କାରିଗର ସାହି ବାସିନ୍ଦା ଦେବାନନ୍ଦ ସାହୁଙ୍କ ୩ ବର୍ଷର ଝିଅ ଦେବିଶା ସାହୁଙ୍କ ଜନ୍ମଦିନ ଅବସରରେ ଏହି ଆଜ୍ଞାଲଡୁ ନିଲାମ ନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ତହସିଲଦାର ସ୍ୱାଧୀନ ବେହେରା, ସମ୍ମାନିତ ଅତିଥି ଭାବେ ଗଣେଶ ପୂଜା ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସୁଧାଂଶୁ କୁମାର ଦଳେଇ, ସମ୍ପାଦକ ସୁଶୀଲ ଗୋଚ୍ଛାୟତ, ସହସମ୍ପାଦକ ବିଶ୍ୱରଞ୍ଜନ ଓଝା, ଗଣେଶ ବଜାର ପୂଜା ପ୍ରତିଷ୍ଠାନ ସଭାପତି ସଞ୍ଜୀବ ବେହେରା, ସମ୍ପାଦକ ଏମଡି ରଫିକ, ବରିଷ୍ଠ ସଭ୍ୟ ଶେଖ ହୁସେନ, ବସନ୍ତ ସାହୁ, ଶରତ ସାହୁ, ବିଶ୍ୱନାଥ ବେହେରା, ଶ୍ରୀକାନ୍ତ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମହିମା ସ୍ୱାମୀଙ୍କ ସାଧନା ପୀଠ ତପୋବନରେ ଐତିହ୍ୟ ପଦଯାତ୍ରା

ଢେଙ୍କାନାଳ,୨୦।୯ (ସମିସ)

ମହିମା ଧର୍ମର ପ୍ରତିଷ୍ଠାତା ମହିମା ସ୍ୱାମୀଙ୍କ ତପସ୍ୟାସ୍ଥଳୀ ତପୋବନ ପୀଠରେ ରବିବାର ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୪୧ତମ ସଂସ୍କରଣ ଅନୁଷ୍ଠିତ ହୋଇଛି। ଏହି ଅବସରରେ ତପୋବନ ମହିମା ଆଶ୍ରମ ମୁଖ୍ୟ ଶ୍ରୀମଦ ରଘୁନାଥ ବାବା ତପୋବନ ମହିମା ଆଶ୍ରମ ସମ୍ପର୍କରେ ପଦଯାତ୍ରୀଙ୍କୁ ସବିଶେଷ ତଥ୍ୟ ଦେବା ସହ ଆଶ୍ରମର ବିଭିନ୍ନ ପର୍ବପର୍ବାଣି ସମ୍ପର୍କରେ ସୂଚନା ଦେଇଥିଲେ। ଉତ୍କଳ ମାଟିର ଏକମାତ୍ର ନିଜସ୍ୱ ଧର୍ମ ହେଉଛି ମହିମା ଧର୍ମ। ଉନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଶୂନ୍ୟ ଉପାସନାର ଏକ ନବ୍ୟ ଧାରାକୁ ଆଧାର କରି ସୃଷ୍ଟି ହୋଇଥିଲା ମହିମା ଧର୍ମ। ଏକ କଳୁଷମୁକ୍ତ, ଜାତି ଅଜାତି, ଉଚ୍ଚନୀଚ ଭେଦଭାବବିହୀନ, ସହାବସ୍ଥାନ ମୂଳକ ସମାଜ ଗଠନ ମାଧ୍ୟମରେ ଗୋଟିଏ ଶୁଦ୍ଧ ବ୍ରହ୍ମୈକବାଦର ପରିକଳ୍ପନାକୁ ନେଇ ଏ ଧର୍ମ ପ୍ରସାରିତ ହୋଇଥିଲା। ଧର୍ମର ପ୍ରବକ୍ତା ମହିମା ସ୍ୱାମୀ ୧୮୨୬ରେ ପୁରୀରେ ଆବିର୍ଭୂତ ହୋଇ କିଛିବର୍ଷ ନିଜର ନୂତନ ମତବାଦ ସମ୍ପର୍କରେ ସଚେତନତା ସୃଷ୍ଟି କରି ୧୮୩୮ରେ ଢେଙ୍କାନାଳ କପିଳାସ ପର୍ବତମାଳାର ଏହି ମନୋରମ ପ୍ରକୃତି କୋଳରେ ଆରମ୍ଭ କଲେ ସାଧନା। ଦୀର୍ଘ ୨୪ ବର୍ଷ ସାଧନା ପରେ ସିଦ୍ଧି ପ୍ରାପ୍ତହୋଇ ସେ ୧୮୬୨ରେ ପ୍ରଚାର କଲେ ମହିମା ଧର୍ମ। ସାଧନାର ପ୍ରଥମ ୧୨ ବର୍ଷ ପର୍ବତ ପାଦଦେଶରେ ଥିବା କାଦୁଆ ଗ୍ରାମର ସଦାନନ୍ଦ ଶବର ମହିମା ସ୍ୱାମୀଙ୍କୁ ଆହାର ନିମନ୍ତେ ଫଳ ଯୋଗାଇ ଦେଉଥିଲେ ଓ ଶେଷ ୧୨ବର୍ଷ ଢେଙ୍କାନାଳର ତତ୍କାଳୀନ ରାଜା ଗୋଦୁଗ୍ଧ ଯୋଗାଇ ଦେଇଥିଲେ ବୋଲି ରଘୁନାଥ ବାବା ପ୍ରକାଶ କରିଥିଲେ। ପୁନଶ୍ଚ ଅଚ୍ୟୁତାନନ୍ଦଙ୍କ ମାଳିକା, ଶ୍ରୀଧର ସ୍ୱାମୀଙ୍କ ଟୀକା, ଭୀମ ଭୋଇଙ୍କ ବିଭିନ୍ନ ରଚନା ଆଧାରଗୁଡ଼ିକୁ ବ୍ୟାପକ ତର୍ଜମା କରି ଶ୍ରୀମଦ୍ ରଘୁନାଥ ବାବା ଓ ଅନେକ ବିଜ୍ଞ ଗବେଷକଙ୍କ ସହଯୋଗରେ ଏହି ସ୍ଥାନକୁ ମହିମା ସ୍ୱାମୀଙ୍କ ତପସ୍ୟା କ୍ଷେତ୍ର ଭାବେ ଚିହ୍ନଟ କରାଯାଇ ୧୯୮୧ରେ ଏଠାରେ ଅଖଣ୍ଡ ବତି ମନ୍ଦିର ଓ ଆଶ୍ରମ ପ୍ରତିଷ୍ଠା କରାଯାଇଛି ବୋଲି ପ୍ରକାଶ କରିଥିଲେ। ମହିମା ଧର୍ମ କେବଳ ଢେଙ୍କାନାଳ ନୁହେଁ, ଓଡ଼ିଶାର ଗର୍ବ ଓ ଗୌରବ। ମାତ୍ର ପୀଠକୁ ଗମନାଗମନ ପାଇଁ ପକ୍କା ସଡ଼କ ନାହିଁ। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ରାଜନୈତିକ ବ୍ୟକ୍ତିବିଶେଷ ସାମାନ୍ୟ ଧ୍ୟାନ ଦେଲେ ଏତେବଡ଼ ପବିତ୍ର ପୀଠର ପ୍ରଚାର ପ୍ରସାର ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଥିଲା। ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ପ୍ରଫେସର ଦୁର୍ଗାଚରଣ ବିଶ୍ୱାଳ, ରମେଶ ପତି, ବଦ୍ରିନାଥ ଜେନା, ପଦ୍ମନାଭ ଲେଙ୍କା, ଅକ୍ଷୟ ଦାସ, ଜନ୍ମେଜୟ ରାଉତ, ସୁଜିତ ଦେବତା, ଜ୍ଞାନରଞ୍ଜନ ପ୍ରଧାନ, ନାରାୟଣ ପଟ୍ଟନାୟକ, ନରହରି ମହାନ୍ତ, ରସାଇ ମୁଣ୍ଡା ଓ ଅଶୋକ ପ୍ରଧାନ ପ୍ରମୁଖ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। ତପୋବନ ପରିଚାଳନା ଟ୍ରଷ୍ଟ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବଦଳୁଛି ପାଣିପାଗ

ଉପକୂଳରେ ଜଳପ୍ରଳୟ, ଦକ୍ଷିଣରେ ଭଣ୍ଡାର ଖାଲି

ଜଳ ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ, ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୦।୯ (ସମିସ): ବିଶ୍ୱ ଜଳବାୟୁ ପରିବର୍ତ୍ତନର ନୂଆ ଚିତ୍ର ଏବେ ଜଳ ସଙ୍କଟର ଦୁଇଟି ବିପରୀତ ରୂପରେ ସାମ୍ନାକୁ ଆସିଛି। କେଉଁଠି ଅତ୍ୟଧିକ ବର୍ଷା ଓ ବନ୍ୟା ତ ଆଉ କେଉଁଠି ବର୍ଷା ଅଭାବ ଓ ଜଳସଙ୍କଟ। ଚଳିତ ବର୍ଷର ଏଲ୍‌ନିନୋ ଘଟଣା ଆହୁରି ତୀବ୍ର ହେବା ଆଶଙ୍କା ଥିବା ଏବଂ ଏହା ୨୦୨୭ ଫେବୃଆରୀ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ବିଶ୍ୱ ପାଣିପାଗ ସଂଗଠନ ଆକଳନ କରିଛି। ଏହାର ପ୍ରଭାବ ଓଡିଶାର ଜଳ ପରିଚାଳନାକୁ ନେଇ ମଧ୍ୟ ଚିନ୍ତା ବଢ଼ାଇଛି। ରାଜ୍ୟର ଉପକୂଳ ଅଞ୍ଚଳରେ ବାରମ୍ବାର ବନ୍ୟା ଓ ଜଳବନ୍ଦୀ ସ୍ଥିତି ଦେଖାଯାଉଥିବାବେଳେ ଦକ୍ଷିଣ ଓଡିଶାର କେତେକ ଅଞ୍ଚଳରେ ଜଳଭଣ୍ଡାରରେ ଆବଶ୍ୟକ ପରିମାଣର ପାଣି ନଥିବା ଚିନ୍ତାର କାରଣ ପାଲଟିଛି। ବିଶେଷକରି ମାଲକାନଗିରି, କୋରାପୁଟ ଓ କଳାହାଣ୍ଡି ଅଞ୍ଚଳରେ ଜଳାଶୟଗୁଡିକର ଜଳସ୍ତର ଉପରେ ବର୍ଷା ଅଭାବର ପ୍ରଭାବ ପଡ଼ିଛି।

କୋରାପୁଟର ଅପର କୋଲାବ ଜଳଭଣ୍ଡାର ଏହାର ଏକ ଉଦାହରଣ। ସେପ୍ଟେମ୍ବର ୧୬ର ରିପୋର୍ଟ ଅନୁସାରେ ଜଳଭଣ୍ଡାରରେ ଲାଇଭ୍ ଷ୍ଟୋରେଜ୍ କ୍ଷମତାର ପ୍ରାୟ ୫୩.୧୩ ପ୍ରତିଶତ ପାଣି ଥିଲା, ଯାହା ଗତବର୍ଷର ସମାନ ସମୟର ପ୍ରାୟ ୮୦.୪୬ ପ୍ରତିଶତ ତୁଳନାରେ ଯଥେଷ୍ଟ କମ୍। କ୍ୟାଚ୍‌ମେଣ୍ଟ ଅଞ୍ଚଳରେ ବର୍ଷା ଅଭାବ ଯୋଗୁଁ ଜଳଭଣ୍ଡାରକୁ ଜଳ ପ୍ରବାହ ମଧ୍ୟ ପ୍ରଭାବିତ ହୋଇଛି। ଜଳ ଅଭାବର ସିଧାସଳଖ ପ୍ରଭାବ ପଡୁଛି ଜଳବିଦ୍ୟୁତ ଉତ୍ପାଦନ ଉପରେ। ରାଜ୍ୟର ବାଲିମେଳା, ଅପର କୋଲାବ, ଅପର ଇନ୍ଦ୍ରାବତୀ, ରେଙ୍ଗାଲି ଓ ହୀରାକୁଦ ଭଳି ପ୍ରମୁଖ ଜଳବିଦ୍ୟୁତ ପ୍ରକଳ୍ପଗୁଡିକର ଉତ୍ପାଦନ ଜଳ ଉପଲବ୍ଧତା ସହ ସିଧାସଳଖ ଭାବେ ଜଡିତ। ଓଡିଶା ହାଇଡ୍ରୋ ପାୱାର କର୍ପୋରେସନ୍‌ର ତଥ୍ୟରେ ବାଲିମେଳା, ରେଙ୍ଗାଲି, ଅପର କୋଲାବ ଓ ଅପର ଇନ୍ଦ୍ରାବତୀ ସମେତ ଏକାଧିକ ଜଳବିଦ୍ୟୁତ ପ୍ରକଳ୍ପ ରାଜ୍ୟର ବିଦ୍ୟୁତ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଦର୍ଶାଯାଇଛି।

ଅନ୍ୟପକ୍ଷରେ, ଉପକୂଳ ଓଡିଶାର ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଭଳି ଜିଲ୍ଲାରେ ବନ୍ୟା ସ୍ଥିତି ଦେଖାଦେଉଛି। ଅର୍ଥାତ୍? ରାଜ୍ୟର ଗୋଟିଏ ଅଞ୍ଚଳରେ ଅତିରିକ୍ତ ଜଳ ସମସ୍ୟା ସୃଷ୍ଟି କରୁଥିବାବେଳେ ଅନ୍ୟ ଅଞ୍ଚଳରେ ଆବଶ୍ୟକ ଜଳ ମିଳୁନାହିଁ। ଏହି ବିପରୀତ ଚିତ୍ର ଭବିଷ୍ୟତର ଜଳ ପରିଚାଳନା ପାଇଁ ବଡ ଚ୍ୟାଲେଞ୍ଜ ହୋଇପାରେ। ଏଭଳି ପରିସ୍ଥିତିରେ ବର୍ଷାଜଳ ସଂରକ୍ଷଣ ଉପରେ ଏବେଠାରୁ ଗୁରୁତ୍ୱ ଦେବା ଜରୁରୀ। ବର୍ଷାଦିନେ ଅତିରିକ୍ତ ଜଳକୁ ନଷ୍ଟ ହେବାକୁ ନଦେଇ ଜଳଭଣ୍ଡାର, ଛୋଟ ଜଳାଶୟ ଓ ବର୍ଷାଜଳ ଅମଳ ବ୍ୟବସ୍ଥା ମାଧ୍ୟମରେ ସଂରକ୍ଷଣ କରିପାରିଲେ ଖରାଦିନର ଜଳସଙ୍କଟକୁ କିଛି ମାତ୍ରାରେ ମୁକାବିଲା କରିହେବ। ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନ ନିୟନ୍ତ୍ରଣ ସହ ସହରାଞ୍ଚଳରେ ରେନ୍‌ୱାଟର ହାର୍ଭେଷ୍ଟିଂକୁ ଅଧିକ ପ୍ରଭାବୀ କରିବା ଉପରେ ବିଶେଷଜ୍ଞମାନେ ଜୋର ଦେଉଛନ୍ତି। ରାଜ୍ୟ ସରକାର ମଧ୍ୟ ଅତିରିକ୍ତ ବର୍ଷାଜଳ ସଂରକ୍ଷଣ ପାଇଁ ଜଳସମ୍ପଦ ବିଭାଗ ସହ ଆଲୋଚନା କରି ସ୍ୱତନ୍ତ୍ର ଯୋଜନା କରିବା ଉପରେ ବିଚାର କରୁଛନ୍ତି। ନଦୀରେ ପଟୁ ଓ ବାଲି ଜମା ହୋଇ ଜଳପ୍ରବାହ ବାଧାପ୍ରାପ୍ତ ହେଉଥିବା ସ୍ଥାନରେ ଆବଶ୍ୟକ ପଦକ୍ଷେପ ସହ ନଦୀକୂଳରେ ଜଳ ସଂରକ୍ଷଣର ସୁଯୋଗ ଖୋଜାଯିବାର ଆବଶ୍ୟକତା ରହିଛି।

ଅଖିଳ ଭାରତୀୟ ଛାତ୍ର ଓ ଯୁବ ସଂଘର ଭୁବନେଶ୍ୱର ଚାଲ ଡକରା

ଶିକ୍ଷା ଓ ନିଯୁକ୍ତି ଦାବିରେ ୨୫ରେ ବିଧାନସଭା ଘେରାଉ

ଭୁବନେଶ୍ୱର, ୨୦।୯ (ସମିସ): ରାଜ୍ୟର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଓ ନିଯୁକ୍ତି ଦାବିରେ ଅଖିଳ ଭାରତୀୟ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ଓ ଅଖିଳ ଭାରତୀୟ ଯୁବ ସଂଘ (ଏଆଇୱାଇଏଫ୍) ପକ୍ଷରୁ ଆସନ୍ତା ୨୫ରେ ବିଧାନସଭା ଘେରାଉ କରାଯିବ। ଏହାକୁ ସଫଳ କରିବା ପାଇଁ ସମଗ୍ର ରାଜ୍ୟର ଯୁବଛାତ୍ରମାନଙ୍କୁ "ଭୁବନେଶ୍ୱର ଚାଲ' ଡାକରା ଦିଆଯାଇଛି। ଏଆଇଏସ୍‌ଏଫ୍ ରାଜ୍ୟ ସଭାନେତ୍ରୀ ସଙ୍ଘମିତ୍ରା ଜେନା ଓ ଏଆଇୱାଇଏଫ୍ ରାଜ୍ୟ ସମ୍ପାଦକ କାମଦେବ ନାହାକ

ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନର ତାରିଖ ଘୋଷଣା, ସେଲ୍ଫ୍ ଫାଇନାନ୍ସିଂ କୋର୍ସକୁ ନିୟମିତ କରିବା, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ସହ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା, ଛାତ୍ରଛାତ୍ରୀଙ୍କୁ ମାଗଣା ବସ୍ ସେବା, ଶିକ୍ଷକ ଓ ଶିକ୍ଷା-କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି, ସମସ୍ତ ପାଇଁ ମାଗଣା ଓ ଉନ୍ନତମାନର ହଷ୍ଟେଲ୍, ଏନ୍‌ଇପି-୨୦୨୦ ପ୍ରତ୍ୟାହାର, ଏନ୍‌ଟିଏକୁ ରଦ୍ଦ କରିବା, ସମସ୍ତଙ୍କୁ ନିଯୁକ୍ତି ପାଇଁ "ଭଗତ ସିଂ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଆଇନ' ପ୍ରଣୟନ, ବନ୍ଦ ପଡ଼ିଥିବା କୃଷିଭିତ୍ତିକ ଶିଳ୍ପର ପୁନରୁଦ୍ଧାର, ଆଉଟସୋର୍ସିଂ ଓ ଠିକା ନିଯୁକ୍ତି ଉଚ୍ଛେଦ ଏବଂ ନିଶାମୁକ୍ତ ଓଡ଼ିଶା ଗଠନ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ହଜାର ହଜାର ଯୁବ-ଛାତ୍ର ବିଧାନସଭା ଘେରାଉ କରିବେ। ସରକାର ଲଗାତାର ବଜେଟ୍ ହ୍ରାସ କରିବା ସହ ଶିକ୍ଷାର ବ୍ୟବସାୟୀକରଣ ପାଇଁ ପଥ ପ୍ରଶସ୍ତ କରୁଛନ୍ତି। ନେତୃତ୍ୱ ସୃଷ୍ଟିର ଏକ୍ସୁଡ଼ିଶାଳ ଛାତ୍ର ସଂସଦ ନିର୍ବାଚନକୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରାଯାଇଛି। ତେଣୁ ଆସନ୍ତା ୨୫ରେ ଏ ସମସ୍ତ ପ୍ରଶ୍ନର ଉତ୍ତର ସରକାରଙ୍କୁ ମଗାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଏଆଇଏସ୍‌ଏଫ୍‌ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପପୁ ରାଉତ, ଶାଶ୍ୱତ ପତି, ଆକାଂକ୍ଷା ପରିଡା ଓ ହର୍ଷିତ ତୀର୍ଥଙ୍କର ପ୍ରମୁଖ ଉପସ୍ଥିତ ଥିଲେ।

କପିଳାସ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କୁ ଆକ୍ରମଣ, ଅସଦାଚରଣ

ଢେଙ୍କାନାଳ,୨୦।୯ (ସମିସ): କପିଳାସ ରାସ୍ତାରେ ଦୁଇ ଯୁବକ-ଯୁବତୀଙ୍କୁ ସ୍ଥାନୀୟ କିଛି ଯୁବକ ଅଟକାଇ ନିର୍ଦ୍ଧୁମ ମାଡ଼ ମାରିବା ସହ ଯୁବତୀଙ୍କୁ ଅଶାଳୀନ ବ୍ୟବହାର କରିଥିବା ସାଙ୍ଘାତିକ ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ମାଡ଼, ଗାଳିଗୁଲଜ ସହ ଭିଡିଓ ରେକର୍ଡ କରି ଧମକ ଦେବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ଆସିଛି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପୂର୍ବରୁ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଏପରି ଘଟଣା ବାରମ୍ବାର ଘଟିଥିବା ବେଳେ ଏବେ କପିଳାସ ଘଟଣା ଚିନ୍ତା ବଢ଼ାଇଛି। ଅଭିଯୋଗ ଅନୁଯାୟୀ, ଦୁଇ ଯୁବକ-ଯୁବତୀ କପିଳାସ ବୁଲିବାକୁ ଆସିଥିଲେ। ତେବେ ସେମାନଙ୍କୁ କିଛି ସ୍ଥାନୀୟ ଯୁବକ ଅଟକାଇଥିଲେ। ପରେ ଆରମ୍ଭ ହୋଇଥିଲା ପଚରାଉଚରା। ଉଭୟଙ୍କୁ ଦୀର୍ଘ ସମୟ ଅଟକାଇ ରଖିଥିଲେ। କିଏ ପ୍ରଶ୍ନ କରୁଥିଲା, କିଏ ଗାଳି ଦେଉଥିଲା। ଘଟଣାର ଭିଡିଓ ମଧ୍ୟ ରେକର୍ଡ କରାଯାଇଥିଲା। ଯୁବକଙ୍କୁ ମାଡ଼ ମରାଯାଇଥିବା ଏବଂ ଯୁବତୀଙ୍କ ସହ ଅଶୋଭନୀୟ ଆଚରଣ ମଧ୍ୟ କରାଯାଇଥିଲା। ପରେ ଉଭୟଙ୍କୁ ଛାଡ଼ି ଦିଆଯାଇଥିବା କୁହାଯାଉଛି। କୌଣସି ଯୁବକ-ଯୁବତୀଙ୍କ ବିରୋଧରେ କିଛି ଅଭିଯୋଗ ଥିଲେ ପୁଲିସକୁ ଖବର ଦେବା ପରିବର୍ତ୍ତେ ନିଜେ ଆଇନ ହାତକୁ ନେବାର ଅଧିକାର କିଏ ଦେଲା ବୋଲି ପ୍ରଶ୍ନ ଉଠିଛି। ସେହିପରି କପିଳାସ ଭଳି ଏକ ଧାର୍ମିକ ତଥା ପରିବେଶ ପର୍ଯ୍ୟଟନସ୍ଥଳୀରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କେତେ ମଜବୁତ ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

ସମ୍ବଲପୁର ମହିଳା ବିଜେଡିକୁ ଶକ୍ତି

୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ଯୋଗଦାନ

ସମ୍ବଲପୁର, ୨୦।୯ (ସମିସ) : ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୨୨ ମୁଦିପଡ଼ା ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ମହିଳା ନେତ୍ରୀ ଏବଂ କର୍ମୀ ଶନିବାର ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ବିଜୁ ବାବୁଙ୍କ ଆଦର୍ଶ ଓ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣମୂଳକ ଶାସନ, ଓଡ଼ିଶାର ସ୍ୱାଭିମାନ ଓ ବିକାଶର ଧାରା ପ୍ରତି ଆସ୍ଥା ପ୍ରକାଶ କରି ଏହି ମହିଳା ନେତ୍ରୀ ଏବଂ କର୍ମୀମାନେ ବିଜେଡିରେ ଯୋଗଦେଇଥିବା କହିଛନ୍ତି। ଏହି ଅବସରରେ ଇଂ. ରୋହିତ ପୂଜାରୀ କହିଛନ୍ତି ଯେ, ବିଜେଡି କେବଳ ଏକ ରାଜନୈତିକ ଦଳ ନୁହେଁ, ଏହା ଓଡ଼ିଶାର ଅଧିକାର, ସ୍ୱାଭିମାନ ଓ ସ୍ୱାର୍ଥ ପାଇଁ ଲଢୁଥିବା ଏକ ଆଞ୍ଚଳିକ ଶକ୍ତି। ଆଜି ମାଁ ଏବଂ ଭଉଣୀମାନେ ବିଜେଡି ସହ ଯୋଡ଼ି ହେଉଥିବା ଦଳର ନୀତି ଓ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଲୋକଙ୍କ ଆସ୍ଥାର ପ୍ରତିଫଳନ ବୋଲି ସେ କହିଥିଲେ। ଏହି ଯୋଗଦାନ କାର୍ଯ୍ୟକ୍ରମରେ ମୁଦିପଡ଼ାର ଯୁବନେତା

ତଥା ପୂର୍ବତନ ଯୁବ ଜୋନ ଉପସଭାପତି କିଶୋର କୁମାର ପଣ୍ଡା (ମାନା) ସଂଯୋଜନା କରିଥିବାବେଳେ, ଜିଲ୍ଲା ମହିଳା ସଭାପତି ସଞ୍ଜୁକ୍ତା ମେହେର, ବରିଷ୍ଠ ମହିଳା ନେତ୍ରୀ ସସ୍ମିତା ଦୀପ, ଜିଲ୍ଲା ବିଜେଡି ଉପସଭାପତି ସୁରୁବାବୁ ମେହେର, ଜିଲ୍ଲା ଯୁବ ସଭାପତି ପ୍ରଦୋଷ ମହାନ୍ତି ଏବଂ ଛାତ୍ର ବିଜେଡି ରାଜ୍ୟ ଉପସଭାପତି ଇଂ. ଅନମୋଲ ଦାଶ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ନାରୀ ନେତ୍ରୀ ତପସ୍ୱିନୀ ବାରିକଙ୍କ ନେତୃତ୍ୱରେ ସସ୍ମିତା ଆଚାରି, ସୁନିତା ଚନ୍ଦନ, କବିତା ସାହୁ, ପିଙ୍କି ଶର୍ମା, ସୀମା ରାୟ, ଦିବ୍ୟାଶ୍ରୀ, ସୌଦାମିନୀ ବାଗ, ଲକ୍ଷ୍ମୀ ପ୍ରଧାନଙ୍କ ସମେତ ୫୦ରୁ ଅଧିକ ମହିଳା ଯୋଗଦାନ କରିଥିଲେ।

■ ଟଙ୍କା ଲୁଟ୍ ବେଳେ ଏଟିଏମ୍‌ରେ ନିଆଁ

ଛାଡ଼ି ପଳାଇଲେ ଦୁର୍ବୃତ୍ତ

ରାଉରକେଲା,୨୦।୯ (ସମିସ): ବୀରମିତ୍ରପୁର ଥାନା ଅଧୀନସ୍ଥ ରାଇବଗା ରୋଡ୍ ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏଟିଏମ୍‌ରୁ ଲୁଟ୍ ଉଦ୍ୟମ କରି ବିଫଳ ହୋଇଛନ୍ତି ଦୁର୍ବୃତ୍ତ। ରବିବାର ଭୋର୍‌ରେ ଗ୍ୟାସ୍ କଟର୍ ସାହାଯ୍ୟରେ ଏଟିଏମ୍‌କୁ କାଟି କ୍ୟାସ୍‌ବକ୍ସ ଖୋଲିବାକୁ ଉଦ୍ୟମ କରୁଥିବାବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ଦୁର୍ବୃତ୍ତ ଚମ୍ପଟ ମାରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ଏଟିଏମ୍ ମେସିନ୍‌କୁ ଭାଙ୍ଗି ଭିତରେ ଥିବା ନଗଦ ଟଙ୍କା ହାତେଇବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ଏଟିଏମ୍ ମେସିନ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଏଟିଏମ୍ କିଓସ୍କ ଭିତରେ ନିଆଁ ବ୍ୟାପିବା ଦେଖି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଗ୍ୟାସ୍ କଟର୍ ନେଇ ଫେରାର ହୋଇଯାଇଥିଲେ। ଏଟିଏମ୍‌ରୁ ଧୂଆଁ ଓ ନିଆଁ ବାହାରୁଥିବା ଦେଖି କିଛି ସ୍ଥାନୀୟ ଲୋକ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେତେ ପରିମାଣର କ୍ଷୟକ୍ଷତି ହୋଇଛି, ନିଆଁରେ ଏଟିଏମ୍ ଭିତରେ ଥିବା ନଗଦ ଟଙ୍କା କ୍ଷତିଗ୍ରସ୍ତ ହୋଇଛି କି ନାହିଁ ସେନେଇ ସୂଚନା ମିଳିନାହିଁ। ବିସ୍ତୃତ ତଦନ୍ତ ପରେ ପ୍ରକୃତ କ୍ଷୟକ୍ଷତିର ପରିମାଣ ଜଣାପଡ଼ିବ। ବୀରମିତ୍ରପୁର ପୁଲିସ ଓ ବ୍ୟାଙ୍କର ବୈଷୟିକ ଟିମ୍ ମିଳିତ ଭାବେ ତଦନ୍ତ ଚଳାଇଛନ୍ତି। ଏନେଇ ବୀରମିତ୍ରପୁର ଥାନା ଅଧିକାରୀ ଦିନେଶ କୁମାର ପଟ୍ଟାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଏଟିଏମ ସେଣ୍ଟରର ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରହିଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ।

ଭିଜିଲାନ୍ସ ଜାଲରେ ଆଇସିଡିଏସ୍ ସୁପରଭାଇଜର ଓ ଜୁନିଅର ରାଜସ୍ୱ ସହାୟକ

ବ୍ରହ୍ମପୁର,୨୦।୯ (ସମିସ) : ଅଙ୍ଗନବାଡ଼ି କେନ୍ଦ୍ରର ଘରଭଡ଼ା ପ୍ରଦାନ ବାବଦରେ ୩୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ହିଞ୍ଜିଳିକାଟୁ ସିଡିପିଓ କାର୍ଯ୍ୟାଳୟର ଜଣେ ଆଇସିଡିଏସ୍ ସୁପରଭାଇଜର ଓ ଜୁନିଅର ରାଜସ୍ୱ ସହାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦୁଇଜଣ ହେଲେ

୩୦ ହଜାର ଲାଞ୍ଚ ନେଉଥିଲେ

ଆଇସିଡିଏସ୍ ସୁପରଭାଇଜର ବି. ଉମା ପାତ୍ର ଏବଂ ଜୁନିଅର ରାଜସ୍ୱ ସହାୟକ ନରସିଂହ ବେହେରା। ଜଣେ ଅଙ୍ଗନୱାଡି କର୍ମୀଙ୍କ ଗତ ୧୧ ମାସର ଘରଭଡ଼ା ପ୍ରଦାନ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ଦାବି କରାଯାଇଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଟଙ୍କା ନଦେଲେ ଆଗାମୀ ମାସର ଅଙ୍ଗନୱାଡି କେନ୍ଦ୍ର ଘରଭଡ଼ା ପ୍ରଦାନକୁ ଅଟକାଇ ଦିଆଯିବ ବୋଲି ଉପରୋକ୍ତ ଅଭିଯୁକ୍ତମାନେ କହିଥିଲେ। ଏହାପରେ ଅଙ୍ଗନୱାଡି କର୍ମୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ଶନିବାର ରାତିରେ ଭିଜିଲାନ୍ସ ପକ୍ଷରୁ ଜାଲ ବିଛାଯାଇଥିଲା। ହିଞ୍ଜିଳିକାଟୁ ସିଡିପିଓ କାର୍ଯ୍ୟାଳୟ ପରିସରରେ ଅଙ୍ଗନୱାଡି କର୍ମୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଉଭୟଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିଲା। ସେମାନଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହାପରେ ବ୍ରହ୍ମପୁର ବିଶ୍ୱନାଥ ନଗରସ୍ଥିତ ଶ୍ରୀମତୀ ଉମା ପାତ୍ରଙ୍କ ବାସଭବନ ଏବଂ ହିଞ୍ଜିଳିକାଟୁସ୍ଥିତ ସମ୍ପୃକ୍ତ କାର୍ଯ୍ୟାଳୟ କକ୍ଷରେ ଏକକାଳୀନ ତଲାସି କରାଯାଇଥିଲା। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

ଗଣେଶ ଭସାଣିବେଳେ ଅଘଟଣ

ବିଦ୍ୟୁତ୍ ଆଘାତରେ ୪ ଆହତ

ସମ୍ବଲପୁର,୨୦।୯ (ସମିସ) : ଗଣେଶ ମୂର୍ତ୍ତି ଭସାଣି ଶୋଭାଯାତ୍ରା ଚାଲିଥିବାବେଳେ ଉଚ୍ଚ ମେଢ଼ ବିଦ୍ୟୁତ୍‌ତାର ସଂସ୍ପର୍ଶରେ ଆସି ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସାସେବା ଯୋଗାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସମ୍ବଲପୁର ସଦର

ଥାନା ଅଧୀନ ମାନେଶ୍ୱର ପୂଜାରୀପଡ଼ାରେ ରବିବାର ସନ୍ଧ୍ୟାରେ ଗଣେଶ ପୂଜାର ଭସାଣି ଶୋଭାଯାତ୍ରା ଚାଲିଥିଲା। ଶୋଭାଯାତ୍ରା ସନ୍ଧ୍ୟାରେ ମଣ୍ଡପରୁ ବାହାରି ପ୍ରାୟ ୨୦୦ ମିଟର ଯିବାପରେ ହରିଜନପଡ଼ା ସମ୍ମୁଖରେ ମେଢ଼ର ଲୁହାରେ ତିଆରି ଫ୍ରେମ୍ ରାସ୍ତା ଉପରଦେଇ ଯାଇଥିବା ୧୧ କେଭିର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଯଦ୍ୱାରା ହଠାତ୍ ନିଆଁ ବାହାରି ସମ୍ପୂର୍ଣ୍ଣ ମେଢ଼ରେ ବିଦ୍ୟୁତ୍ ପ୍ରବାହ ହୋଇଥିବା କୁହାଯାଉଛି। ଏହାଦ୍ୱାରା ଶୋଭାଯାତ୍ରାରେ ମେଢ଼କୁ ଧରି ରାସ୍ତାରେ ଚାଲିଚାଲି ଯାଉଥିବା ୪ ଜଣ ଆହତ ହୋଇଛନ୍ତି। ଆହତମାନେ ମାନସ ରଞ୍ଜନ ଗୁରୁ (୩୫), ଜଗା ମହାନନ୍ଦ, ପୂଜକ ଗଣେଶ ପୂଜାରୀ (୪୫) ଓ ଦୟାନିଧି ସୋହେଲା (୩୨) ବୋଲି ସୂଚନା ମିଳିଛି। ସମସ୍ତେ ଛିଟିକିପଡ଼ି ଖଣ୍ଡିଆଖାବରା ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ଦୁଇପାଦ ଓ ହାତରେ ଗଭୀର ଆଘାତ ଲାଗିଛି।

କଫ୍‌ସିରପ ମାଫିଆ ପ୍ରୀତମକୁ ଏନକାଉଣ୍ଟର

ସମ୍ବଲପୁର, ୨୦।୯ (ସମିସ) : ୮ ଦିନ ବ୍ୟବଧାନରେ ସମ୍ବଲପୁର ପୁଲିସର ଦ୍ୱିତୀୟ ଏନ୍‌କାଉଣ୍ଟର। ରବିବାର ରେଙ୍ଗାଲି ପୁଲିସ ଏନ୍‌କାଉଣ୍ଟରରେ କୁଖ୍ୟାତ କଫ୍‌ସିରପ ମାଫିଆ ପ୍ରୀତମ ବିଶ୍ୱାଳ ଆହତ ହୋଇଛି। ରେଙ୍ଗାଲି ଥାନା ଅଞ୍ଚଳରେ ସକାଳେ ପୁଲିସ ଓ ନିଶା ମାଫିଆଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏହାସହିତ ୨୪ ପେଟି ବେଆଇନ କଫ୍‌ସିରପ, ଗୋଟିଏ ୯ ମିମି ଦେଶୀ ପିସ୍ତଲ ଓ ଦୁଇଟି ଚାରିଚକିଆ ଯାନ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ନିଶା କାରବାର ରୋକିବା ପାଇଁ ଜିଲ୍ଲାରେ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଶନିବାର ବିଳମ୍ବିତ ରାତିରେ କଟକ ପଟୁ ବିପୁଳ ପରିମାଣର ନିଶା କଫ୍‌ସିରପ ଜଙ୍ଗଲ ରାସ୍ତାଦେଇ କତରବଗା-ଠେଲକୋଲୋଇ ଅଞ୍ଚଳକୁ ଚାଲାଣ ହେଉଥିବା ରେଙ୍ଗାଲି ପୁଲିସ ଖବର ପାଇଥିଲା। ଏହାପରେ ପୁଲିସ ପଣ୍ଡଲୋଇ ରାସ୍ତାରେ ଯାନବାହନ ଯାଞ୍ଚ ଆରମ୍ଭ କରିଥିଲା। ସକାଳ ପ୍ରାୟ ୬ଟା ୧୫ରେ ଦୁଇଟି କାର୍ ଦ୍ରୁତ ଗତିରେ ଆସୁଥିବା ଦେଖିବାକୁ ମିଳିଥିଲା। ପ୍ରଥମ କାର୍‌କୁ ଅଟକାଇ ଡ୍ରାଇଭର

■ ଗୋଟିଏ ୯ ମିମି ଦେଶୀ ପିସ୍ତଲ ଜବତ
■ ୨୪ ପେଟି କଫ୍‌ସିରପ ଜବତ
■ ୮ ଦିନରେ ସମ୍ବଲପୁର ପୁଲିସର ଦୁଇ ଏନ୍‌କାଉଣ୍ଟର

ଆଶୁତୋଷ ମେଣ୍ଡଲୀକୁ କାବୁ କରିଥିବାବେଳେ ତାର ଜଣେ ସହଯୋଗୀ ନିକଟସ୍ଥ ଜଙ୍ଗଲକୁ ଖସି ପଳାଇଥିଲା। ଏହି ସମୟରେ ପଛରେ ଦ୍ରୁତ ଗତିରେ ଆସୁଥିବା ନମ୍ବରବିହୀନ ଏକ କାର୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଗାଡ଼ିର ଚାଳକ ପ୍ରୀତମ ବିଶ୍ୱାଳ କାରରୁ ଓହ୍ଲାଇ ଖସି ପଳାଇବାକୁ ଉଦ୍ୟମ କରିବାସହ ପୁଲିସ ଉପରକୁ ୪ ରାଉଣ୍ଡ ଅତର୍କିତ ଗୁଳି ଚଳାଇଥିଲା। ପୁଲିସ ଆତ୍ମରକ୍ଷା ପାଇଁ ୩ ରାଉଣ୍ଡ ପାଲଟା ଗୁଳିଚାଳନା କରିଥିଲା। ପ୍ରୀତମର ଡାହାଣ ଗୋଡ଼ରେ ଗୁଳି ବାଜିବାରୁ ସେ ଆହତ ହୋଇଥିଲା। ତୁରନ୍ତ ତାକୁ ଉଦ୍ଧାର କରାଯାଇ ରେଙ୍ଗାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରୁ ୭ଟି ଖାଲି କ୍ୟାଟ୍ରିଜ୍ ଜବତ କରିଛି। ସେପଟେ ଜଙ୍ଗଲକୁ ଫେରାର ହୋଇଥିବା ଅନ୍ୟ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଗତ ୧୩ ତାରିଖରେ ସଦର ଥାନା ପୁଲିସ ଏନ୍‌କାଉଣ୍ଟରରେ କୁଖ୍ୟାତ ଅପରାଧୀ ଇର୍‌ଫାନ୍‌ର ବାମଗୋଡ଼ରେ ଗୁଳିବାଜି ଆହତ ହୋଇଥିବାବେଳେ ତାର ଦୁଇ ସହଯୋଗୀଙ୍କୁ ଗିରଫ କରାଯାଇଥିଲା।

ଯୋଜନା କମିଟିରେ ବିକାଶର ଫାଟ

ଶାସକ ଦଳର ବିଧାୟକଙ୍କ ପ୍ରଶ୍ନରେ ଘାଇଲା ପ୍ରଶାସନ

ବ୍ରହ୍ମପୁର/ଛତ୍ରପୁର,୨୦।୯ (ସମିସ): ଗଞ୍ଜାମରେ ବିକାଶର ଦାବି ମଧ୍ୟରେ ଶାସକ ଦଳର ବିଧାୟକଙ୍କ ପ୍ରଶ୍ନ ଏବେ ପ୍ରଶାସନ ପାଇଁ ଅଡୁଆ ସୃଷ୍ଟି କରିଛି। ନବଗଠିତ ଜିଲ୍ଲା ଯୋଜନା କମିଟିର ପ୍ରଥମ ବୈଠକରେ ନିଜ ସରକାରର ବିଭିନ୍ନ ବିଭାଗର କାର୍ଯ୍ୟଶୈଳୀ ନେଇ ବିଧାୟକମାନେ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି। ଉଠା ଜଳସେଚନ ପ୍ରକଳ୍ପ ଅଚଳ ଥିବାଠାରୁ କାଡାର ସମନ୍ୱୟ ଅଭାବ, ପାନୀୟଜଳ ପ୍ରକଳ୍ପର ଧୀମା ଗତି ଓ ଅଧିକାରୀଙ୍କ ଉତ୍ତରଦାୟିତ୍ୱ, ପ୍ରତ୍ୟେକ ପ୍ରସଙ୍ଗରେ ଉଠିଛି ପ୍ରଶ୍ନ। ଫଳରେ "ପ୍ରଗତି ପଥେ ଗଞ୍ଜାମ'ର ସରକାରୀ ନାରା ମଧ୍ୟରେ ତୃଣମୂଳର ବାସ୍ତବ ବିକାଶ ଚିତ୍ର କେତେ, ତାହାକୁ ନେଇ ରାଜନୈତିକ ମହଲରେ ନୂଆ ଆଲୋଚନା ଆରମ୍ଭ ହୋଇଛି। ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ବନ, ଜଳସେଚନ, ଉଠା ଜଳସେଚନ, କାଡା ଓ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ବିଧାୟକମାନଙ୍କ ଅସନ୍ତୋଷ ଏବଂ ଅଧିକାରୀଙ୍କୁ ତଥ୍ୟ ମାଗିବା ଘଟଣା ବିକାଶ କାର୍ଯ୍ୟର ତୃଣମୂଳ ସ୍ଥିତି ନେଇ ପ୍ରଶ୍ନ ଛିଡ଼ା କରିଛି। ବୈଠକରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଗ୍ରାମ୍ୟ ଉନ୍ନୟନ, ବନ, କାଡା ଓ ପୂର୍ତ୍ତ ବିଭାଗର କାର୍ଯ୍ୟଶୈଳୀ ନେଇ ପ୍ରଶ୍ନ ଉଠାଇଥିଲେ। ବିଶେଷକରି କାଡା ନିର୍ବାହୀ ଯନ୍ତ୍ରୀଙ୍କ ସହ ବିଧାୟକମାନଙ୍କ ଯୋଗାଯୋଗ ଓ ସମନ୍ୱୟର ଅଭାବକୁ ସେ ଗୁରୁତ୍ୱ ଦେଇଥିଲେ। ବିଭାଗୀୟ ଅଧିକାରୀ ଓ ଜେଇମାନେ କାର୍ଯ୍ୟାଳୟରେ ବସି ଫାଇଲ ଦେଖିବା ପରିବର୍ତ୍ତେ ଜନପ୍ରତିନିଧିଙ୍କ ସହ ଆଲୋଚନା କରି ଗାଁକୁ ଯାଇ ତୃଣମୂଳ ସମସ୍ୟା ବୁଝିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ନ ରହିଲେ ବିକାଶ ଯୋଜନାର ଲାଭ ଲୋକଙ୍କ ପାଖରେ ପହଞ୍ଚିବା କଷ୍ଟକର ବୋଲି ବୈଠକର ଆଲୋଚନାରୁ ସ୍ପଷ୍ଟ ହୋଇଥିଲା। ଚାଷୀଙ୍କ ସ୍ୱାର୍ଥ ସହ ସିଧାସଳଖ ଜଡ଼ିତ ଉଠା ଜଳସେଚନ ପ୍ରକଳ୍ପକୁ ନେଇ ମଧ୍ୟ ବୈଠକରେ ଗୁରୁତର ପ୍ରସଙ୍ଗ ଉଠିଥିଲା। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଜିଲ୍ଲାର ପ୍ରାୟ ୬୦ରୁ ୭୦ ପ୍ରତିଶତ ଅଞ୍ଚଳ ଉଠା ଜଳସେଚନ ପ୍ରକଳ୍ପକୁ ସଚଳ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ସ୍ପଷ୍ଟ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ ସେ ଅଧିକାରୀଙ୍କୁ କହିଥିଲେ। ଆବଶ୍ୟକ ପଡ଼ିଲେ ଏହି ପ୍ରସଙ୍ଗ ପୁଣି ବିଧାନସଭାରେ ଉଠାଇବେ ବୋଲି ମଧ୍ୟ ସେ କହିଥିଲେ। ଜିଲ୍ଲାର ବିକାଶ ପ୍ରକ୍ରିୟାରେ ଜିଲ୍ଲାପାଳଙ୍କ ଭୂମିକାକୁ ସେ ଗୁରୁତ୍ୱ ଦେଇ ତାଙ୍କୁ "ଜିଲ୍ଲାର ବିଶ୍ୱକର୍ମା' ବୋଲି ଅଭିହିତ କରିଥିଲେ। କବିସୂର୍ଯ୍ୟନଗର ବିଧାୟକ ମଧ୍ୟ ଜଳସେଚନ ଓ ପାନୀୟ ଜଳ ପ୍ରକଳ୍ପର ବାସ୍ତବ କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠାଇଥିଲେ। ଯୋଜନା କାଗଜପତ୍ରରେ ନ ରହି ତୃଣମୂଳସ୍ତରରେ ଏହାର ଲାଭ ଚାଷୀ ଓ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ଦରକାର ବୋଲି ସେ ଗୁରୁତ୍ୱ ଦେଇଥିଲେ। ମହାନଦୀରୁ ଜଳ ଆସିବ ଏବଂ ଲୋକେ ତାହା ପିଇବେ ଏହି ଆଶା ବାସ୍ତବାୟିତ ହେବା ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଥିବା ବେଳେ ତାଙ୍କ ମନ୍ତବ୍ୟ ବୈଠକରେ ଚର୍ଚ୍ଚାର କେନ୍ଦ୍ର ପାଲଟିଥିଲା। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ କାଡା ବିଭାଗର କାର୍ଯ୍ୟକାରିତା ସହ କାର୍ଯ୍ୟାଳୟର ସକ୍ରିୟତା ନେଇ ପ୍ରଶ୍ନ କରିଥିଲେ। ଆଗାମୀ ବୈଠକକୁ ସମ୍ପୃକ୍ତ ଅଧିକାରୀମାନେ ଆବଶ୍ୟକ ତଥ୍ୟ ସହ ପ୍ରସ୍ତୁତ ହୋଇ ଆସିବାକୁ ସେ କହିଥିଲେ। ମେଗା ଉଠା ଜଳସେଚନ ଓ ଜଳ ସଂରକ୍ଷଣ ପ୍ରକଳ୍ପର ଅଗ୍ରଗତି ନେଇ ମଧ୍ୟ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ପାନୀୟ ଜଳ ପ୍ରକଳ୍ପକୁ ନେଇ ବୈଠକରେ ଆଉ ଏକ

■ କାଗଜର ଯୋଜନା, ମାଟିରେ ଶୂନ
■ ଜଳସେଚନ, ପାନୀୟଜଳ, କାଡା'ର କାର୍ଯ୍ୟଶୈଳୀ ଚିନ୍ତାଜନକ
■ ବୈଠକ ଚାଲିଥିଲା, ନେତା ପଳାଇଲେ
■ ଜିଲ୍ଲାପାଳ ଜିଲ୍ଲାର ବିଶ୍ୱକର୍ମା- ଅଧ୍ୟକ୍ଷ

ବଡ଼ ପ୍ରଶ୍ନ ଉଠିଥିଲା। ଆସନ୍ତା ମାର୍ଚ୍ଚ ୨୦୨୭ ମଧ୍ୟରେ ଘରେ ଘରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଥିବା ବେଳେ ଏହା କେତେଦୂର ବାସ୍ତବାୟିତ ହେବ, ତାହା ନେଇ ସଦସ୍ୟମାନେ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଯୋଜନାର ଲକ୍ଷ୍ୟ ଓ କ୍ଷେତ୍ରସ୍ତରର କାର୍ଯ୍ୟକାରିତା ମଧ୍ୟରେ ଯେପରି ଦୂରତା ନ ରହେ, ସେଥିପାଇଁ ତଦାରଖ ବଢ଼ାଇବାକୁ ମଧ୍ୟ ମତ ପ୍ରକାଶ ପାଇଥିଲା। ବୈଠକରେ ଜେଇ ଓ ଅନ୍ୟ ବିଭାଗୀୟ କର୍ମଚାରୀମାନେ ଚାଷୀଙ୍କ ସହ ଉଚିତ ବ୍ୟବହାର କରୁନଥିବା ଅଭିଯୋଗ ମଧ୍ୟ ଆସିଥିଲା। କମିଟି ସଦସ୍ୟା ଅନିମା ପରିଡ଼ା ବିଭାଗୀୟ ଅଧିକାରୀମାନେ ଫୋନ ଉଠାଉନଥିବା ନେଇ ଅଭିଯୋଗ କରିଥିଲେ। ସଦସ୍ୟା ସୋନାଲି ଗନ୍ତାୟତ ବ୍ରହ୍ମପୁର ସହରର ରାସ୍ତାଘାଟ ସମେତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୈଠକର ଆଲୋଚନା କେବଳ ବଡ଼ ପ୍ରକଳ୍ପରେ ସୀମିତ ନ ରହି ଲୋକଙ୍କ ଦୈନନ୍ଦିନ ସମସ୍ୟା ପର୍ଯ୍ୟନ୍ତ ପହଞ୍ଚିଥିଲା। ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ମଧ୍ୟ ବୈଠକରେ କଡ଼ା ବାର୍ତ୍ତା ଦିଆଯାଇଥିଲା। ବିନା ଅନୁମତିରେ ବୈଠକରେ ଅନୁପସ୍ଥିତ ରହୁଥିବା ଅଧିକାରୀଙ୍କ ବିରୋଧରେ ନିୟମାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଥିଲେ। ସମସ୍ତ ବିଭାଗ ମଧ୍ୟରେ ନିୟମିତ ଆଲୋଚନା ଓ ସମନ୍ୱୟ ରହିଲେ ବିକାଶ କାର୍ଯ୍ୟ ଅଧିକ ଗତିଶୀଳ ହେବ ବୋଲି ଅଧ୍ୟକ୍ଷ ଶ୍ରୀ ସେଠୀ କହିଥିଲେ। ତେବେ ବୈଠକର ଉପସ୍ଥାନ ଓ ଜନପ୍ରତିନିଧିଙ୍କ ଭୂମିକାକୁ ନେଇ ମଧ୍ୟ ଚର୍ଚ୍ଚା ଦେଖାଦେଇଥିଲା। ଜିଲ୍ଲାର ଦୁଇ ମନ୍ତ୍ରୀ, ଆସିକା ବିଧାୟକ, ସାନଖେମୁଣ୍ଡି ବିଧାୟକ ଏବଂ ବିରୋଧୀ ଦଳ ନେତା ତଥା ହିଞ୍ଜିଳି ବିଧାୟକ ବୈଠକରେ ଅନୁପସ୍ଥିତ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବ୍ରହ୍ମପୁର ସାଂସଦ, ବ୍ରହ୍ମପୁର ବିଧାୟକ ଓ ଦିଗପହଣ୍ଡି ବିଧାୟକ ବୈଠକରେ ଯୋଗ ଦେଇଥିଲେ ମଧ୍ୟ ଅଳ୍ପ ସମୟ ରହି ପରେ ଅନ୍ୟ କାର୍ଯ୍ୟ ଥିବା ଦର୍ଶାଇ ବାହାରିଯାଇଥିବା ଅଭିଯୋଗ ହୋଇଛି। ଏହି ବିଷୟକୁ ନେଇ ରାଜନୈତିକ ମହଲରେ ଆଲୋଚନା ଜୋର ଧରିଛି। ସେହିପରି ବୈଠକରେ ବିଭିନ୍ନ ବିଭାଗର ଉପସ୍ଥାପନା ଓ ସଦସ୍ୟଙ୍କ ପ୍ରଶ୍ନୋତ୍ତର ଚାଲିଥିବା ବେଳେ ମଞ୍ଚରେ ବସିଥିବା କିଛି ବିଧାୟକ ପରସ୍ପର ଆଲୋଚନାରେ ବ୍ୟସ୍ତ ଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଛି। ଗତ ୧୫ ସେପ୍ଟେମ୍ବର ୨୦୨୩ ପରେ ନବଗଠିତ କମିଟିର ଏହା ପ୍ରଥମ ବୈଠକ ହୋଇଥିବାରୁ ଏହାର ଗୁରତ୍ୱ ମଧ୍ୟ ଅଧିକ ଥିଲା। ଏପରି ସମୟରେ ଶାସକ ଦଳର ଜନପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ବିକାଶ ସମସ୍ୟା ନେଇ ଖୋଲାଖୋଲି ପ୍ରଶ୍ନ ଉଠାଇବା ଏବଂ ଅଧିକାରୀଙ୍କୁ ଜବାବ ମାଗିବା ଘଟଣା ବୈଠକକୁ ରାଜନୈତିକ ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱ ଦେଇଛି। ବିକାଶର ଦାୟିତ୍ୱ କେବଳ ସରକାର କିମ୍ବା ପ୍ରଶାସନର ନୁହେଁ, ଜନପ୍ରତିନିଧିଙ୍କ ତଦାରଖ ଓ ଲୋକଙ୍କ ପ୍ରଶ୍ନକୁ ପ୍ରଶାସନ ପର୍ଯ୍ୟନ୍ତ ପହଞ୍ଚାଇବାର ଭୂମିକା ମଧ୍ୟ ସମାନ ଭାବେ ରହିଛି। ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ "ପ୍ରଗତି ପଥେ ଗଞ୍ଜାମ' ଲକ୍ଷ୍ୟ ନେଇ ଜିଲ୍ଲାର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ସହ ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଠନରେ ଗଞ୍ଜାମର ଗୁରତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି କହିଥିଲେ। ତେବେ ବୈଠକରେ ଉଠିଥିବା ପ୍ରଶ୍ନଗୁଡ଼ିକ ଆଗାମୀ ଦିନରେ କେତେ ଦୂର ସମାଧାନ ହେଉଛି, ତାହା ହିଁ "ପ୍ରଗତି ପଥେ ଗଞ୍ଜାମ'ର ବାସ୍ତବ ପରୀକ୍ଷା ହେବ। ଜଳସେଚନଠାରୁ ପାନୀୟଜଳ, ରାସ୍ତାଠାରୁ-କାଡ଼ା ପ୍ରତ୍ୟେକ କ୍ଷେତ୍ରରେ ଉଠିଥିବା ପ୍ରଶ୍ନର ଉତ୍ତର କାଗଜରେ ନୁହେଁ, ମାଟିରେ ଦେଖାଯିବାକୁ ଅପେକ୍ଷା କରୁଛି।

ଆଜିର ରାଶିଫଳ

ମେଷ: ଅଚାନକ ଖୁସି ଖବର ମିଳିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ। ଉଧାର ଟଙ୍କା ଫେରି ପାଇବେ ।

ବୃଷ: ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିପାରନ୍ତି।

ମିଥୁନ: ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

କର୍କଟ: ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

ସିଂହ: ଦୀର୍ଘ ଦିନର ଆଶା ପୂରଣ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ପରିଶ୍ରମର ଫଳ ମିଳିବ।

କନ୍ୟା: ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ନୂତନ ଜମି କ୍ରୟ କରିପାରନ୍ତି।

ତୁଳା: ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

ବିଛା: ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି।

ଧନୁ: ସୃଜନଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

ମକର: ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

କୁମ୍ଭ: ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

ମୀନ: ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟାର ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

ଆଜିର ଦିନରେ

- ୧୯୦୫- ଆଣ୍ଟଲାଣ୍ଟା ଲାଇଫ୍ ଇନ୍ସ୍ୟୁରାନ୍ସ କମ୍ପାନି ଗଠନ ହେଲା।
- ୧୯୮୪- ବ୍ରୁନେଇ ମିଳିତ ଜାତିସଂଘରେ ସାମିଲ୍ ହେଲା।
- ୧୯୯୯-ମଧ୍ୟ ତାଇୱାନ୍‌ରେ ଆସିଥିବା ଚି- ଚି ଭୂମିକମ୍ପ ଯୋଗୁଁ ପାଖାପାଖି ୨୪୦୦ ଲୋକଙ୍କ ପ୍ରାଣହାନି।
- ୨୦୦୪- ଆମେରିକା ଲିବିୟା ଉପରୁ ଆର୍ଥିକ ପ୍ରତିବନ୍ଧକ ହଟାଇଲା।

ବିଶ୍ୱ ଆଲ୍‌ଝିମର ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ଆଲ୍‌ଝିମର ଦିବସ' ଭାବରେ ପାଳନ କରାଯାଏ। ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ଆଲ୍‌ଝିମର ରୋଗ ଏବଂ ଡିମେନ୍‌ସିଆ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାକୁ ନେଇ ସମାଜରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା। ଆଲ୍‌ଝିମର ହେଉଛି ମସ୍ତିଷ୍କ ସହ ଜଡ଼ିତ ଏକ ଗମ୍ଭୀର ରୋଗ, ଯାହା ଧୀରେ ଧୀରେ ମଣିଷର ସ୍ମୃତିଶକ୍ତି ଓ ଚିନ୍ତା କରିବାର କ୍ଷମତାକୁ ନଷ୍ଟ କରିଦିଏ। ବୟସ ବଢ଼ିବା ସହିତ ଆଲ୍‌ଝିମର ସମସ୍ୟା ଦେଖାଯାଏ। ଏହାଦ୍ୱାରା ମସ୍ତିଷ୍କରେ ଥିବା କୋଷଗୁଡ଼ିକର ବିକାଶରେ ବାଧା ସୃଷ୍ଟି ହୋଇ ଏହା ନଷ୍ଟ ହେବାରେ ଲାଗେ। ଏଥିଯୋଗୁଁ ଭୁଲାପଣ ସମସ୍ୟା ଦେଖାଯାଏ। ଏହି ସମସ୍ୟାକୁ ଡିମେନ୍‌ସିଆ କୁହାଯାଏ। ଆଲ୍‌ଝିମର ଡିମେନ୍‌ସିଆର ମୂଳ କାରଣ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟକ୍ଷମତା କମିଯାଏ। ଆଲ୍‌ଝିମରର ଚିକିତ୍ସା କରା ନ ଗଲେ ଏହା ପାରାଲିସିସ୍ ଆଡ଼କୁ ନେଇଯାଏ। ୧୯୦୭ ମସିହାରେ ଏହି ରୋଗକୁ ପ୍ରଥମେ ଠାବ କରାଯାଇଥିଲା। ଏହି ରୋଗ ଉପରେ ଜନସଚେତନା ସୃଷ୍ଟି ଲାଗି ସେପ୍ଟେମ୍ବର ୨୧କୁ ବିଶ୍ୱ ଆଲ୍‌ଝିମର ଦିବସ ଭାବେ ପାଳନ କରାଯାଉଛି। ଏହାସହ ୨୦୧୨ରୁ ସେପ୍ଟେମ୍ବର ମାସକୁ ଆଲ୍‌ଝିମର ମାସ ଭାବେ ପାଳନ କରାଯାଉଛି। ଏହାକୁ ଜର୍ମାନୀର ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଅଲୋଇସ୍ ଆଲ୍‌ଝିମରଙ୍କ ନାମରେ ନାମକରଣ କରାଯାଇଛି। ଏହି ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକରେ ବିଟା ଆଲିମଏଡ୍ ନାମକ ପ୍ରୋଟିନ୍ ଖଣ୍ଡମାନ ଜମି ରହିଥାଏ। ଏଥିଯୋଗୁଁ ମସ୍ତିଷ୍କର ସ୍ନାୟୁକୋଷ ମାନ ମରିଯାନ୍ତି। ଫଳରେ ଜଣକର ସ୍ମୃତିଶକ୍ତି ହ୍ରାସ ପାଇଥାଏ। ଏଥିଯୋଗୁଁ ନିତିଦିନିଆ କାମ, ଗାଧୋଇବା, ଖାଇବା, କଥାବାର୍ତ୍ତା କରିବା ଓ ପୋଷାକ ପିନ୍ଧିବାରେ ମଧ୍ୟ ଅସୁବିଧା ହୋଇଥାଏ। ବଂଶଗତ କାରଣ, ମସ୍ତିଷ୍କରେ ଆଘାତ, ମାନସିକ ବିଷାଦ ଓ ଉଚ୍ଚ ରକ୍ତଚାପ ଏହି ରୋଗର ଆଶଙ୍କାକୁ ବଢ଼ାଇଦିଏ। ପ୍ରାୟ ୬୫ ବର୍ଷ ପରେ ଶତକଡ଼ା ପ୍ରାୟ ୫ରୁ ୧୦ଭାଗ ଲୋକଙ୍କଠାରେ ଏହି ରୋଗ ଦେଖାଯାଇଥାଏ। ଏହି ରୋଗର ପ୍ରଥମ ଲକ୍ଷଣ ହେଉଛି, ଲୋକଟି ଦିନର ଛୋଟ ଛୋଟ କାମ, ଟଙ୍କା ପଇସା, ଚାବି, ଘଣ୍ଟା, ଟଙ୍କା, ପାନିଆ ଇତ୍ୟାଦି କେଉଁଠି ରଖିଛି, ସେ ସବୁ ଭୁଲିଯାଏ। ଆସ୍ତେ ଆସ୍ତେ ନିକଟରେ ଘଟିଥିବା ଘଟଣାଗୁଡ଼ିକୁ ମଧ୍ୟ ଲୋକଟି ଭୁଲିଯାଏ। କ୍ରମଶଃ ନିଜର ଅନ୍ତରଙ୍ଗ ଲୋକମାନଙ୍କୁ ମଧ୍ୟ ଚିହ୍ନିପାରେ ନାହିଁ। ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରେ। ନିଜର ନିତ୍ୟକର୍ମ ଯଥା - ଗାଧୋଇବା, ଖାଇବା ଇତ୍ୟାଦି ଠିକ୍ ଭାବରେ କରିପାରେ ନାହିଁ। ଏହି ରୋଗ ବହୁଦିନ ହେଲେ ବ୍ୟକ୍ତିର ସ୍ମରଣ ଶକ୍ତି ଆଦୌ ରହେ ନାହିଁ। ଅବାନ୍ତର କଥା କହିଥାଏ। ନୂଆ ଜିନିଷ କିମ୍ବା ନୂଆ କାମ କିଛି ବୁଝିପାରେ ନାହିଁ। ଔଷଧ ଚିକିତ୍ସା ଏହି ରୋଗକୁ ସଂପୂର୍ଣ୍ଣ ଭାବେ ଭଲ କରିପାରିବ ନାହିଁ, ମାତ୍ର ଏହାର ଲକ୍ଷଣକୁ କିଛି ମାତ୍ରାରେ କମ୍ କରିହେବ। ଔଷଧ ବ୍ୟତୀତ ପରିବାର ଲୋକଙ୍କ ଦାୟିତ୍ୱ ଅଧିକ। ଏପରି ରୋଗୀଙ୍କୁ ବଡ଼ ବଡ଼ ବାକ୍ୟ ନ କହି ଛୋଟ ଛୋଟ ଶବ୍ଦ, ଯେପରି ସେ ବୁଝିପାରିବେ। ଏହା ବ୍ୟତୀତ ନିୟମିତ ଭାବେ ମନୋଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ। ଏହି ରୋଗକୁ ଦୂରେଇ ଦେବା ପାଇଁ ବ୍ୟକ୍ତିଗତ ସ୍ତରରେ ସମସ୍ତେ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ଉଚିତ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି- "The Earlier You Know, The More You Can Do" ଅର୍ଥାତ୍, ସମୟ ଥାଉ ଥାଉ ଏହି ରୋଗକୁ ଚିହ୍ନିବା ଏବଂ ଏହା ବିଷୟରେ ସଚେତନ ହେବା ହିଁ ଏହାର ସବୁଠାରୁ ବଡ଼ ପ୍ରତିକାର। ବର୍ତ୍ତମାନ ସୁଦ୍ଧା ଆଲ୍‌ଝିମର ରୋଗକୁ ସମ୍ପୂର୍ଣ୍ଣ ଭଲ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ବା ଚିକିତ୍ସା ବାହାରି ନାହିଁ, ଉପଯୁକ୍ତ ପଦକ୍ଷେପ ଦ୍ୱାରା ରୋଗର ଗତିକୁ ଧିମା କରାଯାଇପାରିବ।

ଆନ୍ତର୍ଜାତିକ ଶାନ୍ତି ଦିବସ

ସାରା ବିଶ୍ୱରେ ଯୁଦ୍ଧ ବିଭୀଷିକା ଦୂର କରି ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖକୁ ଆନ୍ତର୍ଜାତିକ ଶାନ୍ତି ଦିବସ ଭାବେ ପାଳନ କରାଯାଉଛି। ୧୯୮୧ରେ ମିଳିତ ଜାତିସଂଘ 'ଆନ୍ତର୍ଜାତିକ ଶାନ୍ତି ଦିବସ' ପାଳନ କରିବାକୁ ଘୋଷଣା କରିଥିଲା। ୧୯୮୨ରେ ପ୍ରଥମ ଥର ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନ କରାଗଲା। ୧୯୮୨ରୁ ୨୦୦୧ ପର୍ଯ୍ୟନ୍ତ ସେପ୍ଟେମ୍ବର ମାସର ତୃତୀୟ ମଙ୍ଗଳବାରକୁ ଆନ୍ତର୍ଜାତିକ ଶାନ୍ତି ଦିବସ ଭାବରେ ପାଳନ କରାଯାଉଥିଲା। ୨୦୦୨ ମସିହାଠାରୁ ସେପ୍ଟେମ୍ବର ୨୧କୁ 'ଆନ୍ତର୍ଜାତିକ ଶାନ୍ତି ଦିବସ' ଭାବେ ପାଳନ କରାଯାଉଛି। ସମଗ୍ର ବିଶ୍ୱରେ ଯୁଦ୍ଧ ଏବଂ ହିଂସା ରୋକିବା, ଦେଶ ଦେଶ ମଧ୍ୟରେ ସମ୍ପର୍କ ସୁଧାରିବା ଏବଂ ଶାନ୍ତିର ବାର୍ତ୍ତା ପ୍ରସାର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ବର୍ତ୍ତମାନ ପରିସ୍ଥିତିରେ ସମଗ୍ର ବିଶ୍ୱରେ ଅଶାନ୍ତ ଓ ଅରାଜଗତାର ବାତାବରଣ ଦେଖାଯିବା ସହ ସାମ୍ପ୍ରଦାୟିକ ହିଂସା ଭଳି ଘଟଣା ଦେଖାଯାଉଥିବାରୁ ଏହି ଦିବସ ପାଳନର ଗୁରୁତ୍ୱ ବଢିଯାଉଛି । ଏହି ଦିନ ମିଳିତ ଜାତିସଂଘର ମୁଖ୍ୟାଳୟ ନ୍ୟୁୟର୍କ ଠାରେ ଥିବା "ଶାନ୍ତି ଘଣ୍ଟି" ବଜାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଏ। ଧଳା କପୋତକୁ ଶାନ୍ତିର ଦୂତ ଭାବେ ବିବେଚନା କରାଯାଏ। ତେଣୁ ବିଶ୍ୱ ଶାନ୍ତି ଦିବସ ପାଳନ ଉପଲକ୍ଷେ ଧଳା କପୋତ ଉଡ଼ାଯାଇ ବିଶ୍ୱବାସୀଙ୍କୁ ଶାନ୍ତିର ବାର୍ତ୍ତା ଦିଆଯାଏ। ଏହି ଦିନ ସାରା ବିଶ୍ୱରେ ୨୪ ଘଣ୍ଟା ପାଇଁ ଅସ୍ତ୍ରବିରତି ବା ଯୁଦ୍ଧ ବନ୍ଦ ରଖିବାକୁ ଜାତିସଂଘ ଆହ୍ୱାନ ଦେଇଥାଏ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି "ଶାନ୍ତିରେ ବିନିଯୋଗ କରନ୍ତୁ -ପ୍ରତ୍ୟେକ ବ୍ୟକ୍ତି ପାଇଁ, ପ୍ରତ୍ୟେକ ସ୍ଥାନରେ, ପ୍ରତିଦିନ।"

ବଲିଉଡ୍‌ରେ ନୂଆ ରାବଣ

ନୀତେଶ ତିୱାରୀଙ୍କ ଆଗାମୀ ମେଗା ବଜେଟ୍ ଚଳଚ୍ଚିତ୍ର 'ରାମାୟଣ'କୁ ନେଇ ସାରା ଦେଶରେ ଚର୍ଚ୍ଚା ଚାଲିଥିବାବେଳେ, ଏବେ ବଲିଉଡ୍‌ରେ ଆଉ ଏକ ରାମାୟଣକୁ ନେଇ ଆଲୋଚନା ଜୋର୍ ଧରିଛି। ନିର୍ଦ୍ଦେଶକ ପ୍ରଦୀପ ସାଇନିଙ୍କ ଆଗାମୀ ଚଳଚ୍ଚିତ୍ର 'ମହାକାବ୍ୟ ଶ୍ରୀ ରାମାୟଣ କଥା - ଶ୍ରୀ ରାମ କୀ' ଖୁବ୍ ଶୀଘ୍ର ପରଦାକୁ ଆସୁଛି। ଏହି ଫିଲ୍ମରେ ସବୁଠାରୁ ବଡ଼ ଆକର୍ଷଣ ସାଜିଛନ୍ତି ଏହାର ମୁଖ୍ୟ କଳାକାର ଏବଂ ସେମାନଙ୍କ ଚରିତ୍ର। ବିଶେଷ କରି ରାବଣ ଭୂମିକାରେ ନଜର ଆସିବାକୁ ଥିବା ଅଭିନେତା ରଜନୀଶ ଦୁଗ୍ଗଲ ଏବଂ ମାତା ସୀତା ଭୂମିକା କରୁଥିବା 'କଚ୍ଚା ବାଦାମ' ଫେମ୍ ଅଞ୍ଜଳି ଆରୋରାଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ମଡେଲିଂ ଦୁନିଆରୁ ଅଭିନୟକୁ ଆସିଥିବା ରଜନୀଶ ଦୁଗ୍ଗଲ ଜଣେ ପ୍ରତିଭାବାନ ଅଭିନେତା। ୨୦୦୮ ମସିହାରେ ମୁକ୍ତିଲାଭ କରିଥିବା ସୁପରହିଟ୍ ହରର୍ ଫିଲ୍ମ '୧୯୨୦' ରୁ ସେ ବଲିଉଡ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେତେବେଳେ ତାଙ୍କ ଲୁକ୍ ଏବଂ ଅଭିନୟକୁ ଦେଖି ଲାଗୁଥିଲା ଯେ, ସେ ବଲିଉଡ୍‌ର ଜଣେ ଆଗଧାଡ଼ିର କଳାକାର ହେବେ। ପରବର୍ତ୍ତୀ ସମୟରେ ଭାଗ୍ୟ ତାଙ୍କ ସାଥ୍ ଦେଲାନାହିଁ। ସେ 'ଡେଞ୍ଜରସ ଇସ୍କ', 'ଏକ ପହେଲି ଲୀଲା', 'ଲାଲ୍ ଇସ୍କ' ଏବଂ 'ବଜହ୍ ତୁମ୍ ହୋ' ଭଳି ଅନେକ କମ୍ ବଜେଟ୍ ଏବଂ ଫ୍ଲପ୍ ଫିଲ୍ମରେ କାମ କଲେ। ବଲିଉଡ୍‌ରେ ବଡ଼ ସଫଳତା ନ ମିଳିବାରୁ ସେ ଅନେକ ଟେଲିଭିଜନ ଶୋ କରିବାକୁ ଲାଗିଲେ। ଏବେ ସେ ଓଟିଟି ପ୍ଲାଟଫର୍ମରେ 'ଇନ୍ସପେକ୍ଟର ଅବିନାଶ' ଭଳି ଶୋ'ରେ ନଜର ଆସୁଛନ୍ତି, କିନ୍ତୁ ଯେଉଁ ଷ୍ଟାରଡମ୍‌ର ସେ ହକଦାର ଥିଲେ, ତାହା ଏପର୍ଯ୍ୟନ୍ତ ତାଙ୍କୁ ମିଳିପାରି ନାହିଁ। ରଜନୀଶଙ୍କ କ୍ୟାରିୟର ପାଇଁ ଏହି ନୂଆ 'ରାମାୟଣ'ରେ ରାବଣର ଶକ୍ତିଶାଳୀ ଚରିତ୍ର ଏକ ବଡ଼ ଟର୍ଣ୍ଣିଂ ପଏଣ୍ଟ ସାବ୍ୟସ୍ତ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ରାବଣ ଭଳି ଏକ ଜଟିଳ ଏବଂ ପ୍ରଭାବଶାଳୀ ଚରିତ୍ର ପାଇଁ ଜଣେ ଅଭିନେତାଙ୍କୁ ଲୁକ୍, ବଡି ଲାଙ୍ଗୁଏଜ୍ ଏବଂ ଶକ୍ତିଶାଳୀ ଡାଇଲଗ୍ ଡେଲିଭରି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ପଡ଼ିଥାଏ।

ବଲିଉଡ୍ ଇତିହାସରେ ଅରବିନ୍ଦ ତ୍ରିବେଦୀ କିମ୍ବା ନିକିତିନ ଧୀରଙ୍କ ଭଳି କଳାକାରମାନେ ରାବଣ ଭୂମିକା କରି ବେଶ୍ ଲୋକପ୍ରିୟତା ଅର୍ଜନ କରିଛନ୍ତି। ଯଦି ରଜନୀଶ ରାବଣ ଚରିତ୍ରକୁ ଦର୍ଶକଙ୍କ ହୃଦୟରେ ବସାଇବାରେ ସଫଳ ହୁଅନ୍ତି, ତେବେ ବର୍ଷ ବର୍ଷ ଧରି ସେ ଅପେକ୍ଷା କରିଥିବା ମେଗା ହିଟ୍ ତାଙ୍କୁ ମିଳିଯାଇପାରେ। ଅପରପକ୍ଷରେ ରଣବୀର କପୁର-ଯଶ୍‌ଙ୍କ 'ରାମାୟଣ'ର କ୍ରେଜ୍ ଭିତରେ ଏହି ଛୋଟ ବଜେଟ୍‌ର ଫିଲ୍ମଟି ଦର୍ଶକଙ୍କୁ କେତେ ଆକୃଷ୍ଟ କରୁଛି, ତାହା ଦେଖିବାକୁ ବାକି ରହିଲା।



ସୁନିଆ

ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥୀରେ ସୁନିଆ ପର୍ବ ଓ ବାମନ ଉତ୍ସବ ପାଳନ କରାଯାଏ। ଏଥର ଏହି ପର୍ବ ସେପ୍ଟେମ୍ବର ୨୩ ତାରିଖରେ ପାଳନ ହେବ। ଏହିଦିନ ବାମନ ଅବତାରରେ ବିଷ୍ଣୁ ଅଦିତିଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। ଅନ୍ୟପକ୍ଷରେ ଏହି ଦିନ ଗଜପତିଙ୍କ ନୂଆ ଅଙ୍କ ଆରମ୍ଭ ହୁଏ। ତେଣୁ ଏହାକୁ ଉତ୍କଳୀୟ ନବବର୍ଷ ବୋଲି କୁହାଯାଏ। ଓଡ଼ିଆ ଜାତକରେ ବର୍ଷ, ମାସ, ତାରିଖ ଓ ନକ୍ଷତ୍ର ଲେଖା ଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିଆସନ ବର୍ଷର ଗଣନା ହୋଇଥାଏ। ଏହିଦିନ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ମହାରାଜାଙ୍କୁ ଆଶୀର୍ବାଦ କରିଥାନ୍ତି। ସେହିପରି ସମସ୍ତଙ୍କୁ ଶ୍ରୀନଅରରେ ମହାପ୍ରସାଦ ମଧ୍ୟ ବଣ୍ଟାଯାଏ। ତେବେ ସୁନିଆରେ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ଅଛି। ଏହିଦିନ ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ କଟାଯାଇ ନୂତନ ଅଙ୍କର ଗଣନା ଆରମ୍ଭ ହୁଏ। ଅବଶ୍ୟ ଏବେ ରାଜତନ୍ତ୍ର ନ ଥିଲେ ମଧ୍ୟ ରାଜ ପରିବାରମାନଙ୍କରେ ଏହିପର୍ବ ଯଥାବିଧି ପାଳିତ ହୋଇ ଆସୁଛି।

ଅନନ୍ତ ବ୍ରତ

ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀରେ ପାଳନ କରାଯାଏ ଅନନ୍ତ ବ୍ରତ। ଉଭୟ ପୁରୁଷ ଓ ମହିଳା ଏହି ବ୍ରତ ପାଳନ କରନ୍ତି। ଏହି ଦିନ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ଭଗବାନ ବିଷ୍ଣୁଙ୍କ ଅନନ୍ତ ଶୟନ ମୁଦ୍ରା ପୂଜା ପାଏ। ସେହିପରି ଥରେ ଏହି ବ୍ରତ କଲେ ୧୪ ବର୍ଷ ପର୍ଯ୍ୟନ୍ତ ଅତ୍ୟନ୍ତ ନିଷ୍ଠାର ସହ ଏହାକୁ ପାଳନ କରାଯାଏ। ମହାଭାରତ କାଳରେ ଅନନ୍ତ ଚତୁର୍ଦ୍ଦଶୀ ବ୍ରତ ଆରମ୍ଭ ହୋଇଥିବା କୁହାଯାଏ। ତେବେ ଅନନ୍ତ ବ୍ରତରେ ଭଗବାନ ବିଷ୍ଣୁଙ୍କ ଅନନ୍ତ ସ୍ୱରୂପକୁ ପ୍ରସନ୍ନ କରିବା ଏବଂ ଅନନ୍ତ ଫଳ ପାଇବା ଇଚ୍ଛାରେ ଏହି ବ୍ରତ ରଖଯାଏ। ଏହି ଦିନ ବ୍ରତ ରଖାଯାଏ ଏବଂ ବିଷ୍ଣୁ ସହସ୍ରନାମ ପାଠ କରାଯାଏ।

ଧାତୁ ନିର୍ମିତ ଅନନ୍ତଙ୍କ ପ୍ରତିମା ପୂଜା କରାଯାଏ। ଅନନ୍ତ ଦେବଙ୍କ ପ୍ରତିମା ଚତୁର୍ଭୁଜ ବିଶିଷ୍ଟ ହେବା ଆବଶ୍ୟକ। ନାନା ରତ୍ନ ଅଳଙ୍କାର ସହିତ ଚାରିଭୁଜରେ ଶଙ୍ଖ, ଚକ୍ର, ଗଦା , ପଦ୍ମ ଧାରଣ କରିଥାନ୍ତି। ସେହିପରି ଏହିଦିନ ପୁରୁଣା ବ୍ରତକୁ ଫିଟାଯାଏ ଏବଂ ତାହାକୁ କ୍ଷୀରରେ ପକାଯାଏ। ଏହାପରେ ବ୍ରତଧାରୀ ନୂଆ ବ୍ରତ ଧାରଣ କରନ୍ତି। ପୁରୁଷମାନେ ଡାହାଣ ଏବଂ ମହିଳାମାନେ ବାମ ମଣିବନ୍ଧରେ ବ୍ରତ ଧାରଣ କରନ୍ତି। ଏହି ବ୍ରତକୁ ରକ୍ଷାସୂତ୍ର ମଧ୍ୟ କୁହାଯାଏ। ତେବେ ବ୍ରତରେ ପଡୁଥିବା ୧୪ ଗଣ୍ଠି ଭଗବାନ ଶ୍ରୀହରିଙ୍କ ୧୪ ଲୋକର ପ୍ରତୀକ ବୋଲି କୁହାଯାଇଥାଏ। ଧନ ଓ ସନ୍ତାନ ପ୍ରାପ୍ତି କାମନାରେ ଏହି ବ୍ରତ ପାଳନ କରାଯାଏ। ଏହି ବ୍ରତ ସମସ୍ତ ପ୍ରକାର କଷ୍ଟରୁ ମୁକ୍ତି ଦେଇ ସମସ୍ତ ବିପତ୍ତିରୁ ଉଦ୍ଧାର କରିଥାଏ।

ଭାଗବତ ଜନ୍ମ

ଶ୍ରୀମଦ୍ ଭାଗବତ ହେଉଛି ଭଗବାନଙ୍କ ବାଙ୍ମୟ ରୂପ। ଭାଦ୍ରବ ପୂର୍ଣ୍ଣିମା ଦିନ ଭାଗବତ ଜନ୍ମ ପାଳନ କରାଯାଏ। ମହର୍ଷି ବ୍ୟାସଦେବ ଏହିଦିନ ଶ୍ରୀମଦ୍ ଭାଗବତର ରଚନା କରିଥିଲେ ବୋଲି କୁହାଯାଏ। ମୂଳ ସଂସ୍କୃତ ଭାଗବତକୁ ଅତିବଡ଼ି ଜଗନ୍ନାଥ ଦାସ ନବାକ୍ଷରୀ ଛନ୍ଦରେ ଓଡ଼ିଆରେ ରଚନା କରିଛନ୍ତି। ତେଣୁ ଏହିଦିନ ଜଗନ୍ନାଥ ଦାସଙ୍କ ବିରଚିତ 'ଓଡ଼ିଆ ଭାଗବତ' ପାଇଁ ଉତ୍ସର୍ଗୀକୃତ।

ଭାଗବତ ଜନ୍ମକୁ 'ଭାଗବତ ବଡ଼ା' ମଧ୍ୟ କୁହାଯାଏ। ଭାଦ୍ରବ ଶୁକ୍ଳ ନବମୀଠାରୁ ଆରମ୍ଭ ହେଉଥିବା ଭାଗବତ ପାରାୟଣ ଏହିଦିନ ସମାପନ ହୁଏ। ତେବେ ଭାଗବତ ପାରାୟଣର ଯେଉଁ ବିଧି ଅଛି, ତାହାକୁ 'ଭାଗବତ ସପ୍ତା' କୁହାଯାଏ। ଏହାର ଅର୍ଥ ସାତଦିନ ପର୍ଯ୍ୟନ୍ତ ବା ସପ୍ତାହବ୍ୟାପୀ ଭାଗବତ ପାଠ।

ଏହିଦିନ ଭାଗବତ ପୋଥିକୁ ଶ୍ରୀକୃଷ୍ଣଙ୍କର ବିଗ୍ରହ ଭାବେ ଭୋଗ ନୈବେଦ୍ୟ ଅର୍ପଣ କରାଯାଏ। ପୂର୍ବରୁ ଗାଁ ଗାଁରେ ଭାଗବତ ଟୁଙ୍ଗି ଥିଲା। ଏଠାରେ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପାଠ କରାଯାଉଥିଲା। ଗାଁର ବୟସ୍କ, ମହିଳା, ପୁରୁଷ, ଛୋଟ ପିଲା ସମସ୍ତେ ଏହି ଗୋଟିଏ ସ୍ଥାନରେ ବସି ଭାଗବତର ଅମୃତ ବାଣୀ ଶୁଣନ୍ତି। ସେଥିପାଇଁ ଭାଗବତ ଘରେ ଘରେ ପୂଜା ପାଏ। ପରମ ଶାସ୍ତ୍ର ଭାଗବତ ପାଠ ତଥା ଏହାର ଶ୍ରବଣ ଦ୍ୱାରା ଉଭୟ ଶ୍ରୋତା, ବକ୍ତା ଓ ପ୍ରଶ୍ନକର୍ତ୍ତା ସମସ୍ତେ ମୋକ୍ଷ ତଥା ପରମାତ୍ମାଙ୍କ ସାନ୍ନିଧ ଲାଭ କରନ୍ତି। ମହାପୁରାଣ ଭାଗବତ ବାରଖଣ୍ଡରେ ବିଭକ୍ତ। ପ୍ରତିଖଣ୍ଡରେ ୧୦-୩୦ଟି ଅଧ୍ୟାୟ ଥିବା ବେଳେ ପ୍ରତି ଅଧ୍ୟାୟରେ ୫୦-୩୦୦ ପଦ ଅଛି। ସେହିପରି ଏହାକୁ ଏଭଳି ଭାବେ ରଚନା କରାଯାଇଛି ଯେ, ପ୍ରତିଦିନ ଗୋଟିଏ ଗୋଟିଏ ଅଂଶକୁ ୩୬୫ ଦିନ ପର୍ଯ୍ୟନ୍ତ ପାଠ କରାଯାଇପାରିବ। ଏ ଦୃଷ୍ଟିରୁ ଭାଗବତ ହେଉଛି ବ୍ୟାପକତାର ପରିଚୟ। ଅନ୍ୟ ଏକ ମତରେ, ଶୁକମୁନି ରାଜ ପରୀକ୍ଷିତଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କୁ ମହର୍ଷି ବ୍ୟାସକୃତ ଶ୍ରୀମଦ୍‌ଭାଗବତ ଶୁଣାଇ ଥିଲେ। ଭାଦ୍ରବ ପୂର୍ଣ୍ଣିମାରେ ତାହା ସମାପନ ହୋଇଥିଲା। ତେବେ ଯାହା ହେଉ, ଭାଗବତରେ ଅମୂଲ୍ୟ ଉପଦେଶ ରହିଛି। ମଣିଷକୁ ସତ୍‌ମାର୍ଗରେ ଯିବା ପାଇଁ ସେଥିପାଇଁ ଭାଦ୍ରବ ପୂର୍ଣ୍ଣମୀ ଭାଗବତ ଜନ୍ମର ପୁଣ୍ୟ ତିଥି ଭାବେ ପାଳନ କରାଯାଉଛି। ସେଥିପାଇଁ କୁହାଯାଇଛି- 'ପରମ ଶାସ୍ତ୍ର ଭାଗବତ। ଅଭ୍ୟାସ କରୁଥିବା ନିତ୍ୟ।' ଚଳିତବର୍ଷ ସେପ୍ଟେମ୍ବର ୨୬ ତାରିଖରେ ଏହା ପଡୁଛି।

ଲକ୍ଷ୍ମୀ ନାରାୟଣ ଯୋଗ

ବଦଳିବ ୪ ରାଶିଙ୍କ ଭାଗ୍ୟ

ଏଥର ପିତୃପକ୍ଷ ଲକ୍ଷ୍ମୀ ନାରାୟଣ ଯୋଗରୁ ଆରମ୍ଭ ହେବ। ପିତୃପକ୍ଷ ଆରମ୍ଭ ହେବାର ଦିନକ ପୂର୍ବରୁ ଅର୍ଥାତ୍ ସେପ୍ଟେମ୍ବର ୨୬ରେ ଶୁକ୍ର ତୁଳା ରାଶିକୁ ପ୍ରବେଶ କରିବେ। ଏଠାରେ ଏବେ ବୁଧ ବିରାଜମାନ ଅଛନ୍ତି। ଶୁକ୍ର-ବୁଧ ସଂଯୋଗ ଯୋଗୁଁ ଲକ୍ଷ୍ମୀ ନାରାୟଣ ଯୋଗ ସୃଷ୍ଟି ହେବ। ତେବେ ଏହା ଏକ ଶକ୍ତିଶାଳୀ ଯୋଗ ହୋଇଥିବାରୁ ଏହାକୁ ବେଶ୍ ଦୁର୍ଲଭ ବୋଲି କୁହାଯାଏ। ସେପ୍ଟେମ୍ବର ୨୭ରୁ ଏହି ଅଦ୍ଭୁତ ସଂଯୋଗର ଲାଭ ୪ ରାଶିଙ୍କୁ ମିଳିବ।

ମିଥୁନ: ମିଥୁନ ରାଶି ବ୍ୟକ୍ତିବିଶେଷଙ୍କୁ ଲକ୍ଷ୍ମୀ ନାରାୟଣ ଯୋଗ ଦ୍ୱାରା ପୁରୁଣା ନିବେଶରୁ ଲାଭ ମିଳିବ। କୌଣସି ବଡ଼ ଖୁସି ଖବର ମିଳିବ। ଅଟକି ରହିଥିବା କାମ ପୂରା ହେବ। ସେୟାର୍ ବଜାର, ମିଡିଆ ସହ ଜଡ଼ିତ ଲୋକଙ୍କୁ ଲାଭ ମିଳିବ।

ତୁଳା: ତୁଳା ରାଶି ବ୍ୟକ୍ତିଙ୍କୁ ପିତୃପୁରୁଷଙ୍କ ଆଶୀର୍ବାଦରୁ ବ୍ୟବସାୟରେ ଲାଭ ମିଳିବ। ବିଦେଶ ଯାତ୍ରା ଯୋଗ ରହିଛି। ବିଦେଶ ସହ ଜଡ଼ିତ କାମରେ ସଫଳତା ମିଳିବ। ମାନସିକ ଚାପ କମ୍ ହେବ।

ଧନୁ: ଶ୍ରାଦ୍ଧ ପକ୍ଷରୁ ଧନୁ ରାଶି ବ୍ୟକ୍ତିଙ୍କ ଉଭୟ ଆୟ ଏବଂ ଖର୍ଚ୍ଚ ବଢ଼ିବ। ନୂତନ ଚାକିରି ଯୋଗ ରହିଛି। ବ୍ୟବସାୟରେ ଲାଭ ହେବ।

କୁମ୍ଭ: ଭାଗ୍ୟ ସାଥ୍ ଦେବ। ମିଡିଆ, ମାର୍କେଟିଂ, କଳା ସହ ଜଡ଼ିତ ଲୋକଙ୍କୁ ଖୁସି ଖବର ମିଳିବ। ଆୟର ନୂଆ ପଥ ଉନ୍ମୁକ୍ତ ହେବ। ବୈବାହିକ ଜୀବନରେ ମଧୁରତା ବଢ଼ିବ।

ବାହାଘର ପୂର୍ବରୁ ଘରେ କେଉଁ ଜିନିଷ ରଖିବେନି

ଘରେ ବିବାହ ଭଳି ମାଙ୍ଗଳିକ କାର୍ଯ୍ୟ ହେଉଥିଲେ ଘରକୁ ସୁନ୍ଦର ଓ ପରିଷ୍କାର ରଖିବା ଉଚିତ। ତେବେ ବାସ୍ତୁ ଅନୁସାରେ ବାହାଘର ପୂର୍ବରୁ କିଛି ଜିନିଷ ଏଭଳି ଅଛି, ଯାହାକୁ ଘରୁ ବାହାର କରିଦେବା ଭଲ।

- ଘରେ କୌଣସି ପ୍ରକାର ଭଙ୍ଗା କାଚ ଥିଲେ ତାହାକୁ ତୁରନ୍ତ ଘରୁ ବାହାର କରି ଦିଅନ୍ତୁ। ଏହାକୁ ନକାରାତ୍ମକ ଶକ୍ତି ସହିତ ଯୋଡ଼ି ଦେଖାଯାଏ।
- ଘରେ ଘଣ୍ଟା ଖରାପ ହୋଇଯାଇଥିଲେ ତାହାକୁ ବାହାର କରି ଦିଅନ୍ତୁ। ବାସ୍ତୁ ଅନୁସାରେ, ଏହା ଉନ୍ନତିରେ ବାଧା ଆଣେ।
- ଡ୍ରେସ ଆଲମାରିକୁ ସଫା ରଖନ୍ତୁ। ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟବହାର କରୁ ନ ଥିବା ପୋଷାକକୁ ଅସହାୟଙ୍କୁ ଦାନ ଦିଅନ୍ତୁ।

- ବାସ୍ତୁ ଅନୁସାରେ, ଶୁଖିଲା ତଥା ଝାଉଁଳା ଗଛ ଘରେ ରଖନ୍ତୁ ନାହିଁ। ଘରେ କୌଣସି ଗଛ ଶୁଖିଯାଇଥିଲେ ତାହାକୁ ତୁରନ୍ତୁ ବାହାର କରିଦିଅନ୍ତୁ। ଏହା ଦ୍ୱାରା ଘରେ ନକାରାତ୍ମକତା ରହିବ ନାହିଁ, ସୁନ୍ଦର ଲାଗିବ।
- ବାସ୍ତୁ ଶାସ୍ତ୍ର ଅନୁସାରେ, ଖରାପ ବୈଦ୍ୟୁତିକ ଉପକରଣ ଏବଂ କଳଙ୍କି ଲାଗିଥିବା ଜିନିଷକୁ ଘରେ ରଖନ୍ତୁ ନାହିଁ। କାର୍ଯ୍ୟରେ ବାଧା ସୃଷ୍ଟି କରେ।

ଆଇଚି-ନାଗୋୟା ଏସିଆନ୍ ଗେମ୍ସ

ଡବଲ ରୌପ୍ୟରୁ ଭାରତର ପଦକ ଅଭିଯାନ

ଟୋକିଓ,୨୦।୯ (ଏଜେନ୍ସି)

ଆଇଚି-ନାଗୋୟାଠାରେ ଆଜିଠାରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି ଏସିଆନ ଗେମ୍ସ-୨୦୨୬ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଭାରତକୁ ଡବଲ ରୌପ୍ୟ ପଦକ ସଫଳତା ମିଳିଛି। ଉଭୟ ପଦକ ସୁଟିଂରୁ ମିଳିଛି। ଏଲାଭେନିଲ ଭାଲାରିଭାନ ଉଭୟ ପଦକ ଜିତାଇବାରେ ସଫଳ ହୋଇଛନ୍ତି। ଏହା ଛଡ଼ା ପ୍ରଥମ ଦିନରେ ଭାରତ ଆଉ କିଛି ପଦକ ଜିତିବା ସ୍ପଷ୍ଟ କରିଛି। କ୍ରିକେଟରେ ମହିଳା ଦଳ ଫାଇନାଲରେ ପ୍ରବେଶ କରିବା ଫଳରେ ଅତିକମ୍‌ରେ ରୌପ୍ୟ ପଦକ ନିଶ୍ଚିତ କରିଛି। ସ୍ୱର୍ଣ୍ଣପଦକ ଲାଗି ମଙ୍ଗଳବାର ଶ୍ରୀଲଙ୍କା ସହ ଭାରତର ମୁକାବିଲା ହେବ। ମିକ୍ସଡ ମାର୍ଶିଆଲ ଆର୍ଟ୍ସରେ ଫାଇଟର ସୁଚିକା ତାରିୟାଲ ଆଉ ଏକ ପଦକ ନିଶ୍ଚିତ କରିଛନ୍ତି। ମହିଳା ପାରମ୍ପରିକ ଏମ୍‌ଏମ୍‌ଏ ୬୦ କିଲୋଗ୍ରାମ୍ ଲଢ଼େଇରେ ସୁଚିକା ସେମିଫାଇନାଲରେ ପ୍ରବେଶ କରିବା ଫଳରେ ଭାରତକୁ ଆଉ ଏକ ପଦକ ମିଳିବା ନିଶ୍ଚିତ ହୋଇଛି। ହକି ଓ ଟିଟିରେ ଭାରତର ଉଭୟ ଦଳ ଉଦ୍‌ଘାଟନୀ ମୁକାବିଲାରେ ସହଜ ବିଜୟ ହାସଲ କରିଛନ୍ତି। ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳ କ୍ୱାର୍ଟର ଫାଇନାଲରେ ଶକ୍ତିଶାଳୀ ଜାପନ ସହ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଟେକ୍‌ବଲରେ ଭାରତକୁ ଉଭୟ ମହିଳା ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସରେ ଚତୁର୍ଥ ସ୍ଥାନ ମିଳିଛି। କ୍ୱିମ୍‌ସି ଡି ସୁଜା ଉଭୟ ମୁକାବିଲାରେ ପରାଜିତ ହୋଇଛନ୍ତି। ପୁରୁଷ ୧୦୦ ମିଟର ସନ୍ତରଣରେ ଓଡ଼ିଆ ପ୍ରତିଯୋଗୀ ଋଷଭ ଦାସ ୬ଷ୍ଠ ସ୍ଥାନରେ ରହିଛନ୍ତି। ଆଜିର ଖେଳରେ ଓଡ଼ିଆ ଭାବେ ଋଷଭଙ୍କ ବ୍ୟତୀତ ପୁରୁଷ ହକି ଦଳ ପାଇଁ ଖେଳୁଥିବା ଶିଳାନନ୍ଦ ଲାକ୍ରା ଡବଲ ଗୋଲ ଦେଇ ଭାରତର ବିଜୟରେ ସାମିଲ ହୋଇଛନ୍ତି। ଅନ୍ୟ ବିଭାଗରେ ଭାରତ କେବଳ ଲଢ଼ୁଆ ଖେଳରେ ସନ୍ତୁଷ୍ଟ ହୋଇଛି।

ପ୍ରଥମ ଦିନରେ ଏଲାଭେନିଲ୍ ଜିତାଇଲେ ପଦକ

୨୦ତମ ଏସିଆ ଗେମ୍ସର ପ୍ରଥମ ଦିନରେ ସୁଟିଂରେ ଭାରତକୁ ୨ଟି ପଦକ ମିଳିଛି। ଉଭୟ ପଦକ ଜିତାଇବାରେ ଏଲାଭେନିଲ ଭାଲାରିଭାନ ସଫଳ ହୋଇଛନ୍ତି। ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ୨ଟି ଯାକ ରୌପ୍ୟ ପଦକ ମିଳିଛି। ଟିମ୍ ଇଭେଣ୍ଟରେ ଏଲାଭେନିଲଙ୍କ ସହ ସୋନମ ମାସ୍କର, ବିଦାର୍ସା ବିନୋଦ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିଲେ। ଏହା ପରେ ଇଣ୍ଡିଭିଜୁଆଲ ଇଭେଣ୍ଟରେ ଏଲାଭେନିଲ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ନ ପାରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେ ୨୫୨.୪ ପଏଣ୍ଟ ପାଇଥିଲାବେଳେ ଏସୀୟ ରେକର୍ଡ କରିଥିବା ଜାପାନର ହିନତା ତାଇଚି ୨୫୩ ପଏଣ୍ଟ ପାଇ ସ୍ୱର୍ଣ୍ଣପଦକରେ ସନ୍ତୁଷ୍ଟ ହୋଇଥିଲେ। କୋରିଆର ହ୍ୟୋଜିନ୍ ବାନଙ୍କୁ କାଂସ୍ୟ ପଦକ ମିଳିଥିଲା। ଏଲାଭେନିଲଙ୍କ ନାମରେ ବିଶ୍ୱରେକର୍ଡ ଥିବାରୁ ଭାରତ ଏଥିରେ ସ୍ୱର୍ଣ୍ଣ ପଦକ ବିଜୟୀ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏହା ସମ୍ଭବ ହୋଇ ନ ଥିଲା। ଗୁଆଙ୍ଗଝୋଉ ଏସିଆନ ଗେମ୍ସରେ ଭାରତ ସୁଟିଂରୁ ୨୨ଟି ପଦକ ପାଇଥିଲା। ଏହା ମଧ୍ୟରେ ୭ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ଥିଲା। ଆଇଚି-ନାଗୋୟାରେ ଭାରତ ଏହି ସଂଖ୍ୟା ଅତିକ୍ରମ କରିବ ବୋଲି ଆଶା ରଖିଛି।

• ମହିଳା କ୍ରିକେଟରେ ଶେଫାଳିଙ୍କ ଅପରାଜିତ ଶତକ

ସ୍ୱର୍ଣ୍ଣପଦକ ଲାଗି ଭାରତ-ଶ୍ରୀଲଙ୍କା ମୁକାବିଲା

ନିଶିନ୍,୨୦।୯ (ଏଜେନ୍ସି): ଯୁବ ଓପନର ଶେଫାଳି ବର୍ମାଙ୍କ ଅପରାଜିତ ଶତକ, ନନ୍ଦିନୀ ଶର୍ମା ଓ ଦୀପ୍ତି ଶର୍ମାଙ୍କ ଚତୁର ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଏସିଆନ୍ ଗେମ୍ସ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ସେମିଫାଇନାଲରେ ବାଂଲାଦେଶକୁ ୧୧୪ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରି ଭାରତ ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଭାରତ ସହ ଶ୍ରୀଲଙ୍କାର ମୁକାବିଲା ହେବ। ଏହାର ଅର୍ଥ ସ୍ୱର୍ଣ୍ଣପଦକ ମୁକାବିଲା ଲାଗି ଭାରତ ଓ ଶ୍ରୀଲଙ୍କା ମଙ୍ଗଳବାର ଦିନ ପରସ୍ପର ସହ ଲଢ଼େଇ କରିବେ। ଅନ୍ୟ ଏକ ସେମିଫାଇନାଲରେ ଶ୍ରୀଲଙ୍କା ୮ ୱିକେଟରେ ପାକିସ୍ତାନକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଅଧିନାୟିକା ଚାମରି ଆଟାପାଟୁ ଅପରାଜିତ ୮୩ ରନ୍ କରି ଶ୍ରୀଲଙ୍କାକୁ ଜିତାଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ଶେଫାଳି ୪୯ ବଲ୍‌ରେ ୩ ଚୌକା ଓ ୯ ଛକା ସହ ଠିକ୍ ୧୦୦ ରନ୍ କରି ଟି-୨୦ କ୍ରିକେଟରେ ପ୍ରଥମ ଶତକ ହାସଲ କରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୩୩ ବଲ୍‌ରେ ୪୦ ଓ ଉପଅଧିନାୟିକା ସ୍ମୃତି ମନ୍ଧାନା ୧୯ ବଲ୍‌ରେ ୩୭ ରନ୍ କରିଥିଲା। ଜବାବରେ ଭାରତୀୟ ବୋଲିଂର ଉଚିତ ମୁକାବିଲା କରି ନ ପାରି ବାଂଲାଦେଶ ୧୫.୪ ଓଭରରେ ମାତ୍ର ୮୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦିଲାରା ଅକତର ୨୭ ରନ୍ କରିଥିଲେ। ବୋଲିଂରେ ଭାରତ ପକ୍ଷରୁ ଦୀପ୍ତି ୭ ରନ୍ ଓ ନନ୍ଦିନି ୨୫ ରନ୍ ଦେଇ ୩ଟି ଲେଖାଏଁ ୱିକେଟ ପାଇଥିଲେ। ସ୍ପିନର ଶ୍ରୀ ଚରଣିଙ୍କୁ ୨ଟି, ଶ୍ରେୟଙ୍କା ପାଟିଲ ଓ ପେସର କ୍ରାନ୍ତି ଗୌଡ଼ଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

ମନ୍ଧାନା ଟି-୨୦ରେ ଟପ୍ ସ୍କୋରର

ଏସିଆ ଗେମ୍ସର ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ୧୯ ବଲ୍‌ରୁ ୫ ଚୌକା ଓ ୨ ଛକା ସହ ୩୭ ରନ୍ କରିଥିବା ଭାରତୀୟ ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନା ବିଶ୍ୱରେ ସର୍ବାଧିକ ଟି-୨୦ ରନ୍ କରିଛନ୍ତି। ଏହି ମ୍ୟାଚ୍ ପରେ ସମସ୍ତ ଟି-୨୦ରେ ମନ୍ଧାନାଙ୍କ ମୋଟ ରନ୍ ପହଞ୍ଚିଛି ୪୭୬୧ରେ। ଏହା ଫଳରେ ନ୍ୟୁଜିଲାଣ୍ଡର ସୁଜି ବେଟ୍ସଙ୍କ ନାମରେ ଥିବା ରେକର୍ଡକୁ ମନ୍ଧାନା ଅତିକ୍ରମ କରିଥିଲେ। ବେଟ୍‌ସ ୪୭୫୮ ରନ୍ କରି ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରର ହରମନପ୍ରୀତ କୌର ୪,୨୮୭, ଶ୍ରୀଲଙ୍କାର ଚାମରି ଆଟାପାଟୁ ୪,୨୮୨ ଓ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ୩,୮୧୭ ରନ୍ କରି ପଞ୍ଚମ ସ୍ଥାନରେ ରହିଛନ୍ତି। ପୂର୍ବରୁ ମନ୍ଧାନା ମଧ୍ୟ ସମସ୍ତ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍ କରିବାର ରେକର୍ଡ କରିଥିଲେ।

ଓଡ଼ିଆ ସନ୍ତରଣକାରୀ ଋଷଭ ଷଷ୍ଠ



ନାଗୋୟା,୨୦।୯ (ଏଜେନ୍ସି): ଭାରତର ଋଷଭ ଦାସ ଏସିଆନ୍ ଗେମ୍ସ ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଫାଇନାଲରେ ଷଷ୍ଠ ସ୍ଥାନରେ ରହିଛନ୍ତି। ସନ୍ତରଣରେ ଭାରତୀୟ ସନ୍ତରଣକାରୀମାନେ ଫାଇନାଲରେ ପ୍ରବେଶ କରିବାରେ ଅସଫଳ ହେଉଥିଲାବେଳେ ଋଷଭ କିଛି ଆଶା ସୃଷ୍ଟି କରିଥିଲେ। କିନ୍ତୁ ଫାଇନାଲରେ ସେ ୫୪.୭୭ ସେକେଣ୍ଡ ସମୟ ନେଇ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ସେ ତୃତୀୟ ହିଟ୍‌ସରେ ୫୪.୮୫ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଥିଲେ। ଋଷଭ ହେଉଛନ୍ତି ଜଣେ ଓଡ଼ିଆ ଓ ସେ ମହାରାଷ୍ଟ୍ର ପକ୍ଷରୁ ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରୁଛନ୍ତି।

ଟେକ୍‌ବଲ୍‌ରେ ଡି ସୁଜା ଚତୁର୍ଥ

ଆଇଚି-ନାଗୋୟା,୨୦।୯ (ଏଜେନ୍ସି): ଏସିଆନ ଗେମ୍ସରେ ପ୍ରଥମଥର ଖେଳାଯାଉଥିବା ଟେକବଲ୍‌ରେ ଭାରତ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଛି। ଏହି ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସରେ ଭାରତର କ୍ୱିମସି ଡିସୁଜା କାଂସ୍ୟ ପଦକ ମୁକାବିଲାରେ ଜାପାନର ୟୁଇନା ସାକାମୋଟୋଙ୍କଠାରୁ ପରାଜିତ ହୋଇଯାଇଛନ୍ତି। ସେହିପରି ମିକ୍ସଡ ଡବଲ୍ସର କାଂସ୍ୟ ପଦକ ମୁକାବିଲାରେ ମଧ୍ୟ ଭାରତକୁ ପରାଜିତ ହେବାକୁ ପଡ଼ିଛି। ଭାରତ ପକ୍ଷରୁ ଡିସୁଜା ଓ ମହମ୍ମଦ୍ ଆନସ ବେଗ୍ ଭିଏତ୍‌ନାମର ହୋଆଙ୍ଗ ମିନ୍ ଥାନ୍ ଓ ଜିଆ ଏନ୍‌ଗି ଟ୍ରିନ୍‌ଙ୍କଠାରୁ ହାରିଯିବା ଫଳରେ ଭାରତ ପଦକ ଲାଭରୁ ବଞ୍ଚିତ ହୋଇଛି।

ମହିଳା ଟିଟି ଟିମ୍ ଅପରାଜେୟ

ଟୋକିଓ,୨୦।୯ (ଏଜେନ୍ସି): ଏସିଆନ ଗେମ୍ସ ମହିଳା ଟିଟି ଗ୍ରୁପ୍ ପର୍ଯ୍ୟାୟରେ ଭାରତ ତାହାର ଦୁଇଟିଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ଇଣ୍ଡୋନେସିଆକୁ ହରାଇବା ପରେ ଦଳ ଦ୍ୱିତୀୟ ମ୍ୟାଚ୍‌ରେ ସିଙ୍ଗାପୁରକୁ ୩-୨ରେ ପରାସ୍ତ କରିଛି। ପୁରୁଷ ଦଳ ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ପରାସ୍ତ କରିଥିଲା। କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ଦଳ ଇରାନଠାରୁ ପରାଜିତ ହୋଇଛି।

ମହିଳା ବ୍ୟାଡ୍‌ମିଣ୍ଟନରେ ଭାରତ ୩-୦ରେ କାଜାଖସ୍ଥାନକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ଜାପାନ ସହ ମୁକାବିଲା କରିବାକୁ ଯୋଗ୍ୟତା ଅର୍ଜନ କରିଛି।

ହକିରେ ଭାରତର ବୃହତ୍ ବିଜୟ

ମହିଳା ଦଳ ୧୯-୦ରେ ଜିତିଲା

କାକାମିଗାହାରା,୨୦।୯ (ଏଜେନ୍ସି): ଏଠାରେ ଆଜି ଅନୁଷ୍ଠିତ ଏସିଆନ ଗେମ୍ସ ମହିଳା ହକିରେ ଭାରତ ୧୯-୦ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟରେ ବୃହତ୍ ବିଜୟ ହାସଲ କରିଛି। ବିଜୟୀ ଭାରତ ପକ୍ଷରୁ ଦୀପିକା କୁମାରୀ ସର୍ବାଧିକ ୮ଟି, ଲାଲରେମସିଆମି, ଇଶିକା ୩ଟି ଲେଖାଏଁ, ବଲଜିତ କୌର, ନେହା, ନବନୀତ କୌର ଓ ଲାଲଥାଣ୍ଟଲୁଆଙ୍ଗି ୨ଟି ଲେଖାଏଁ, ସାକ୍ଷୀ ରାଣା ଗୋଟିଏ ଗୋଲ ସ୍କୋର କରିଥିଲେ। ଦୀପିକା ପେନାଲ୍ଟି କର୍ଣ୍ଣରରୁ ୬ଟି ଗୋଲ ସ୍କୋର କରିଥିଲେ। ଗ୍ରୁପ୍-ବି' ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଥିବା ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ଇଣ୍ଡୋନେସିଆ ସହ ଆସନ୍ତାକାଲି ଖେଳିବ।

ଦିଲପ୍ରୀତ୍‌ଙ୍କ ୪, ଶିଳାନନ୍ଦଙ୍କ ଡବଲ ଗୋଲ

ପୁରୁଷ ହକିରେ ଭାରତ ୧୩-୧ ଗୋଲରେ ଇଣ୍ଡୋନେସିଆକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ପକ୍ଷରୁ ଦୀଲପ୍ରିତ ସିଂହ ସର୍ବାଧିକ ୪ଟି, ଓଡ଼ିଶାର ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରା ଓ ସୁଖଜିତ ସିଂହ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ଏମାନଙ୍କ ବ୍ୟତୀତ ହରମନପ୍ରୀତ ସିଂହ, ମନଦୀପ ସିଂହ, ଜୁଗରାଜ ସିଂହ ଓ ଅଭିଷେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଭାରତ ୧୩ଟି ମଧ୍ୟରୁ ୧୦ଟି ଫିଲ୍ଡ ଗୋଲ ଦେଇଥିଲା। ସୂଚନାଯୋଗ୍ୟ ଭାରତଠାରୁ ୪୦ଟି ଗୋଲ ଖାଇବା ପରେ ଏହି ମ୍ୟାଚ୍‌ରେ ଇଣ୍ଡୋନେସିଆ ପ୍ରଥମଥର ଗୋଲ ସ୍କୋର କରିବାରେ ସଫଳ ହୋଇଛି। ଆସନ୍ତା ମଙ୍ଗଳବାର ଶ୍ରୀଲଙ୍କା ସହ ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ଖେଳିବ।

ତାକୁମି ଜିତିଲେ ପ୍ରଥମ ସ୍ୱର୍ଣ୍ଣ

ଆଇଚି-ନାଗୋୟା,୨୦।୯ (ଏଜେନ୍ସି): ଆୟୋଜକ ଜାପାନର ତାକୁମି ହୋଜୋ ଆଇଚି-ନାଗୋୟା ଏସିଆନ ଗେମ୍ସ-୨୦୨୬ର ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ରବିବାର ସକାଳେ ଅନୁଷ୍ଠିତ ଟ୍ରାଏଥଲନରେ ସେ ପ୍ରଥମସ୍ଥାନ ଅଧିକାର କରି ଏହି ସଫଳତା ପାଇଛନ୍ତି। ଏହି ସ୍ୱର୍ଣ୍ଣ ବିଜୟ ସହ ସେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌ସକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି।

୧୩ ବର୍ଷରେ ଗେମ୍ସ ରେକର୍ଡ

ଚୀନ୍‌ର ୟୁ ଜିଦି ମାତ୍ର ୧୩ ବର୍ଷ ବୟସରେ ଏସୀୟ ରେକର୍ଡ ଭାଙ୍ଗିବା ସହ ମହିଳା ୨୦୦ ମିଟର ବଟରଫ୍ଲାଏରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଆସନ୍ତାମାସ ୧୪ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ୟୁ ଏହି ଦୂରତାକୁ ୨ ମିନିଟ୍ ୦୫.୦୮ ସେକେଣ୍ଡରେ ଅତିକ୍ରମ କରି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ୩ ବର୍ଷ ତଳେ ଗୁଆଙ୍ଗଝୋଉ ଏସିଆନ୍ ଗେମ୍ସରେ ଚୀନ୍‌ର ଆଉ ଜଣେ ପ୍ରତିଯୋଗୀ ଝାଙ୍ଗ ୟୁଫେଇ ୨ମିନିଟ୍ ୦୫.୫୭ ସେକେଣ୍ଡ ସମୟ ନେଇ ଏହି ରେକର୍ଡ କରିଥିଲେ। ଗତବର୍ଷ ମାତ୍ର ୧୨ ବର୍ଷ ବୟସରେ ଚୀନ୍‌ର ୪ ଗୁଣା ୨୦୦ ଫ୍ରିଷ୍ଟାଇଲ ରିଲେ ଟିମ୍‌ରେ ଭାଗନେଇ ବିଶ୍ୱ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ସେ ବିଶ୍ୱର ସର୍ବକନିଷ୍ଠ ବିଶ୍ୱଚାମ୍ପିଅନସିପ ପଦକ ବିଜେତା ଭାବେ ବିବେଚିତ ହୋଇଥିଲେ।

ପଦକ ପକ୍କା କଲେ ସୁଚିକା

କାକାମିଗାହାରା,୨୦।୯ (ଏଜେନ୍ସି): ଭାରତର ସୁଚିକା ତରିଆଲ ଏସିଆନ୍ ଗେମ୍ସରେ ଭାରତ ଲାଗି ଆଉ ଏକ ପଦକ ପକ୍କା କରିଛନ୍ତି। ସେ ଏମ୍‌ଏମ୍‌ଏ (ମିକ୍ସଡ ମାର୍ଟିଆଲ ଆର୍ଟ୍ସ)ର ମହିଳା ପାରମ୍ପରିକ ୬୦ କେଜି ସେମିଫାଇନାଲରେ ପ୍ରବେଶ କରିବା ଫଳରେ ନିୟମ ଅନୁଯାୟୀ ପଦକ ବିଜୟୀ ହେବେ। ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ସେ ମଙ୍ଗୋଲିଆର ପ୍ରତିଯୋଗୀଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିରେ ସେ ସିଙ୍ଗାପୁରର ହୁଇ ହୁନ୍ ଟେଓଙ୍କୁ ଭେଟିବେ। ଏହି ମୁକାବିଲାରେ ସେ ପରାଜିତ ହେଲେ ମଧ୍ୟ ଅତିକମ୍‌ରେ କାଂସ୍ୟ ପଦକ ହାସଲ କରିବେ। ସୂଚନାଯୋଗ୍ୟ ଏମ୍‌ଏମ୍‌ଏ ୬ଟି ଭିନ୍ନ ଭିନ୍ନ ଖେଳକୁ ନେଇ ଆୟୋଜିତ ହୋଇଥାଏ। ଏହି ଖେଳଗୁଡିକ ହେଲା, ଫ୍ରିଷ୍ଟାଇଲ ବିଏମ୍‌ଏକ୍ସ, ଟେକବଲ୍, ପାଡେଲ, ସର୍ଫିଙ୍ଗ୍ ଓ ଭର୍ଚୁଆଲ ଟାଏକ୍ୱୋଣ୍ଡୋ।

ଏହି ପ୍ରତିଯୋଗିତାର ପୁରୁଷ ବିଭାଗରେ ଭାଗନେଇଥିବା ଏକମାତ୍ର ପ୍ରତିଯୋଗୀ ବରୁଣ ସାନ୍ୟାଲ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୱାର୍ଟର ଫାଇନାଲ ଲଢ଼େଇରୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଓଜନ କମାଇବାକୁ ଯାଇ ସେ ପୂର୍ବଦିନ କିଛି ଖାଇ ନ ଥିଲେ। ଫଳରେ କ୍ରୁଇଜ୍‌ରେ ଥିଲାବେଳେ ଅସୁସ୍ଥ ହୋଇପଡ଼ିଥିଲେ। ନେପାଳର ଜଣେ ପ୍ରତିଯୋଗୀ ବରୁଣଙ୍କୁ ଅସୁସ୍ଥ ଅବସ୍ଥାରେ ଦେଖି ମେଡିକାଲ ନେଇଥିଲେ। ଚିକିତ୍ସା ପରେ ଏବେ ସେ ସୁସ୍ଥ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ବରୁଣ ବିନା ଲଢ଼େଇରେ ବିଦାୟ ନେଇଛନ୍ତି। ବରୁଣ ହେଉଛନ୍ତି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦର ସଦସ୍ୟ ସଞ୍ଜୀବ ସାନ୍ୟାଲଙ୍କ ପୁଅ।

କଟକ ପାନ୍ଥର୍ସ -ସମ୍ବଲପୁର ୱାରିୟର୍ସ ଜୋରଦାର ମୁକାବିଲା

ଓଡ଼ିଶା ଟି-୨୦ ଲିଗ୍ ଉଦ୍‌ଘାଟିତ

କଟକ ପାନ୍ଥର୍ସ

ଭୁବନେଶ୍ୱର,୨୦।୯ (ସମିସ)

କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଟୁର୍ଣ୍ଣାମେଣ୍ଟର ଦୁଇ ବ୍ରାଣ୍ଡ ଆମ୍ବାସାଡର ତଥା ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସୁରେଶ ରାଇନା ଓ ଦେବାଶିଷ ମହାନ୍ତି, ଟୁର୍ଣ୍ଣାମେଣ୍ଟ ସ୍ପନସର ଭାରତ ମସଲା ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖଶାସନ ସଚିବ ଭୁପେନ୍ଦ୍ର ସିଂ ପୁନିଆ, ଓଡ଼ିଶା କ୍ରିକେଟ ସଂଘର କର୍ମକର୍ତ୍ତା, ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନଙ୍କ ସହ ତିର୍ତ୍ତୋଲ, କଟକ-ଚୌଦ୍ୱାର, କଟକ-ବାରବାଟୀ, କଟକ-ସଦର ବିଧାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତ ୬ଟି ଦଳର ଫ୍ରାଞ୍ଚାଇଜ୍ ମାଲିକ ଓ ଅଧିନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଚଳଚ୍ଚିତ୍ର ଅଭିନେତ୍ରୀ ମୌନି ରୟ ଓ ତାଙ୍କ ଟିମ୍ ନୃତ୍ୟଗୀତ ପରିବେଷଣ କରିଥିଲେ। ଟିମ୍ ପରେଡ୍‌ରେ ଓଲିଉଡ୍ ଅଭିନେତ୍ରୀ ଭୂମିକା, ଶିବାନି, ସ୍ୱପ୍ନା, ଏଲିନା, ଶିତଲ ଓ କୁକିଜ୍ ପ୍ରମୁଖ ଖେଳାଳିଙ୍କ ସହ ଆସିଥିଲେ। ନୃତ୍ୟଗୀତରେ ଉପସ୍ଥିତ ଦର୍ଶକ ବିଭୋର ହୋଇଥିଲେ।

ଗୌରବ, ଶାନ୍ତନୁଙ୍କ ଅର୍ଦ୍ଧଶତକ : ଏହି ମ୍ୟାଚ୍‌ରେ କଟକ ପାନ୍ଥର୍ସ ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୯୩ ରନ୍‌ର ବିଶାଳ ସ୍କୋର କରିଥିଲା। ପ୍ରଥମ ୱିକେଟରେ ଗୌରବ ଚୌଧୁରୀ ଓ ଶାନ୍ତନୁ ମିଶ୍ର ୧୨.୫ ଓଭରରେ ୧୩୫ ରନ୍ ଉଠାଇଥିଲେ। ଗୌରବ ୪୬ ବଲ୍‌ରେ ୯ ଚୌକା ଓ ୬ ଛକା ସହ ୯୨ ଏବଂ ଶାନ୍ତନୁ ୪୦ ବଲ୍‌ରେ ୬ ଚୌକା ଓ ୨ ଛକା ସହ ୬୦ ରନ୍ କରିଥିଲେ। କଟକ ଦଳ ପକ୍ଷରୁ ଅଭିଷେକ ସିଂ ୩ଟି ଓ ଅଧିନାୟକ ବିପ୍ଳବ ସାମନ୍ତରାୟ ୨ଟି ୱିକେଟ ନେଇଥିଲେ। ଜବାବରେ କଟକ ଦଳ ଶେଷ ଖବର ସୁଦ୍ଧା ୪୨ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଛି। ଅଧିନାୟକ ବିପ୍ଳବ ସାମନ୍ତରାୟ ଆଉଟ ହୋଇଯାଇଛନ୍ତି। ସମ୍ବଲପୁର ପକ୍ଷରୁ ସୌମ୍ୟରଞ୍ଜନ ଲେଙ୍କା ପ୍ରଥମ ଦୁଇଟି ୱିକେଟ ଅକ୍ତିଆର କରି କଟକର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ରନର୍ସ ଅପ୍ ସମ୍ବଲପୁର ଏହି ମ୍ୟାଚ ଜିତିବାର ନିକଟତର ହୋଇଛି। ଗତବର୍ଷ ଭଳି ଏଥର ମଧ୍ୟ ୬ଟି ଫ୍ରାଞ୍ଚାଇଜ ମଧ୍ୟରେ ୯ ଦିନ ଧରି ଟ୍ରଫି ପାଇଁ ଲଢ଼େଇ ହେବ।

• ଅଲ୍ ଓଡ଼ିଶା ୬-ରେଡ୍ ଓପନ ସ୍ନୁକର

ଆଶୁତୋଷଙ୍କୁ ହରାଇ ଆକାଶ ଚାମ୍ପିଅନ

ଭୁବନେଶ୍ୱର,୨୦।୯ (ସମିସ): ଓଡ଼ିଶାର ନଂ-୧ ଖେଳାଳି ଆଶୁତୋଷ ପାଢ଼ୀଙ୍କୁ ୬-୫ ଫ୍ରେମ୍‌ରେ ପରାସ୍ତ କରି ଚ୍ୟାଲେଞ୍ଜର ଆକାଶ ମହାପାତ୍ର ଦ୍ୱିତୀୟ ଜିକେ ଅଲଓଡ଼ିଶା ୬-ରେଡ୍ ଓପନ ସ୍ନୁକର ଚାମ୍ପିଅନ ହୋଇଛନ୍ତି। କଟକ ସିଡିଏସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଆଜି ଅନୁଷ୍ଠିତ ଏହି ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ ପୂର୍ବତନ ରାଜ୍ୟ ଚାମ୍ପିଅନ ଆକାଶ ଏକ ବଡ଼ ବିପର୍ଯ୍ୟୟ ସହ ଟାଇଟଲ କବ୍‌ଜା କରିଛନ୍ତି। ଖେଳ ଶେଷରେ ଜିକେ ଗ୍ରୁପ୍ ଅଫ୍ କମ୍ପାନୀର ନିର୍ଦ୍ଦେଶକ ଜ୍ଞାନରଞ୍ଜନ ବେହେରା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଆକାଶଙ୍କୁ ଟ୍ରଫି ସହ ୨୫,୦୦୦ ଟଙ୍କା, ରନର୍ସଅପ୍ ଆଶୁତୋଷଙ୍କୁ ଟ୍ରଫି ସହ ୧୨,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ବିଲିଆର୍ଡସ ଆଣ୍ଡ ସ୍ନୁକର ଆସୋସିଏସନ ସମ୍ପାଦକ ସମୀର ଅଲି, ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ଓ ଅନ୍ୟ ପ୍ରାୟୋଜକମାନେ ଉତ୍ସବରେ ଉପସ୍ଥିତ ଥିଲେ।

୧୧ ସ୍ୱର୍ଣ୍ଣ ସହ ଶୀର୍ଷରେ ଚୀନ୍

ଟୋକିଓ,୨୦।୯ (ଏଜେନ୍ସି): ଆଇଚି-ନାଗୋୟା ଏସିଆନ ଗେମ୍ସର ପ୍ରଥମ ଦିନରେ ଚୀନ୍ ୧୧ ସ୍ୱର୍ଣ୍ଣ ସହ ୨୦ଟି ପଦକ ଜିତି ତାଲିକାର ପ୍ରଥମ ସ୍ଥାନରେ ରହିଛି। ଦଳ ୬ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ହାସଲ କରିଛି। ଆୟୋଜକ ଜାପାନ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ କାଂସ୍ୟ ସହ ୨୦ଟି ପଦକ ହାସଲ କରି ଦ୍ୱିତୀୟସ୍ଥାନରେ ରହିଛି। ଦକ୍ଷିଣ କୋରିଆ ୪ ସ୍ୱର୍ଣ୍ଣ ସହ ୧୪, କାଜାଖସ୍ତାନ ୩ ସ୍ୱର୍ଣ୍ଣ ସହ ୫, ଥାଇଲାଣ୍ଡ ୩ ସ୍ୱର୍ଣ୍ଣ ସହ ୩ ଓ ମ୍ୟାନ୍‌ମାର ୩ ସ୍ୱର୍ଣ୍ଣ ସହ ୩ଟି ପଦକ ଜିତି ପଦକ ତାଲିକାରେ ଯଥାକ୍ରମେ ତୃତୀୟରୁ ଷଷ୍ଠ ସ୍ଥାନରେ ରହିଛନ୍ତି। ପ୍ରଥମ ଦିନରେ ଭାରତ ୨ଟି ପଦକ ଜିତି ହଂକଂ ସହ ମିଳିତଭାବେ ୧୦ମ ସ୍ଥାନରେ ରହିଛି।

ସକାଳ
THE SAKALA
A unit of Nandighosha Network Pvt. Ltd.
URGENT HIRING
The Sakala (A unit of Nandighosha Network Pvt. Ltd.) invites application for the following position
C.T.P. Operator
Minimum 2-3 Yrs. experience
Please send your CV with recent passport size photo to
hr@thesakala.com
Sd/-
Asst. Manager HR

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS